R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୪
ତିଥି : ଦଶମୀ
୨୧ ଜୁନ୍ ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 254
21 June 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବର୍ଷପୂର୍ତ୍ତି : ୧୮ ୬୦୦ କୋଟିରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

## ଓଡ଼ିଶା ଆସିବା ଲାଗି ଟ୍ରମ୍ପଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ : ମୋଦି



ଭୁବନେଶ୍ୱର, ୨୦।୬ (ସବ୍ୟୁ) : ମହାପ୍ରଭୁ ଶ୍ରୀ ଜଗନ୍ନାଥ କେବଳ ଆମର ଆରାଧ୍ୟ ନୁହଁନ୍ତି, ପ୍ରେରଣା ମଧ୍ୟ। ମହାପ୍ରଭୁଙ୍କୁ ଭକ୍ତି ଓ ଓଡ଼ିଶାବାସୀଙ୍କୁ ଭଲପାଇବା ତଥା ମହାପ୍ରଭୁଙ୍କ ପବିତ୍ର ମାଟି ଓଡ଼ିଶା ଆସିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲି। ଦୁଇଦିନ ପୂର୍ବରୁ କାନାଡାରେ ଥିଲି। ଆମେରିକା ରାଷ୍ଟ୍ରପତି ଫୋନ୍ କରି କହିଥିଲେ ଯେ କାନାଡାରେ ଅଛନ୍ତି, ଆମେରିକା ଆସନ୍ତୁ। ତାଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲି। କାରଣ ମହାପ୍ରଭୁଙ୍କ ମାଟିକୁ ଯିବା ମୋ ପାଇଁ ଜରୁରୀ ବୋଲି ରାଜ୍ୟର ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଜନତା ମୈଦାନରେ ଏକ ବିଶାଳ ଭବ୍ୟ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮ ୬୦୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ବର୍ଷକର କାର୍ଯ୍ୟକୁ ବେଶ୍ ଭଲଭାବେ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାର ବର୍ଷକ ମଧ୍ୟରେ ଓଡ଼ିଶା ଭୋଟରମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜୁନ୍ ୨୦ ଏକ ସ୍ୱତନ୍ତ୍ର ଦିବସ। ରାଜ୍ୟର ବିଜେପି ସରକାର ବର୍ଷେ ପୂରଣ କରିଛି। ରାଜ୍ୟରେ ଭଲ ପ୍ରଶାସନ ଓ ଜନସେବା ଓ ଜନତାଙ୍କ ବିଶ୍ୱାସ ପ୍ରତିଷ୍ଠା ହୋଇଛି। ଓଡ଼ିଶାବାସୀ ତାଙ୍କ (୯ ପୃଷ୍ଠାରେ)

- ବିକାଶ ଓ ଐତିହ୍ୟ ମନ୍ତ୍ର ଭାରତର ପ୍ରଗତିର ଆଧାର
- ଭାରତୀୟ ସଭ୍ୟତାକୁ ଓଡ଼ିଶା ସମୃଦ୍ଧ କରିଛି
- ମାଓ ମୁକ୍ତ ହେବ ଭାରତ
- ଏକବିଂଶ ଶତାବ୍ଦୀରେ ଭାରତର ବିକାଶକୁ ପୂର୍ବ ଭାରତରୁ ଗତି ମିଳିବ
- ପୂର୍ବ ସରକାର ଓ କଂଗ୍ରେସକୁ ସମାଲୋଚନା କଲେ ପ୍ରଧାନମନ୍ତ୍ରୀ
- ଏକଦଶନ୍ଧି ଧରି ବିଜେପି ତାର ମଡେଲ ଦେଖାଇଛି
- ଲୋକଙ୍କ ଆଶା, ଆକାଂକ୍ଷାକୁ ପୂରଣ କରୁଛି ରାଜ୍ୟ ସରକାର

## ମୋଦିଙ୍କ ହାତରେ ଦେଶ ସୁରକ୍ଷିତ : ମୁଖ୍ୟମନ୍ତ୍ରୀ



- ୧୧ ବର୍ଷରେ ପ୍ରତି ଶ୍ରେଣୀର ଲୋକଙ୍କ ଉନ୍ନତି ହୋଇଛି
- ଅତି ଗରିବୀ ୨୭.୧%ରୁ ୫.୩%କୁ ହ୍ରାସ
- ଓଡ଼ିଶାବାସୀଙ୍କ ଭବିଷ୍ୟତ ଲାଗି ରୋଡ୍‌ମ୍ୟାପ କରିଛୁ
- ୧୪୦ ଦିନରେ ୧.୮୦ ଲକ୍ଷ କୋଟିର ଉଦ୍ୟୋଗ ଆରମ୍ଭ

ଭୁବନେଶ୍ୱର, ୨୦।୬ (ସବ୍ୟୁ) : ଓଡ଼ିଶାବାସୀଙ୍କ ପାଇଁ ଏକ ଗରିମାମୟ ଅବସର। ଏକ ବର୍ଷ ପୂର୍ବରୁ, ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ଓଡ଼ିଶାର ନୂତନ ସରକାର ଶପଥ ଗ୍ରହଣ କରିଥିଲା ଏବଂ ଏହି ସଫଳ ଏକ ବର୍ଷର ଯାତ୍ରା ପରେ, ଆଜି ଆପଣଙ୍କ ଉପସ୍ଥିତି ଆମ ସମସ୍ତଙ୍କ ମନୋବଳକୁ ବଢ଼ାଇଛି। ଆମ ସରକାର ଗଠନ ପରେ ଆପଣଙ୍କର ଏହା ଷଷ୍ଠ ଥର ଓଡ଼ିଶା ଆଗମନ। ଏହା ଆପଣଙ୍କର ଓଡ଼ିଶାପ୍ରତି ଭଲପାଇବା ଓ ଶୁଭେଚ୍ଛାର ପ୍ରତୀକ। କିଛି ଦିନ ପୂର୍ବରୁ ଆପଣଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ତାର ୧୧ ବର୍ଷର ଯାତ୍ରା ପୂର୍ଣ୍ଣ କଲା, ଏବଂ ତୃତୀୟ ଅବଧିର ପ୍ରଥମ ବର୍ଷ ମଧ ପୂରା କରିଛି। ମୁଁ ଗର୍ବ ଓ ଗୌରବର ସହିତ କହିବାକୁ ଚାହୁଁଛି ଯେ ଦେଶ ଆପଣଙ୍କ ହାତରେ ସୁରକ୍ଷିତ ଅଛି। ଆପଣଙ୍କ ନେତୃତ୍ୱରେ ଆମର ସେନାବାହିନୀ, ଆତଙ୍କବାଦୀ ଓ ସେମାନଙ୍କ ପୃଷ୍ଠପୋଷକଙ୍କ ଅସ୍ତିତ୍ୱ ହଜେଇ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅପରେସନ ସିନ୍ଦୁର" କେବଳ ଆତଙ୍କବାଦୀଙ୍କ ବିରୋଧରେ ଏକ ସେନା ଅଭିଯାନ ନୁହେଁ, ଏହା ଭାରତର ମାଆ, ଭଉଣୀ ଓ ଝିଅ (୯ ପୃଷ୍ଠାରେ)

## ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା

ବାଲେଶ୍ୱର/ଭୋଗରାଇ, ୨୦।୬ (ସବ୍ୟୁ) : ସୁବର୍ଣ୍ଣରେଖା ଉପରମୁଣ୍ଡରେ ବର୍ଷା ଲାଗିରହିବାରୁ ନଦୀର ପ୍ରଥମଥର ବନ୍ୟା ଦେଖାଦେଇଛି ।ଝାଡ଼ଖଣ୍ଡ ଗାଲୁଡ଼ିହି ଜଳାଧାରରୁ ଉଦବୃତ୍ତ ବର୍ଷାଜଳ ୮ ଟି ଗେଟରେ ପ୍ରତିସେକେଣ୍ଡରେ ୨ ଲକ୍ଷ ୪ ହଜାର କ୍ୟୁସେକ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେଉଥିବାର ସେଚ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଭଳି ସ୍ଥିତିରେ ନଦୀର ଜଳସ୍ତର ଆକସ୍ମିକ ବୃଦ୍ଧି ପାଇବାରୁ ଶୁକ୍ରବାର ସକାଳୁ ଉତ୍ତର ବାଲେଶ୍ୱର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକର ନଦୀକୂଳିଆ ଗ୍ରାମବାସୀଙ୍କୁ ଭୟଭୀତ କରିଛି । ସୁବର୍ଣ୍ଣରେଖାର ରାଜଘାଟ ଗେଜ ଠାରେ ଖବର ଲେଖା ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଇ ବିପଦ ସଂକେତ ୧୦.୩୬ ମି ଉର୍ଦ୍ଧ୍ୱରେ ୧୦.୮୮ ମି ରେ ପ୍ରବାହିତ ହେଉଛି । ଏହି ବନ୍ୟା ଜଳ ବୃଦ୍ଧିପାଇ ଶନିବାର ସକାଳ ୬ ଟା ପର୍ଯ୍ୟନ୍ତ ୧୧.୩୫ ରେ ପ୍ରବାହିତ ହେବ ବୋଲି ସିଡ଼ବ୍ଲୁସି ସୂଚନା ଦେଇଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବାଲିଆପାଳ, ବାସ୍ତା ଓ ଭୋଗରାଇ ବ୍ଲକ୍‌ରେ ବନ୍ୟା ସଦୃଶ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଜିଲ୍ଲାପାଳ ବର୍ତ୍ତମାନ ସ୍ଥିତି ବିଷୟରେ ଆଲୋଚନା ପାଇଁ ଶୁକ୍ରବାର ପ୍ରାତଃ ୧୧ଟାରେ ଏକ ଆପାତକାଳୀନ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକ ଆହ୍ୱାନ କରିଥିଲେ ।ଏହି ବୈଠକରେ ଉଲ୍ଲେଖିତ ବ୍ଲକ୍‌ର ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କୁ ୨୪ ଘଣ୍ଟା ଆଲର୍ଟ୍‌ରେ ରହିବା ଏବଂ କ୍ଷେତ୍ର ଅଧିକାରୀ ମାନଙ୍କୁ ସଜାଗ ରହିବାକୁ କହିବା ସହିତ ସ୍ୱୟଂ ବ୍ୟକ୍ତିଗତ ଭାବେ ସଂବେଦନଶୀଳ ଅଞ୍ଚଳକୁ ଯାଇ ସ୍ଥିତିର ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ନିମ୍ନଭୂମି ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକମାନେ ସତର୍କ ରହିବାକୁ ଏବଂ ପରିସ୍ଥିତି ଅଧିକ (୯ ପୃଷ୍ଠାରେ)

## ଏନକାଉଣ୍ଟରରେ ୨ ମାଓବାଦୀ ମୃତ

ମାଲକାନଗିରି, ୨୦।୬ (ସବ୍ୟୁ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାର ଛୋଟାବେଠିଆ ଅଞ୍ଚଳରେ ଶୁକ୍ରବାର ସକାଳେ ପୁଲିସ ଯବାନ-ମାଓବାଦୀ ମଧ୍ୟରେ ଗୁଳିବିନିମୟ ଘଟିଛି । ପ୍ରାୟ ଅଧ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା । ପରେମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରେ ସର୍ଚ୍ଚ ଅପରେସନବେଳେ ଜଣେ ମହିଳା ମାଓବାଦୀ ସମେତ ଦୁଇଜଣଙ୍କ ଶବ ଉଦ୍ଧାର କରାଯାଇଥିଲା । ଏଥି ସହ ବନ୍ଧୁକ ଓ ମାଓ ସାମଗ୍ରୀ ମଧ୍ୟ ଜବତ ହୋଇଛି । ଏବେ ବି ସର୍ଚ୍ଚ ଅପରେସନ ଜୋରଦାର ଚାଲିଛି । ମୃତ ମାଓବାଦୀଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ ।

## ସମନ୍ୱିତ ପ୍ରଚେଷ୍ଟା ବଳରେ ଥମୁଛି ଡାଇରିଆ

ଭୁବନେଶ୍ୱର, ୨୦।୬ (ସବ୍ୟୁ) : ବିଭିନ୍ନ ବିଭାଗ ମାନଙ୍କର କ୍ଷେତ୍ର ସ୍ତରରେ ସମନ୍ୱିତ ଏବଂ ଏକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଡାଇରିଆ ସ୍ଥିତିରେ ସୁଧାର ଆସିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱିଥି ଏସ ଙ୍କ ସମୀକ୍ଷାରୁ ଏହା ଜଣାପଡ଼ିଛି ।

ସମୀକ୍ଷାରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଥିଲେ ଯେ ଯାଜପୁର ଜିଲ୍ଲାରେ ଚଳିତ ମାସ ୧୦ ତାରିଖ ଦିନ ଦେଖା ଦେଇଥିବା ଡାଇରିଆ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସିଛି । ଗତ ୭ ଦିନ ମଧ୍ୟରେ ବିଭିନ୍ନ ଡାକ୍ତରଖାନାମାନଙ୍କରେ ସଂକ୍ରମିତ ଡାଇରିଆ ରୋଗୀଙ୍କ ଆଡ଼ମିଶନରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି । ଜୁନ୍ ୧୦ ତାରିଖ ଦିନ ୧୨୬ ଜଣ ଆକ୍ରାନ୍ତ ହୋଇଥିଲେ । ଜୁନ୍ ୧୧ ତାରିଖ ଦିନ ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସ ନଗର ପୌରାଞ୍ଚଳ ଆଦି ଅଞ୍ଚଳରୁ ୧୫୦ ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଆଡ଼ମିଶନ ହୋଇଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଓ ନଗର ଉନ୍ନୟନ, ମହିଳା ଓ (୯ ପୃଷ୍ଠାରେ)

### କ୍ଷେତ୍ରସ୍ତରୀୟ ଅଭିଯାନ ଜାରି ରଖ : ସ୍ୱାସ୍ଥ୍ୟମନ୍ତ୍ରୀ

### ମାହାଙ୍ଗାରେ ୧୩୪ ଆକ୍ରାନ୍ତ : ଜଣେ ମୃତ

କୁଆଁପାଳ :୨୦।୬(ସବ୍ୟୁ) ମାହାଙ୍ଗା ବ୍ଲକ ଅଂଚଳରେ ଏବେ ଦିନକୁ ଦିନ ଝାଡାବାନ୍ତି ବଢିବାରେ ଲାଗିଛି।ଯାହାକୁ ନେଇ ମାହାଙ୍ଗା ମେଡିକାଲ ପକ୍ଷରୁ ତତ୍ପରତା ଦେଖାଦେଇଛି। ଗତ ୧୩ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୧୩୪ ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୪ ଜଣ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୯ ଜଣ ମାହାଙ୍ଗା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କଟକକୁ ସ୍ଥାନାନ୍ତର ହୋଇଥିବା ୪ ଜଣଙ୍କ ମଧ୍ୟରୁ ଜଣେ କଟକରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ସେ ମଉଦା ପଂଚାୟତ କ୍ଷେତ୍ରପାଳ ଗ୍ରାମର ଅଜୟ ନାୟକ ବୋଲି ଜଣାପଡିଛି। ଅଜୟଙ୍କ ମୃତ୍ୟୁପରେ ମଉଦା ଅଂଚଳରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ ମଉଦାରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ପରିବେଶ ପରିଚ୍ଛନ୍ନତା ,ଓଆରଏସ ,ବ୍ଲିଚିଙ୍ଗ ,ଔଷଧ ଆଦି ବଂଟନ କରିବା ସହ ସଚେତନତା (୯ ପୃଷ୍ଠାରେ)

### ବଡଚଣା, ଧର୍ମଶାଳାରେ ୪୬ ନୂଆ ରୋଗୀ



ଚଣ୍ଡିଖୋଲ, ୨୦।୬ (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳାରେ ଡାଇରିଆ ନିୟନ୍ତ୍ରଣରେ ଥିଲେ ସୁଦ୍ଧା ରୋଗର ପ୍ରକୋପ ଥମିବାର ନା ଧରୁନା ଏହି ଦୁଇ ବ୍ଲକ ଅଞ୍ଚଳରେ ପୂର୍ବପରି ଦୈନିକ ରୋଗୀଙ୍କ ସଂଖ୍ୟା ବଢି ଚାଲିଛି। ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ପରେ ଯେତିକି ରୋଗୀ ସୁସ୍ଥହୋଇ ଫେରୁଛନ୍ତି ତାଠାରୁ ଅଧିକ ରୋଗୀ (୯ ପୃଷ୍ଠାରେ)

## ଚିକିତ୍ସା ଲାଗି ମୁମ୍ବାଇ ଗଲେ ନବୀନ

### ହଜାର ହଜାର ଶୁଭେଚ୍ଛୁଙ୍କ ଆଶୁ ଆରୋଗ୍ୟ କାମନା



ଭୁବନେଶ୍ୱର, ୨୦।୬ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇ ଆଜି ମୁମ୍ବାଇ ଯାଇଛନ୍ତି। ଆସନ୍ତା ୨୨ ତାରିଖ ମୁମ୍ବାଇର କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଜିକାଲ ଆଥ୍ରାଇଟିସର ଚିକିତ୍ସା କରାଯିବ। ନବୀନ ଆଜି ମୁମ୍ବାଇ ଯିବା ଖବର ପାଇବା ପରେ ତାଙ୍କର ଆଶୁ ଆରୋଗ୍ୟ କାମନା ପାଇଁ ଶତାଧିକ ଶୁଭେଚ୍ଛୁ ନବୀନ ନିବାସ ଓ ବିମାନ ବନ୍ଦର ଯାଏ ଛୁଟି ଆସିଥିଲେ। ନବୀନ ନିବାସରୁ ବିମାନ ବନ୍ଦର ଯାଏ ଲୋକାରଣ୍ୟ ହୋଇଥିଲା। ତାଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିଥିଲେ।

ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯିବେ ବୋଲି ସୋସିଆଲ ମିଡିଆରେ ସେ ପ୍ରଥମେ ସୂଚନା ଦେଇଥିଲେ। ଏହି ସୂଚନା ଆସିବା ପରେ ଲକ୍ଷାଧିକ ସମର୍ଥକ ତାଙ୍କର ଆଶୁ ଆରୋଗ୍ୟ କାମନା କରି ମନ୍ଦିରରେ ପ୍ରାର୍ଥନା କରିବା ସହ ଦୀପ ଜାଳିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ନବୀନଙ୍କ ସହ ଆଲୋଚନା କରି ତାଙ୍କ ଶୁଭ ମନାସିଥିଲେ। (୯ ପୃଷ୍ଠାରେ)

NIIS INSTITUTE OF ENGINEERING & TECHNOLOGY
(Approved by AICTE, Govt. of India, Affiliated to BPUT & SCTE&VT, Govt. of Odisha)
Member institute of NIIS Group of Institutions
Celebrating 26 Years of Excellence in Education @ NIIS

B.Tech.
- Civil Engineering
- Electrical Engineering
- Mechanical Engineering
- Computer Science Engineering (CSE)
- Electrical and Electronic Engineering (EEE)
- Electronics and Computer Engineering (ECE)
- Artificial Intelligence & Machine Learning (AI&ML)

Diploma
- Civil
- Electrical
- Mechanical
- Computer Science

MCA

Few Lateral seat in B.Tech & Diploma also available

- Special scholarship for Meritorious students.
- Reservation for Girl Students.
- In campus Hostel facilities.

Campus: At/Po- Chhatabar, Bhubaneswar-752054
E.mail - contactus@niisgroup.org | Visitus: www.niisgroup.org
Contact: 9778899990 / 9778899991

# ଅଷ୍ଟାଙ୍ଗ ଯୋଗ

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ । ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି । ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ । ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ । ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି । ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି । ବିଭୁତି ପାଦ ଆଧ୍ୟାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ । ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଲିଷ୍ଟ । ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ର ଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଷଟ୍ ଚକ୍ର ଅଛି । ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ । କୁଣ୍ଡଳିନୀ ଏହି ଷଡ଼ ଚକ୍ରକୁ ଭେଦ କରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମ ଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ । ଯୋଗସୂତ୍ର ଅନୁଯାୟୀ ପାଞ୍ଚଟି ଯମ ରହିଛି । ଏଗୁଡ଼ିକ ହେଉଛି – ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ । ପାଞ୍ଚଯମ ମଧ୍ୟରୁ ଅହିଂସାକୁ ସର୍ବୋନ୍ନମ ବୋଲି ସ୍ୱୀକାର କରାଯାଏ । ଅନ୍ୟ ଚାରି ଯମ ପାଳନ କରିବା ପାଇଁ ଅହିଂସା ଭାବକୁ ସୁଦୃମ କରିବାକୁ ହୁଏ । ଜନନେନ୍ଦ୍ରିୟ ଦ୍ୱାରା ସଂଯମ ରକ୍ଷାକୁ ବ୍ରହ୍ମଚର୍ଯ୍ୟ କୁହାଯାଏ । ଅନ୍ୟ ଯେ କୌଣସି ଇନ୍ଦ୍ରିୟ ତୁଳନାରେ ଜନନେନ୍ଦ୍ରିୟ କାମ ଭାବନାକୁ ଅଧିକ ପ୍ରଲୁବ୍ଧ କରେ । ତେଣୁ ସବୁ ଇନ୍ଦ୍ରିୟକୁ ଶାନ୍ତ ରଖିବା ପାଇଁ ଜନନେନ୍ଦ୍ରିୟ ଉପରେ ସଂଯମ ରଖିବା ଆବଶ୍ୟକ । ଧ୍ୟାନ ସମୟରେ ମନ ଅନ୍ୟାନ୍ୟ ବିଷୟରୁ ଅଲଗା ହୋଇ କେବଳ ଧେୟ ବିଷୟରେ ସ୍ଥିର ହୁଏ । ଧ୍ୟାନ ମନକୁ ଶାନ୍ତ ଏବଂ ଏକାଗ୍ର କରି ଅନ୍ତର୍ମୁଖୀ କରିବାର ଏକ ଅନନ୍ୟ ବିଦ୍ୟା । ଏହା ସାଧକ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ରାଗ, ଦ୍ୱେଷ, ଅହଂକାର ଆଦି ବିକାରକୁ କ୍ଷୀଣ କରିଦିଏ । ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ର ଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଷଟ୍ ଚକ୍ର ଅଛି । ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ । କୁଣ୍ଡଳିନୀ ଏହି ଷଡ଼ ଚକ୍ରକୁ ଭେଦ କରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମ ଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ ।



**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
**ଦୂରଭାଷ – ୯୪୩୭୦୫୧୯୫୭**

# ମସ୍ତିଷ୍କ କରିଥାଏ ଗ୍ଲୋ



ମଣିଷ ଯାହା ଭାବିଥାଏ ଏହାର ସମସ୍ତ ପ୍ରକାର ନିୟନ୍ତ୍ରଣ ଓ ପ୍ରଭାବ ମସ୍ତିଷ୍କ ଉପରେ ରହିଥାଏ । ତେବେ ମଣିଷର ମସ୍ତିଷ୍କରେ ଏକ ପ୍ରକ୍ରିୟା ଘଟିଥାଏ ଯାହାର ନାଁ ହେଉଛି ବାୟୋଫୋଟନ ଏମିସନ । ଏହି ପ୍ରକ୍ରିୟାଟି ମସ୍ତିଷ୍କରୁ ବାହାରୁ ଥିବା ଲାଇଟ୍‌କୁ କୁହାଯାଏ । ଏହି ଲାଇଟ୍ ଆମ ଖାଲି ଆଖିକୁ ଦେଖା ନଗଲେ ମଧ ଏହା ଏକ ବାୟୋଲୋଜିକାଲ ପ୍ରକ୍ରିୟା । ନିକଟରେ କାନାଡାର କିଛି ବୈଜ୍ଞାନିକ ଏନେଇ ଗବେଷଣା କରି ଏହି ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ କରିଛନ୍ତି । ଏହି ଲାଇଟ୍‌ର ଗ୍ଲୋ ମସ୍ତିଷ୍କରେ ହେଉଥିବା ବିଭିନ୍ନ ଆକ୍ଟିଭିଟି ଉପରେ ନିର୍ଭର କରିଥାଏ । ତେବେ ଯଦି ମସ୍ତିଷ୍କରେ ଖୁସି ଭାବନା ଥାଏ ତେବେ ଏହା ଗ୍ଲୋ ଭିନ୍ନ ହୋଇଥାଏ, ସେହିଭଳି ଦୁଃଖ କିମ୍ବା ମାନସିକ ଚାପରେ ଥିବା ସମୟରେ ଭିନ୍ନ ରହିଥାଏ ବୋଲି ଜଣା ପଡ଼ିଛି । ଏହି ତଥ୍ୟକୁ ବ୍ୟବହାର କରି ବର୍ତ୍ତମାନ ମଣିଷଙ୍କର ମାନସିକ ସ୍ଥିତି ବିଷୟରେ ଅଧିକ ତଥ୍ୟ ଜାଣିହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

## ଇତିହାସ

(୨୧ ଜୁନ୍) (ଅନ୍ତର୍ଜାତୀୟ ଯୋଗ ଦିବସ)

୧୭୬୮– ପ୍ରଥମ ଆମେରିକୀୟ ରୂପେ ଜନ୍ ଆର୍ଚର୍ ମେଡିକାଲ୍‌ରେ ବ୍ୟାଚେଲର ଡିଗ୍ରୀ ହାସଲ କଲେ ।

୧୮୬୨– ଜ୍ଞାନେନ୍ଦ୍ର ମୋହନ ଟାଗୋର ଓକିଲାତି ଡିଗ୍ରୀ ହାସଲ କରିବାରେ ପ୍ରଥମ ଭାରତୀୟ ରୂପେ ପରିଚିତ ହେଲେ ।

୧୯୩୩– ଭାରତୀୟ ପ୍ରସିଦ୍ଧ ଲେଖକ, ଔପନ୍ୟାସିକ, ନାଟ୍ୟକାର, ଆଲୋଚକ ତଥା ବ୍ୟଙ୍ଗକାର ମୁଦ୍ରାରାକ୍ଷସଙ୍କ ଜନ୍ମ ।

୧୯୪୯– ରାଜସ୍ଥାନ ଉଚ୍ଚତମ ନ୍ୟାୟାଳୟର ସ୍ଥାପନା କରାଗଲା ।

୧୯୫୭– କାନାଡାର ପ୍ରଥମ ମହିଳା କ୍ୟାବିନେଟ୍ ମନ୍ତ୍ରୀ ରୂପେ ଏଲେନ୍ ଫେୟାର୍‌କ୍ଲୋ ଶପଥ ଗ୍ରହଣ କଲେ ।

୧୯୭୫– ୱେଷ୍ଟଇଣ୍ଡିଜ୍ ଦଳ ପ୍ରଥମ ବିଶ୍ୱକପ୍ ବିଜୟୀ ହେଲା ।

୧୯୯୧– ପିଭି ନରସିଂହ୍ମା ରାଓ ଭାରତର ନବମ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଲେ ।

୧୯୯୯– ମନମୋହନ ସିଂହ ଭାରତର ଅର୍ଥମନ୍ତ୍ରୀ ହେଲେ ।


୨୦୦୯– ଭାରତୀୟ ବ୍ୟାଡ଼୍‌ମିଣ୍ଟନ୍ ଖେଳାଳି ସାଇନା ନେହ୍ୱାଲ ସୁପର ସିରିଜ୍ ବ୍ୟାଡ଼୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଟାଇଟେଲ୍ ହାସଲ କଲେ । ଏପରି କରିବାରେ ସେ ପ୍ରଥମ ଭାରତୀୟ ମହିଳା ।

# ଶିଳ୍ପ ଆବର୍ଜନା ପାଲଟୁଛି ପଥର

ଆବର୍ଜନା କାରଣରୁ ପୃଥିବୀର ସବୁଠାରୁ ଅଧିକ କ୍ଷତି ଘଟୁଛି । ପ୍ରଦୂଷଣର ପ୍ରଥମ କାରଣର ସାଜିଛି ବିଭିନ୍ନ ପ୍ରକାର ଆବର୍ଜନା । ବର୍ତ୍ତମାନ ଆମ ଆଖପାଖ ଏପରିକି ମହାକାଶରେ ମଧ ଆବର୍ଜନା ଯମୁଛି, ଯାହା ଚିନ୍ତାର କାରଣ ପାଲଟିଛି । ତେବେ ମିଳିଥିବା ସୂଚନା ଅନୁସାରେ ଶିଳ୍ପ ଅଞ୍ଚଳରୁ ବାହାରୁଥିବା ଆବର୍ଜନା ପଥରରେ ପରିଣତ ହେଉଛି, ତାହାପୁଣି ୩୫ ବର୍ଷ ଭିତରେ । ଷ୍ଟିଲ୍ ତିଆରି କାରଖାନାରୁ ବାହାରୁଥିବା ଆବର୍ଜନା ସ୍ଲାଗ୍ ଯେଉଁଥିରେ ଅକ୍ସିଡାଇଜ୍ଡ କ୍ୟାଲସିଅମ, ଆଇରନ, ସିଲିକନ୍ ଓ ମ୍ୟାଗ୍ନେସିଅମ ରହିଥାଏ । ଏହି ଆବର୍ଜନା ଗୁଡ଼ିକ ପରିବର୍ତ୍ତିତ ହୋଇ ପଥରରେ ପରିଣତ ହେଉଥିବା ଜଣା ପଡିଛି । ତେବେ ପୂର୍ବରୁ ଏହି ପ୍ରକ୍ରିୟାକୁ ଅନେକ ବର୍ଷ ଲାଗୁଥିଲା ହେଲେ ବର୍ତ୍ତମାନ ଏହା ମାତ୍ର ୩୫ ବର୍ଷରେ ପରିଣତ ହେଉଛି, ଯାହା ଚିନ୍ତାର କାରଣ ପାଲଟିଛି । ତେଣୁ ବର୍ତ୍ତମାନ ଆମକୁ ଆବର୍ଜନାକୁ ନେଇ କିଛି ବଡ ପଦକ୍ଷେପ ନେବାର ଆବଶ୍ୟକତା ରହିଛିବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ସୋସିଆଲ କୋଟ୍ସ



"ଐଶ୍ୱର୍ଯ୍ୟାଙ୍କର ମୁଁ ସବୁଠାର ବଡ ଫ୍ୟାନ । ମୁଁ ମୋ ଲକର ରୁମ୍‌ରେ ତାଙ୍କ ଫଟୋ ଲଗାଇଥିଲି । ଯେତେବେଳେ ତାଙ୍କ ସହିତ ଫିଲ୍ମ ମିଳିଲା ଖୁବ ଖୁସି ହୋଇଥିଲି ।

**ଜାୟଦ ଖାନ୍, ଅଭିନେତା**




"ଆମିର ଖାନ୍ ପରଫେକ୍ସନିଷ୍ଟ ଅଟନ୍ତି, ସେ ତାଙ୍କର ସବୁକାର୍ଯ୍ୟ ଖୁବ ସଠିକ୍ ଢଙ୍ଗରେ କରିଥାଆନ୍ତି । ତେଣୁ ବିବାହକୁ ମଧ ସେହିଭଳି ପରଫେକ୍ଟ କରିବେ ।

**ସଲମାନ ଖାନ୍, ଅଭିନେତା**



"ବଲିଉଡରେ କେହି ସେହନଶାହ ନାହାନ୍ତି । ଏଠି ଅନେକ ତଥ୍ୟ ମିଛ ଥାଏ । ନିଜର ଇଗୋକୁ ସନ୍ତୁଷ୍ଟ କରିବାକୁ ବକ୍ସ ଅଫିସର କଲେକସନ୍ ନମ୍ବର ମିଛରେ ବଢାଯାଇଥାଏ ।

**ବିବେକ ଅଗ୍ନିହୋତ୍ରୀ, ଫିଲ୍ମମେକର**




# ସେଲ୍ଫି କ୍ୟାମେରା ଚିହ୍ନିବ ଅବସାଦ

ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ପ୍ରକ୍ରିୟାର ଉଦ୍ଭାବନ କରିଥାଆନ୍ତି ଯାହା ମଣିଷକୁ ହେଉଥିବା ଭିନ୍ନଭିନ୍ନ ରୋଗକୁ ସହଜରେ ଚିହ୍ନିଥାଏ । ତେବେ ସେହିଭଳି ଏକ ପ୍ରକ୍ରିୟା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସେମାନେ ଏକ ଆପର ଉଦ୍ଭାବନ କରିଛନ୍ତି ଯାହା ରୋଗୀଙ୍କର ମୁହଁର ଭାବକୁ ସମୀକ୍ଷା କରି ସେମାନଙ୍କ ମନରୁ ଭାବକୁ ଜାଣୁଛନ୍ତି । ଏହା ସେମାନଙ୍କର ଡିପ୍ରେସନ ରୋଗର ଚିକିତ୍ସାରେ ଖୁବ ସହାୟକ ହେଉଥିବା ଜଣା ପଡିଛି । ଏହି ଆପ୍‌ର ନାଁ ରହିଛି ଏମ୍ପୋର୍ଟ । ଫ୍ରାନ୍ସର ଏକ କମ୍ପାନୀ ଏହାକୁ ପ୍ରସ୍ତୁତ କରିଥିବା ଜଣା ପଡିଛି । ତେବେ ଏହି ଆପରେ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ସୁରକ୍ଷାର ସମ୍ପୂର୍ଣ୍ଣଧ୍ୟାନ ରଖାଯାଇଥିବା କୁହାଯାଇଛି । ଏହା ଡାକ୍ତରମାନଙ୍କୁ ମାନସିକ ସ୍ତରରେ ଅସୁସ୍ଥ ଥିବା ରୋଗୀଙ୍କର ଚିକିତ୍ସା କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି ।

# ଭାରତର ଦୀର୍ଘତମଟ୍ରେନ

ଟ୍ରେନ୍ ଯାତ୍ରା ଭାରତରେ ଖୁବ ପରିଚିତ । ଭାରତରେ ବିଭିନ୍ନ ପ୍ରକାରର ଟ୍ରେନ୍ ଦେଖିବାକୁ ମିଳିଥାଏ ଲୋକାଲ ପାସେଞ୍ଜର ଠାରୁ ଆରମ୍ଭ କରି ଏକ୍ସପ୍ରେସ ସବୁ ପ୍ରକାରର ଟ୍ରେନର ବ୍ୟବହାର ଭାରତୀୟ କରିଥାଆନ୍ତି । ତେବେ ଭାରତରେ ଚାଲୁଥିବା ବିଭିନ୍ନ ପ୍ରକାର ଟ୍ରେନ୍ ଭିତରେ ରହିଛି ସବୁଠାରୁ ଲମ୍ବା ଟ୍ରେନ୍ ଯାହା ଅନେକ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଏହି ଟ୍ରେନ୍‌ର ନାଁ ହେଉଛି ସୁପର ବାସୁକି ଯାହା ଏକ ମାଲବାହୀ ଟ୍ରେନ । ଏହି ଟ୍ରେନ୍‌ଟି ଏତେ ଲମ୍ବା ଯେ ଏହାର ବଗି ଗଣିଲେ ସରି ବନି, ସୂଚନା ଅନୁସାରେ ଏହି ଟ୍ରେନ୍‌ର ବଗି ସଂଖ୍ୟା ୨୯୫ । ସେହିଭଳି ଏହି ଟ୍ରେନ୍‌କୁ ୬ଟି ଇଞ୍ଜିନ ଟାଣିଥାଆନ୍ତି । ଏହି ଟ୍ରେନଟିର ଲମ୍ବ ପାଖାପାଖି ୩.୫ କିମି । ୨୦୨୨ରେ ଏହି ଟ୍ରେନ୍‌ଟି ଟ୍ରାକରେ ଗଡିବା ଆରମ୍ଭ କରିଥିଲା । ଏହି ଟ୍ରେନଟି ଗୋଟିଏ ଥରରେ ପାଖାପାଖି ୨୭ ହଜାର ଟନ୍‌ର କୋଇଲା ବୋହି ପାରିବ । ଏହି ଟ୍ରେନ୍‌ଟି ଛତିଶଗଡରୁ ମହାରାଷ୍ଟ୍ରକୁ ଯିବାଆସିବା କରିଥାଏ, ଏହି ରାସ୍ତାକୁ ଟ୍ରେନ୍‌ଟି ୧୧ ଘଣ୍ଟାରେ ସାରିଥାଏ ।





# ନୂଆ ପ୍ରୋଜେକ୍ଟରେ ଅକ୍ଷୟ

ଅକ୍ଷୟ କୁମାର ହେଉଛନ୍ତି ବି ଟାଉନ୍‌ର ଅଭିନେତାଙ୍କ ଭିତରେ ସବୁଠାରୁ ଅଧିକ ପରିଶ୍ରମ କରୁଥିବା ଅଭିନେତା । ୨୦୨୫ରେ ବର୍ତ୍ତମାନସୁଦ୍ଧା ତାଙ୍କର ୩ଟି ପ୍ରୋଜେକ୍ଟ ଆସି ସାରିଥିବାବେଳେ ଆଗକୁ ଆହୁରି ପ୍ରୋଜେକ୍ଟ ଆସିବା ବାକି ଅଛି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଖୁବଶୀଘ୍ର ତାଙ୍କୁ ଜଲି ଏଲ୍‌ଏଲ୍‌ବି ୩ରେ ଦେଖିବାକୁ ମିଳିବ । ଏହି ଫିଲ୍ମର କାହାଣୀ ସତ ଘଟଣା ଉପରେ ଆଧାରିତ ହେବ ବୋଲି ଅକ୍ଷୟ ନିଜେ ସୂଚନା ଦେଇଛନ୍ତି । ଏହା ପୂର୍ବରୁ ଦୁଇଟିଯାକ ଭାଗ ମଧ ସତ ଘଟଣା ଉପରେ ଆଧାରିତ ଥିଲା । ଏହି ପାର୍ଟରେ ଦର୍ଶକ ଅର୍ଶଦ ବର୍ସି ଓ ଅକ୍ଷୟଙ୍କୁ ଏକାଠି ଦେଖିବେ । ଅର୍ଶଦଙ୍କ କମେଡି ଟାଇମିଂର ଅକ୍ଷୟ ଖୁବ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି । ସେହିଭଳି ସୁଟିଂ ସମୟରେ ଉଭୟ ଖୁବ ମଜା କରିଥିବା ପ୍ରକାଶ କରିଛନ୍ତି । ସେହିଭଳି ଏହି ଖବର ଜଣା ପଡିବା ପରେ ଜଲି ଏଲ୍‌ଏଲ୍‌ବି ଫିଲ୍ମ ସିରିଜ୍‌ର ଫ୍ୟାନମାନେ ଖୁବ ଉତ୍ସାହିତ ଅଛନ୍ତି । ସେମାନେ ମଧ ଉତ୍କଣ୍ଠାର ସହିତ ଫିଲ୍ମର ରିଲିଜ୍‌କୁ ଅପେକ୍ଷା କରିଛନ୍ତି ।

DSPL-130



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୫

**୨୧ ଜୁନ୍ ୨୦୨୫ | ସକାଳ ୬.୦୦ ଘଟିକା**

କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର

**ମୁଖ୍ୟ ଅତିଥି**

## ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ

## "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ" ପାଇଁ ଯୋଗ

ନିୟମିତ ଯୋଗ କରନ୍ତୁ, ସୁସ୍ଥ ରହନ୍ତୁ



OIPR: 29001/13/0091/2526

କ୍ରୀଡ଼ା ଏବଂ ଯୁବ ସେବା ବିଭାଗ, ଓଡ଼ିଶା ସରକାର

# ଆରମ୍ଭରୁ ଆଉ ଶେଷରେ ବି 'ଜୟ ଜଗନ୍ନାଥ'

ଭୁବନେଶ୍ୱର(ସବ୍ୟୁ): ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ, ଜୟ ଜଗନ୍ନାଥରେ ଭାଷଣ ଶେଷ କରିଥିଲେ । ଓଡିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ମହାପ୍ରଭୁ ଜଗନ୍ନାଥ ଏବଂ ମହାପ୍ରଭୁଙ୍କ ପବିତ୍ର ମାଟି ଓଡିଶା କଥା କହିଛନ୍ତି । ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତି ଏବଂ ଓଡିଶାବାସୀଙ୍କ ଭଲପାଇବା ତାଙ୍କୁ କେମିତି କାନାଡାରୁ ଓଡିଶା ନେଇ ଆସିଲା ତାହା ଜନତା ମୈଦାନର ଜନସଭାରେ ବଖାଣିଛନ୍ତି ପ୍ରଧାନମନ୍ତ୍ରୀ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ, ଦୁଇ ଦିନ ତଳେ ମୁଁ କାନାଡାରେ ଜି-୭ ସମ୍ମିଳନୀରେ ଯୋଗ ଦେବାକୁ ଯାଇଥିଲି । ସେତେବେଳେ ମୋତେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋନ କରିଥିଲେ ଆଉ କହିଥିଲେ, କାନାଡା ଆସିଛନ୍ତି ଯେତେବେଳେ, ଟିକେ ୱାସିଂଟନ ହେଇକି ଯାଆନ୍ତୁ । ସାଙ୍ଗ ହୋଇ ଖାଇବା, କଥା ହେବା । ସେ ମୋତେ ସାଦରେ ନିମନ୍ତ୍ରଣ କରିଥିଲେ । ହେଲେ ମୁଁ ଟ୍ରମ୍ପଙ୍କୁ କହିଥିଲି, ନିମନ୍ତ୍ରଣ ପାଇଁ ବହୁତ ବହୁତ ଧନ୍ୟବାଦ । ମୋତେ ମହାପ୍ରଭୁଙ୍କ ମାଟିକୁ ଯିବାର ଅଛି, ସେଠାକୁ ଯିବା ବହୁତ ଜରୁରୀ । ସେଥିପାଇଁ ମୁଁ ତାଙ୍କ ନିମନ୍ତ୍ରଣକୁ ନମ୍ରତାର ସହ ମନା କରିଦେଇଥିଲି । ଆଉ ଆପଣଙ୍କ ଭଲ ପାଇବା ଏବଂ ମହାପ୍ରଭୁଙ୍କ ପ୍ରତି ମୋର ଭକ୍ତି ମୋତେ ଏଠାକୁ ଟାଣି ଆଣିଛି ।

ମୋଦୀଙ୍କ ମୁହଁରୁ ଏତିକି ଶୁଣିବା ପରେ ସମବେତ ଜନତା ଜୟ ଜଗନ୍ନାଥ ନାରା ଦେଇଥିଲେ । ଆଉ ଜଗନ୍ନାଥଙ୍କ ନାରାରେ କମ୍ପିଥିଲା ଜନତା ମୈଦାନ । ଜଗନ୍ନାଥଙ୍କ କଥା କହିବା ବେଳେ ମୋଦି କହିଥିଲେ, ଏହା ଏକ ସଂଯୋଗ । ଯେତେବେଳେ ଓଡ଼ିଶାରେ ବିଜେପି ସରକାର ଗୋଟିଏ ବର୍ଷ ପୂରଣ କରୁଛି ସେତେବେଳେ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାର ପ୍ରସ୍ତୁତି ଚାଲିଛି । ମହାପ୍ରଭୁ ଆମ ପାଇଁ ଆରାଧ୍ୟ ବି ପ୍ରେରଣା ବି । ଆଉ ମହାପ୍ରଭୁଙ୍କ ଆଶୀର୍ବାଦରୁ ଶ୍ରୀଜଗନ୍ନାଥ ମନ୍ଦିର ସହ ଜଡ଼ିତ ସମସ୍ୟାର ସମାଧାନ ମଧ୍ୟ ହୋଇପାରିଛି । କୋଟି କୋଟି ଭକ୍ତଙ୍କ ନିବେଦନର ମାନ ରଖିଛନ୍ତି ମୋହନ ସରକାର । ବିଜେପି ସରକାରକୁ ଆସୁ ଆସୁ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଇଥିଲା । ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିଛି । ଏହା କୌଣସି ରାଜନୈତିକ ଜୟବିଜୟର ବିଷୟ ନୁହେଁ । ଏହା କୋଟି କୋଟି ଭକ୍ତଙ୍କ ଆସ୍ଥାକୁ ସମ୍ମାନ ଦେବାର କର୍ତ୍ତବ୍ୟ ।





## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଆରମ୍ଭ

### ପ୍ରତି ଐତିହ୍ୟ ଗାଁର ବିକାଶ ଲାଗି ଖର୍ଚ୍ଚ ହେବ ୧୫ କୋଟି


ଭୁବନେଶ୍ୱର(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ପ୍ରଧାନମନ୍ତ୍ରୀ ଏହି ଯୋଜନାରେ ଓଡ଼ିଶାର ବରପୁତ୍ରମାନଙ୍କର ଜନ୍ମସ୍ଥଳୀର ବିକାଶ କରାଯିବ । ପ୍ରତ୍ୟେକ ଐତିହ୍ୟ ଗ୍ରାମ ପାଇଁ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ସମ୍ପୂର୍ଣ୍ଣ ଯୋଜନାରେ ପ୍ରାୟ ୩୧୯ କୋଟି ଟଙ୍କା ବିନିଯୋଗ ହେବ । ଏହି ଯୋଜନାରେ ବରପୁତ୍ର ମାନଙ୍କ ଜନ୍ମସ୍ଥଳୀରେ ପୂର୍ବ ପୁରୁଷଙ୍କର ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରିବା, ପ୍ରତିମୂର୍ତ୍ତି ସ୍ଥାପନା କରିବା, ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା କରିବା, ଶିଶୁ ଉଦ୍ୟାନ, କାରୁକଳା ଓ ପାକଶାଳା ଷ୍ଟଲ୍, ଇତ୍ୟାଦି ନିର୍ମାଣ, ଗ୍ରନ୍ଥାଗାର ନିର୍ମାଣ, ସମ୍ମିଳନୀ କକ୍ଷ, ଖୋଲା ଆକାଶ ନାଟ୍ୟମଞ୍ଚ ନିର୍ମାଣ ଆଦି ପଦକ୍ଷେପ ନିଆଯାଇ ସେମାନଙ୍କ ଗ୍ରାମକୁ ଐତିହାସିକ ସାଂସ୍କୃତିକ ସ୍ମୃତିସ୍ଥଳ ଏବଂ ପର୍ଯ୍ୟଟନ ସ୍ଥଳ ଭାବେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି ।



## ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ବର୍ଷକରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସକ୍ଷମ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଜନତା ମୈଦାନ ସଭାରେ ସମ୍ମାନ ଗ୍ରହଣ କରିବାକୁ ଆସିଥିବା ଝାରସୁଗୁଡ଼ାର ଲକ୍ଷପତି ଦିଦି ଲୁସା ଗଣିକ୍ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ ମୁଣ୍ଡିଆ ମାରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କୁ ମୁଣ୍ଡ ନୁଆଁଇ ପ୍ରତି ନମସ୍କାର ଜଣାଇଥିଲେ । ଖାଲି ସେତିକି ନୁହେଁ, ତାଙ୍କୁ ପୁରସ୍କୃତ କରିବା ପରେ ତାଙ୍କ ସହ ଷ୍ଟେଜ୍ ଉପରେ ହିଁ କିଛି ସମୟ କଥା ହୋଇଥିଲେ ପ୍ରଧାନମନ୍ତ୍ରୀ । ଲୁସା ଗଣିକ ଝାରସୁଗୁଡ଼ା ଲଖନପୁର କୁମ୍ଭାରବାଙ୍ଗ ପଞ୍ଚାୟତର ବାସିନ୍ଦା । ସେ କୁକୁଡ଼ା ପାଳନ ଏବଂ କୃଷି ଦ୍ୱାରା ବାର୍ଷିକ ୧୨ ଲକ୍ଷ ୫୫ ହଜାର ଆୟ କରି ମହା ଲକ୍ଷପତି ଦିଦି ଭାବେ ପୁରସ୍କୃତ ହୋଇଛନ୍ତି । ସେହିପରି ସଞ୍ଜୁ ସ୍ୱାଇଁ ନାମକ ରଘୁରାଜପୁରର ଜଣେ ଲକ୍ଷପତି ଦିଦି ପ୍ରଧାନମନ୍ତ୍ରୀଙ୍କୁ ଏକ ପଟ୍ଟଚିତ୍ର ଉପହାର ଦେଇଥିଲେ ।





## ରେଳ ମାନଚିତ୍ରରେ ଯୋଡ଼ି ହେଲା ବୌଦ୍ଧ

ଭୁବନେଶ୍ୱର(ସବ୍ୟୁ): ପୂରଣ ହେଲା ଦଶନ୍ଧି ପୁରୁଣା ସ୍ୱପ୍ନ । ରେଳ ମାନଚିତ୍ରରେ ଯୋଡ଼ି ହେଲା ବୌଦ୍ଧ । ଓଡ଼ିଶାକୁ ବଡ଼ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ । ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରୁ ଆଭାସୀ (ଭିଡ଼ିଓ କନ୍‌ଫରେନ୍ସ) ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭାରମ୍ଭ କରିଛନ୍ତି ।

ରେଳ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୬ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି । ଏହି ପ୍ରକଳ୍ପ ଗୁଡିକ ପାଇଁ ୨୭୫୬ କୋଟି ଟଙ୍କା ବିନିଯୋଗ ହୋଇଛି । ବୌଦ୍ଧରୁ ରାଜଧାନୀ ଭୁବନେଶ୍ୱରକୁ ସିଧା ଗଡିଛି ଟ୍ରେନ୍ । ବୌଦ୍ଧ- ନୂଆ ଭୁବନେଶ୍ୱର ଏବଂ ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ । ଏହି ପ୍ରକଳ୍ପ ଝାରସୁଗୁଡ଼ା-ସମ୍ବଲପୁର ଭଳି ବ୍ୟସ୍ତତମ ରେଳ ସେକ୍ସନରେ ଟ୍ରାଫିକ ଭାର ହ୍ରାସ କରିବ ଏବଂ ଶିଳ୍ପ ଓ ଯାତ୍ରୀ ପରିବହନକୁ ବୃଦ୍ଧି କରିବ । ୧୩ଶହ ୭୫ କୋଟି ବ୍ୟୟରେ ନିର୍ମିତ ସୋନପୁର-ପୁରୁଣାକଟକ ମଧ୍ୟରେ ୭୩ କିଲୋମିଟର ଲମ୍ବା ନୂତନ ରେଳ ଲାଇନର ଉଦଘାଟନ ହୋଇଛି । ଏହି ରେଳ ଲାଇନ ୩୦୧ କିଲୋମିଟରର ଖୋର୍ଦ୍ଧା ରୋଡ-ବଲାଙ୍ଗିର ରେଳ ଲାଇନର ଏକ ଅଂଶ । କେବଳ ସେତିକି ନୁହେଁ, ସରଳା ଓ ଶାସନ ମଧ୍ୟରେ ୨୫୦ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ତୃତୀୟ ଓ ଚତୁର୍ଥ ରେଳ ଲାଇନର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ । ମୋଟ ୨ହଜାର ୭୫୬ କୋଟି ମୂଲ୍ୟର ରେଳ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିବା ସହ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ବୌଦ୍ଧ-ନୂଆ ଭୁବନେଶ୍ୱର-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ପ୍ରତି ସୋମବାର ବୌଦ୍ଧରୁ ସକାଳ ୭ଟାରେ ଛାଡ଼ିବ ଏବଂ ବଲାଙ୍ଗୀର-ସମ୍ବଲପୁର-ଅନୁଗୁଳ-ନରାଜ ଦେଇ ନୂଆ ଭୁବନେଶ୍ୱର ଷ୍ଟେସନରେ ସନ୍ଧ୍ୟା ୬ଟା ୧୫ରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ୍ଟି ସୋମବାର ନୂଆ ଭୁବନେଶ୍ୱରରୁ ରାତି ୧୧ଟାରେ ଛାଡ଼ିବ ଏବଂ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ବୌଦ୍ଧରେ ପହଞ୍ଚିବ । ସେହିପରି ସମ୍ବଲପୁରରୁ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରବିବାର ସନ୍ଧ୍ୟା ୭ଟା ୨୫ରେ ଛାଡ଼ିବ ଏବଂ ସେହି ରାତି ୧୧ଟା ୫୫ରେ ବୌଦ୍ଧରେ ପହଞ୍ଚିବ । ଫେରିବା ସମୟରେ ବୌଦ୍ଧରୁ ଏହି ଟ୍ରେନ୍ଟି ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୧୫ରେ ଛାଡ଼ିବ ଏବଂ ସେହି ସନ୍ଧ୍ୟା ୭ଟା ୩୦ରେ ସମ୍ବଲପୁରରେ ପହଞ୍ଚିବ । ଏହାବ୍ୟତୀତ ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗୀର-ସୋନପୁର ସଟଲ୍ ପାସେଞ୍ଜର ଟ୍ରେନ୍ ପ୍ରଥମ ଥର ପାଇଁ ପୁରୁଣାକଟକ ପର୍ଯ୍ୟନ୍ତ ଚଳାଚଳ କରିବ ।





ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ମଞ୍ଚରେ ସାଂସଦ, ବିଧାୟକ



ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର ଉନ୍ମୋଚନ

# ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସରକାର ବିଫଳ : ପ୍ରସାଦ

ବ୍ରହ୍ମପୁର, (ସବ୍ୟୁ): ଶୁକ୍ରବାର ଦିନିକିଆ ଗସ୍ତରେ ବ୍ରହ୍ମପୁର ଆସି ବାପୁଜୀ ଆଶ୍ରମ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାରା ରାଜ୍ୟରେ ଅରାଜକତା, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଘଟିଥିବା ଅଭିଯୋଗ କରିଛନ୍ତି ଜାତୀୟ କଂଗ୍ରେସ ପୂର୍ବତନ ରାଜ୍ୟ ସଭାପତି ପ୍ରସାଦ ହରିଚନ୍ଦନ। ରାଜ୍ୟରେ ନାରୀ ଅସୁରକ୍ଷିତ ରହିଛନ୍ତି । ପ୍ରତ୍ୟକ ଦିନ ଧର୍ଷଣ, ଗଣବଳାତ୍କାର, ହତ୍ୟା, ଡକାୟତ, ଲୁଟ ଭଳି ଅନେକ ମାମଲା ବୃଦ୍ଧି ପାଇଛି। ଆଇନଶୃଙ୍ଖଳା ସଜାଡ଼ିବାରେ ବିଜେପି ମୋହନ ସରକାର ବିଫଳ ହୋଇଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ମଧ୍ୟ ଅବନତି ଘଟିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଆୟୁଷମାନ ଯୋଜନାରେ ଗରିବ ଲୋକ କୌଣସି ସୁବିଧା ପାଇ ପାରୁ ନଥିବା ବେଳେ ମିଛ ଡିଣ୍ଡିମା ପିଟୁଛନ୍ତି ରାଜ୍ୟ ସରକାର। ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ବିଦ୍ୟୁତ୍ ସେବା ନାମରେ ଲୋକଙ୍କୁ ପ୍ରତାରଣା କରିଛନ୍ତି ବିଜେପି ରାଜ୍ୟ ଓ କେନ୍ଦ୍ରରେ ଶାସିତ ଡବଲ ଇଞ୍ଜିନ ସରକାର। ନିର୍ବାଚନ ଇସ୍ତାହାରରେ ସରକାର ଯେଉଁ ୨୧ ଗୋଟି ପ୍ରତିଶୃତି ଦେଇଥିଲେ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ରାଜ୍ୟବାସୀ ସରକାରଙ୍କ ଭଣ୍ଡାମିକୁ ବୁଝି ପାରିଛନ୍ତି । ଆଗାମୀ ଦିନରେ ରାଜ୍ୟବାସୀ ଏହାର ଜବାବ ଦେବେ। ସାମ୍ବାଦିକ ସମ୍ମିଳନୀରେ ଗୋପାଳପୁର ବେଳାଭୂମିରେ ହୋଇଥିବା ଗଣ ଦୁଷ୍କର୍ମ ଘଟଣାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଇସ୍ତଫା ଦାବି କରିଛନ୍ତି ପ୍ରସାଦ ହରିଚନ୍ଦନ। ଏହି ଅବସରରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ପୂର୍ବ ସଭାପତି ଦୀପକ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।




# ଝାଡ଼ଖଣ୍ଡ ପାଣିରେ ବଢୁଛି ସୁବର୍ଣ୍ଣରେଖା ଜଳସ୍ତର
# ରାସଗୋବିନ୍ଦପୁର ଓ ସରସକଣା ବ୍ଲକ୍‌ରେ ବନ୍ୟା ପରିସ୍ଥିତି

ବାରିପଦା, (ସବ୍ୟୁ) : ଝାଡଖଣ୍ଡର ପାଣି, ଓଡିଶାରେ ବନ୍ୟା । ଝାଡଖଣ୍ଡ ଗାଲୁଡିହି ବ୍ୟାରେଜ୍‌ରୁ ପାଣି ଛାଡିବା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ବଢୁଛି ଜଳସ୍ତର। ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଓ ସରସକଣା ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ୩ଦିନ ଧରି ଲଗାଣ ବର୍ଷାରେ ଗାଲୁଡିହି ବ୍ୟାରେଜ୍‌ରେ ଅଧିକ ପାଣି ପ୍ରବାହିତ ହେବା କାରଣରୁ ଏକା ସାଙ୍ଗରେ ୧୩ଟି ଗେଟ ଖୋଲାଯାଇଛି। ଯାହାଫଳରେ ସୁବର୍ଣ୍ଣରେଖା ନଦୀରେ ୭୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଗୁରୁବାର ସନ୍ଧ୍ୟାରୁ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକର ନେଦା ଓ ରାସଗୋବିନ୍ଦପୁର ବ୍ଲକର ଟିକାୟତପୁର ଅଞ୍ଚଳରେ ବନ୍ୟାପାଣି ପ୍ରବେଶ କରିଥିବାବେଳେ ତଳିଆ ଅଞ୍ଚଳର ଶତାଧିକ ଲୋକଙ୍କୁ ବନ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିବାବେଳେ ବନ୍ୟାର ମୁକାବିଲା ପାଇଁ ଜିଲ୍ଲାପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଓ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ଜାରି ରହିଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି।



# ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଆସିକା, (ସବ୍ୟୁ): ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମ ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଯାତ୍ରୀବାହୀ ଘରୋଇ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ବାଇକ୍ ଆରୋହୀ ଯୁବକ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପୋଚିଲିମା ଗ୍ରାମର ଦାସରୀ ଗୋପାଳ ( ୩୯)। ମିଳିଥିବା ସୂଚନା ଅନୁଯାୟୀ ଗ୍ରାମରୁ ଦାସରୀ ଗୋପାଳ ବାଇକ୍‌ରେ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଆସିକା ଥାନା ଅନ୍ତର୍ଗତ ପାକଲାପଲ୍ଲୀ ଗ୍ରାମ ଛକ ନିକଟରେ ବାଲିଗୁଡା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ଦୁର୍ଘଟଣା ସ୍ଥଳରେ ହିଁ ତାଙ୍କର ଶୋଚନୀୟ ମୃତ୍ୟୁ ହୋଇଥିଲା । ଆସିକା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆସିକା ଥାନା ଏଏସଆଇ ସୁଭାଶିଷ ସ୍ୱାଇଁ ସଦଳବଳେ ଦୁର୍ଘଟଣା ସ୍ଥଳରେ ପହଂଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକକୁ ଜବତ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ପୋଲିସ ୩୯୦/ ୨୦୨୫ ରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି ।

# ନିଟ୍‌ରେ ଡ୍ରିମ୍ସ ଛାତ୍ରୀଙ୍କ ସଫଳତା

କଟକ, (ସ୍ୱପ୍ର): ସର୍ବଭାରତୀୟ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥାନ (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍ ୟୁଜି-୨୦୨୫)ରେ ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଛାତ୍ରୀ ଶ୍ରଦ୍ଧାଞ୍ଜଳି ରାୟ ୫୭୨ ନମ୍ବର ରଖି ୪୯୬୧ ସ୍ଥାନ ହାସଲ କରିଥିବାବେଳେ ସୀମ୍‌ରାନ୍ ପ୍ରଧାନ ୫୭୧ ନମ୍ବର ରଖି ୫୦୮୩ ସ୍ଥାନରେ ରହିଛନ୍ତି । ଉଭୟ ଛାତ୍ରୀଙ୍କ ଏହି ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ, ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଏବଂ ଅଧ୍ୟାପକ, ଅଧ୍ୟାପିକା ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ପେନ୍‌ସନ ଭାଲିଡେସନ୍ ରୁଲ୍‌କୁ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ବିରୋଧ



ଆସିକା, (ସବ୍ୟୁ): କେନ୍ଦ୍ରସରକାର ପେନ୍‌ସନ ଭାଲିଡେସନ୍ ରୁଲ୍‌କୁ ପାର୍ଲିଆମେଣ୍ଟରେ ପାରିତ କରି ରାଜ୍ୟ ପେନ୍‌ସନରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଆସିକା ଠାରେ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲ୍ଲା ଶାଖାର ଅଷ୍ଟମ ବାର୍ଷିକ ସମ୍ମିଳନୀରେ ବହୁ ବକ୍ତା ଓ କର୍ମକର୍ତ୍ତା ନିଜ ନିଜ ବକ୍ତବ୍ୟରେ କେନ୍ଦ୍ରସରକାରଙ୍କ ପେନସନରଙ୍କ ପ୍ରତି ବୈମାତୃକ ଭାବର ତୀବ୍ର ସମାଲୋଚନା କରିଥିଲେ। ଜିଲ୍ଲା ସଭାପତି କମାରଜୁ ମହାରଣାଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖଡଙ୍ଗା, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଦୀପ ସାହୁ, ଅଶୋକ ଦଳାଇ, ସୁବାସ ମିଶ୍ର, ମିହିର କୁମାର ମହାପାତ୍ର, ପୀତବାସ ମହାପାତ୍ର, ଦେବହରି ମହାନ୍ତି, କବିରାଜ ସାହୁ, କୈଳାସ ବେହେରା, କେ. କୃଷ୍ଣମୂର୍ତ୍ତି ପ୍ରମୁଖ ପେନସନ ଭାଲିଡେସନ୍ ରୁଲ ଯୋଗୁଁ ୨୦୦୪ପୂର୍ବବର୍ତ୍ତୀ ପେନସନର ଅଧିକ କ୍ଷତିଗ୍ରସ୍ତ ହେବା ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଆସନ୍ତା ୨୩ ତାରିଖରେ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ଦେବାକୁ ନିଷ୍ପତି ନେଇ ବହୁ ସଂଖ୍ୟାରେ ଏଥିରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ୨୦୨୫ ପେନସନ ଭାଲିଡେସନ୍ ରୁଲ ପ୍ରତ୍ୟାହାର କରିବା ଯାଏଁ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିବ ବୋଲି ବକ୍ତା ମାନେ କହିଥିଲେ। ଏହି ଅବସରରେ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସଭ୍ୟ ଓ ଆୟୋଜକଙ୍କୁ ବରିଷ୍ଠ ସଭ୍ୟ ଉପେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ଦମ୍ପତିଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଖଲ୍ଲିକୋଟ କଲେଜ ଛକ ଠାରେ ଜଣେ ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଦିଗପହଣ୍ଡି ବନ୍ଥପଲ୍ଲୀ ନିକଟ ଜିନିଗୁଡାର ହାଡିଆ ମଲ୍ଲିକ ଓରଫ ହାଡୁ(୪୮) । ସୂଚନାପ୍ରକାରେ, ଛତ୍ରପୁର ପୁରୁଣା ପୁଲିସ ଲାଇନରେ ରହୁଥିବା ଅର୍ଚ୍ଚନା ମଲ୍ଲିକ ଓ ତାଙ୍କ ସ୍ୱାମୀ ରଞ୍ଜିତ ମଲ୍ଲିକ ଗତ ୧୪ ତାରିଖରେ ସାର୍ଟିଫିକେଟ ନେବା ପାଇଁ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଯାଉଥିଲେ । ଏହି ସମୟରେ କଲେଜ ଛକ ଠାରେ ଅଭିଯୁକ୍ତ ହାଡୁ ଦମ୍ପତିଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ । ରଞ୍ଜିତ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ହାଡୁ ତାଙ୍କୁ ମାଡ ମାରିବା ସହ ଏକ ପଥରରେ ମୁଣ୍ଡକୁ ଛେଚି ଦେଇଥିଲେ । ଏହା ଦେଖି ଅର୍ଚ୍ଚନା ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଘଟଣାକୁ ନେଇ ଅର୍ଚ୍ଚନା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୨୭/୨୫) ରୁଜୁ କରି ତଦନ୍ତ କରିଥିଲା । ଆଜି ହାଡୁଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିବା ଜଣାପଡିଛି ।

# ଶାନ୍ତି ମହିଳା ୱାକର୍ସ କ୍ଲବ୍ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ



କଟକ, (ସ୍ୱପ୍ର) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଶାନ୍ତି ମହିଳା ୱାକର୍ସ କ୍ଲବ୍ ପକ୍ଷରୁ ସ୍ଥାନୀୟ ସିଡିଏ ବିଡାନାସୀ ସ୍ଥିତ ମମତା ସର୍ଟ ଷ୍ଟେ ହୋମରେ ବସବାସ କରୁଥିବା ୩୦ ମହିଳା ଓ ସେମାନଙ୍କର ପିଲାମାନଙ୍କୁ ବିସ୍କୁଟ, ମିକ୍ସଚର, ମୃଦୁ ପାନୀୟ, ପଫେଡ ରାଇସ୍ ସହିତ ବିଭିନ୍ନ ପ୍ରସାଧନ ସାମଗ୍ରୀ ଓ ଔଷଧ ବଣ୍ଟନ କରାଯାଇଛି । ସେମାନଙ୍କ ମୁହଁରେ ହସ ଫୁଟେଇବାକୁ ସଙ୍ଗଠନର ମହିଳାମାନେ ପିଲାମାନଙ୍କୁ ଦୋଳି ଖେଳେଇବା ସହିତ ସେମାନଙ୍କ ସହିତ ସମୟ ବିତାଇଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ଡିଷ୍ଟ୍ରିକ୍ ଡେପୁଟି ଗଭର୍ଣ୍ଣର (୧୦୪) ମମତା ରାଉତରାୟଙ୍କ ସମେତ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହି ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ସହିତ ପିଲା ଓ ସେମାନଙ୍କ ମା' ମାନଙ୍କ ସହିତ ସମୟ ଅତିବାହିତ କରିଥିଲେ ।

# ସାହି ମଧ୍ୟରେ ଭାରିଯାନ ଚଳାଚଳ ନଷ୍ଟ ହେଉଛି ପେବର୍ ରାସ୍ତା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଏନଏସି ଅନ୍ତର୍ଗତ ଅରବିନ୍ଦ ନଗର-୧ ପେବର୍ ରାସ୍ତାରେ ଭାରିଯାନ ଚଳାଚଳ ସାଙ୍ଗକୁ ରକ୍ଷଣାବେକ୍ଷଣ ଅଭାବରୁ ତାହାର ଅବସ୍ଥା ଶୋଚନୀୟ ହୋପଡ଼ିଛି। ଫଳରେ ସେହି ସାହିରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କୁ ଯାତାୟତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଥିସହ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ସେହି ରାସ୍ତା ମରାମତି କରିବା ପାଇଁ ଦାବି ଉଠୁଥିଲେ ହେଁ କୌଣସି ସୁଫଳ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ଉନ୍ନତିକରଣ ଆଳରେ ପୂର୍ବରୁ ଭଲଥିବା କଂକ୍ରିଟ୍ ରାସ୍ତାକୁ ଖୋଳି ତାହାରି ଉପରେ ପେବର୍ ବିଛାଇ ତିନି ବର୍ଷ ଯାଏଁ ମରାମତିର ପ୍ରତିଶ୍ରୁତି ଦେଇଥିଲେ ହେଁ ଏବେ ତାହା ପାଣିରେ ଗାର ଭଳି ହୋଇଛି । ସାମାନ୍ୟ ବର୍ଷା ହେଲେ ସେହି ରାସ୍ତାର ଅନେକ ଖାଲଖମାରେ ପାଣି ଜମି ରହି ବହୁ ସମସ୍ୟା ସୃଷ୍ଟି କରୁଛି। ସୂଚନାଯୋଗ୍ୟଯେ, ଦୁଇ ବର୍ଷ ହେବ ସେହି ପେବର ରାସ୍ତାଟି ୭ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ସେହି ରାସ୍ତା ଦେଇ ଭାରିଯାନ ଚଳାଚଳ ନିଷେଧ ହୋଇଥିଲେ ହେଁ କିଛି ବ୍ୟବସାୟୀଙ୍କ ପରିବା ବୋଝେଇ ଭାରିଯାନ ସେହି ରାସ୍ତାରେ ଯାତାୟାତ କରୁଥିବାରୁ ରାସ୍ତାଟି ଦବିଯାଇ ଏପରି ଦୂରାବସ୍ଥା ହୋଇଛି । ଏନ୍‌ଏସି ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଦୈନିକ ମାଳ ମାଳ ପରିବା ବୋଝେଇ ଭାରିଯାନ ଚଳାଚଳ ହେଉଥିବାରୁ ସାହି ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଅନ୍ୟପକ୍ଷରେ କେଉଁ କାରଣରୁ ଏନ୍‌ଏସି କର୍ତ୍ତୃପକ୍ଷ ଏ ଦିଗରେ ଉଦାସୀନତା ମନୋଭାବ ପୋଷଣ କରିଆସୁଛନ୍ତି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଜନହିତ ଦୃଷ୍ଟିରୁ ଶୋଚନୀୟ ଅବସ୍ଥାରେ ଥିବା ସେହି ରାସ୍ତାର ମରାମତି ସହ ଭାରିଯାନ ଚଳାଚଳରେ ପ୍ରତିବନ୍ଧକ ଲଗାଇବା ନେଇ ସାଧାରଣ ଦୃଢ ଦାବି ହେଉଛି ।

# ପୁତୁରାକୁ ଚାକିରୀ କରିବା ଆଳରେ ୫ଲକ୍ଷ ଠକେଇ, ଦାଦା ଗିରଫ

ବ୍ରହ୍ମପୁର, (ସବ୍ୟୁ): ଚାକିରି ଦେବା ନାଁରେ ୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁକୁଣ୍ଡା ଗୌଡ଼ ସାହିର ଯୁଧିଷ୍ଠିର ଗୌଡ଼ (୫୦) । ସୂଚନାଯୋଗ୍ୟ ଯେ, ସୁକୁଣ୍ଡା ଗ୍ରାମର ବିଜୟ ଗୌଡ଼କୁ ତାଙ୍କ ଦାଦା ଯୁଧିଷ୍ଠିର ଗୌଡ଼ ଦାମନଯୋଡ଼ି ସ୍ଥିତ ନାଲକୋ କାରଖାନାରେ ଚାକିରି କରାଇଦେବେ କହି ୨୦୨୦ରେ ଯୁଧିଷ୍ଠିର ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ୫ ଲକ୍ଷ ଟଙ୍କା ନେଇଥିଲେ । ୫ ବର୍ଷ ବିତିଯାଇଥିଲେ ମଧ୍ୟ ବିଜୟଙ୍କୁ ଚାକିରି ମିଳିନି । ନିରାଶ ହୋଇ ବିଜୟ ଟଙ୍କା ଫେରାଇବାକୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଯୁଧିଷ୍ଠିର ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ପରେ ବିଜୟ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ବେଳାଭୂମିରେ ଗଣବଳାତ୍କାର ଘଟଣା
# ଟିଆଇ ପ୍ୟାରେଡ଼ରେ ଚିହ୍ନଟ ହେଲେ ଅଭିଯୁକ୍ତ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମିରେ ଗତ ୧୫ ତାରିଖରେ ଛାତ୍ରୀ ଗଣ ବଳାତ୍କାରର ଘଟଣାରେ କ୍ରାଇମବ୍ରାଞ୍ଚ ଛାନଭିନ୍ କରିଛି । ଏହି ଘଟଣାରେ ଅଭିଯୁକ୍ତମାନେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ । ଜେଲରେ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲଆର ଆଣ୍ଡ ଏଲଟିଭି) ଅନ୍ୱେଶା ଦାଶ କୋର୍ଟରେ ଆବେଦନ କରିଥିବାବେଳେ ତାହା ମଞ୍ଜୁର ହୋଇଥିଲା । କୋର୍ଟ ନିର୍ଦ୍ଦେଶରେ ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଟିଆଇ ପ୍ୟାରେଡ଼ ପାଇଁ ଶୁକ୍ରବାର ଜେଲ ପରିସରରେ ଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ହାଜର କରାଯାଇଥିଲା । ପିଡ଼ିତା ଯୁବତୀ ଜଣକ ଜେଲରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି। ସେହିପରି ପୋଲିସ ଜବତ କରିଥିବା ବିଭିନ୍ନ ସାମଗ୍ରୀ କ୍ରାଇମବ୍ରାଞ୍ଚଙ୍କୁ ହସ୍ତାନ୍ତର କରିଥିବା ବେଳେ ଉକ୍ତ ଟିମ ସେଗୁଡିକ ସିଏସଆଇ ପୋଲିସ ଜରିଆରେ ଶୁକ୍ରବାର କୋର୍ଟରେ ଦାଖଲ କରିଛନ୍ତି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚ ଏନେଇ ତଥ୍ୟ ଦେବାକୁ ମନା କରିଛି । ପିଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଦିଆଯାଉଛି। ପ୍ରକାଶ ଥାଉକି ପିଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଗତ ୧୭ ତାରିଖ ଗୋପାଳପୁର ପୋଲିସ ୪ ଜଣ ନାବାଳକଙ୍କୁ ଜେଜେବି ହାଜର କରିବା ସହ ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା ।


# ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ ପାଇଁ ନିବେଦନ

ମୁଁ ମୋର ସମସ୍ତ ଦେଶବାସୀମାନଙ୍କୁ ବିନମ୍ର ପ୍ରଣାମ ଜଣାଉଛି । ଆନନ୍ଦର କଥା- ଗତ ତା ୩୦.୧.୨୦୨୫ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରୁ 'ଭାରତର ସମସ୍ତ ସ୍କୁଲ ଓ କଲେଜମାନଙ୍କରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ' ଶୀର୍ଷକ ଏକ ସ୍ମାରକପତ୍ର ପଠାଇଥିଲି । ସେ ସହୃଦୟତାର ସହିତ ତାହାକୁ ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ ସ୍ଥିତ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (National Council of Educational Research & Traning)କୁ ପଠାଇଥିଲେ । ପ୍ରଶିକ୍ଷଣ ପରିଷଦ ମୋ ସ୍ମାରକପତ୍ରର ଯଥାର୍ଥ ଥିଲେ ମଧ୍ୟ ସି.ପି.ଜି.ଏ.ଏସ୍. (CPGAAS)ଙ୍କ ନିୟମ ଅନୁସାରେ ସ୍କୁଲ ଓ କଲେଜମାନଙ୍କରେ ବର୍ତ୍ତମାନ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଚିଠି ନଂ. ୧.୬/୨୦୨୪ ଜି.ଆର୍.ସି. ନଂ-୩୦୯/୩୧୨ ତା. ୦୯.୦୫.୨୦୨୫ ରିଖରେ ମୋତେ ଜଣାଇଛନ୍ତି । କିନ୍ତୁ ଉକ୍ତ ଚିଠିରେ ମଧ୍ୟ ଉଲ୍ଲେଖ ଅଛି, ଯଦି କୌଣସି ବ୍ୟକ୍ତି ବା ଅଭିଯୋଗକାରୀ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିବାକୁ ଚାହାନ୍ତି, ତାହାଲେ ସେ ନୂଆଦିଲ୍ଲୀସ୍ଥିତ 'ନିର୍ଦ୍ଦେଶାଳୟ ଜନ ଅଭିଯୋଗ ସଂସ୍ଥାନ (Directorate of Public grievance)ଙ୍କ ସହିତ ଯୋଗାଯୋଗ କରିପାରିବେ' । ଏହି ପରିପ୍ରେକ୍ଷୀରେ ବିକଳ୍ପପନ୍ଥା ସ୍ୱରୂପ ମୋର ସୁଚିନ୍ତିତ ମତାମତ ଦେଇ ନିର୍ଦ୍ଦେଶାଳୟଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଛି ।

ସେହି ସୁଚିନ୍ତିତ ମତାମତଟି ହେଲା, ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଯେଉଁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାସ କରୁଛନ୍ତି ଏବଂ ସେମାନଙ୍କର ପିଲାମାନେ ବିଭିନ୍ନ ସ୍କୁଲ, କଲେଜମାନଙ୍କରେ ଅଧ୍ୟୟନ କରୁଛନ୍ତି । ହୁଏତ ଏହି କାରଣ ଯୋଗୁଁ ଭାରତ ସରକାର ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରିପାରୁନାହାନ୍ତି । ବିଭିନ୍ନ ସମ୍ପ୍ରଦାୟ ମାଧ୍ୟମରେ ନିଜ ନିଜର ଧର୍ମ ଓ ସଂସ୍କୃତିକୁ କେନ୍ଦ୍ରକରି ପ୍ରଚଳିତ ହୋଇଆସୁଥିବା ଆଧ୍ୟାତ୍ମିକ ଶିକ୍ଷା ହିଁ ଏକମାତ୍ର ପନ୍ଥା । ସରକାର ସେହି ବିଭିନ୍ନ ସମ୍ପ୍ରଦାୟମାନଙ୍କ ମାଧ୍ୟମରେ ପ୍ରଚଳିତ ହୋଇଆସୁଥିବା ଆଧ୍ୟାତ୍ମିକ ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ୱୀକୃତି ପ୍ରଦାନ କରନ୍ତୁ । ତାହାହେଲେ ଜାତୀୟ ସଂହତି ବଜାୟ ରହିବ । ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ ।


ଦୟାନିଧି ବେହୁରା

ଉଲ୍ଲେଖନୀୟ ଯେ ସ୍କୁଲ, କଲେଜମାନଙ୍କରେ ହେଉ କିମ୍ବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ ହେଉ ଆଧ୍ୟାତ୍ମିକ ଶିକ୍ଷା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟ ହେବ । ତାହା ନହେଲେ ସେମାନେ ବିଭିନ୍ନ ଅପରାଧ, ଅନ୍ୟାୟ, ଅନୀତି, ଦୁର୍ନୀତି, ଚୋରି ଏପରିକି ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ହୋଇ ଦଣ୍ଡିତ ହେବେ ।

ମୋର ଉପରୋକ୍ତ ଅହିଂସାମୂଳକ ଅଭିଯାନ ଚାଲୁ ରହିବ । ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋର ଅଭିଯାନର ମହତ୍ତ୍ୱକୁ ଉପଲବ୍ଧି କରି ସମ୍ବାଦପତ୍ରମାନଙ୍କରେ ମତାମତ ଦେଲେ ମୋର ଅଭିଯାନ ସଫଳ ହେବ ।

**ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ**
**ନିଉ କଲୋନୀ (ଅପର୍ତ୍ତିବିନ୍ଧା),**
**ପୋ./ଜି.- ଭଦ୍ରକ**
**ମୋ.- ୯୭୭୬୫୨୨୩୦୬**

Advertorial


# ଚକରା ବିଷୋୟୀଙ୍କ ଜନ୍ମସ୍ଥାନ ବିଞ୍ଝିଗିରିକୁ ଐତିହ୍ୟ ଗାଁର ମାନ୍ୟତା

ଭଞ୍ଜନଗର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରର ଶୁକ୍ରବାର ଭୁବନେଶ୍ୱର ଜନତା ମଇଦାନରେ ଏକ ରାଜ୍ୟସ୍ତରୀୟ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମବେତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଓଡ଼ିଶାର କୃତବିଦ୍ୟ ବରପୁତ୍ର ଓ ସ୍ୱନାମଧନ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମୁଚିତ ସମ୍ମାନ ପ୍ରଦାନ ଉଦ୍ଦେଶ୍ୟରେ ସେମାନଙ୍କ ଜନ୍ମସ୍ଥାନକୁ ସ୍ମାରକୀ ଘୋଷଣା ଭାବେ ଘୋଷଣା କରାଯାଇଥିଲା। ବରପୁତ୍ର ସମ୍ମାନ ଯୋଜନାରେ ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତ ବିଞ୍ଝିଗିରି ଚଣ୍ଡୀ ପଡିଆଠାରେ ସୁଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଚକରା ବିଷୋୟୀଙ୍କ ଜନ୍ମସ୍ଥାନକୁ ଆଭାସୀ ମାଧ୍ୟମରେ ସ୍ମାରକୀ ଘୋଷଣା କରାଯାଇଥିଲା। ବରପୁତ୍ର ସମ୍ମାନ ଯୋଜନାରେ ଭଞ୍ଜନଗରର ବିଞ୍ଝିଗିରି ଗ୍ରାମକୁ ସ୍ମାରକୀ ଭାବେ ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଚିତ୍ରା ନନ୍ଦ ଦାସ, କୃତିବାସ ବିଶ୍ୱାଳ, କବି ପ୍ରସନ୍ନ ମହାନ୍ତି, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଲେଖକ ଓ ଐତିହାସିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚକରା ବିଷୋୟୀଙ୍କ କୃତିତ୍ୱ ବାବଦରେ ବକ୍ତବ୍ୟ ରଖିଥିଲେ। ଚକରା ବିଷୋୟୀ ବ୍ରିଟିଶ ଶାସକଙ୍କ ବିରୋଧରେ ଲଢ଼େଇ କରି ନିଜର ସାହସିକତା ପରିଚୟ ଦେଇଥିଲେ। ଭାଜପା ସରକାର ଆସିବା ପରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଉଦ୍ୟମ କ୍ରମେ ବର୍ତ୍ତମାନ ଘୁମୁସର ଇତିହାସ ଦେଶ ବିଦେଶରେ ପ୍ରଚାର ପୁଣି ଆରମ୍ଭ ହୋଇଛି। ଯାହାକି ଘୁମୁସରବାସୀଙ୍କ ପାଇଁ ଗର୍ବର ବିଷୟ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ମଧୁମିତା, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବିଡ଼ିଓ ଭାରତୀ ଦେବୀ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି, ଡେପୁଟି କଲେକ୍ଟର ସୁମନ ଘୋଷ, ସାନକୋଦଣ୍ଡା ସରପଞ୍ଚ ଲକ୍ଷ୍ମଣ ନାଇକ, ବଡକୋଦଣ୍ଡା ସରପଞ୍ଚ ରେସ୍ମା କୁମାରୀ ନାୟକ, ସମିତିସଭ୍ୟ ମନୋଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାଂସଦ ପ୍ରତିନିଧି ରବିନ୍ଦ୍ର କୁମାର ଗୌଡ଼ ଓ ନଗର ସାଂସଦ ପ୍ରତିନିଧି ସନ୍ତୋଷ ତିଆଡି ସଂଯୋଜନା କରିଥିଲେ।



# ସମ୍ବଲପୁର ମାଲାବାର ଗୋଲ୍ଡରେ ଆର୍ଟିଷ୍ଟ୍ରୀ ଶୋ ଶୁଭାରମ୍ଭ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବୁଢାରଜା ସ୍ଥିତ ଅଗ୍ରଣୀ ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଆର୍ଟିଷ୍ଟ୍ରୀ ଶୋ ଶୁଭାରମ୍ଭ ହୋଇଯାଇଛି । ମହାନଗର ନିଗମ ଅତିରିକ୍ତ କମିଶନର ସରୋଜିନୀ ପ୍ରସନ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏହାଦ୍ୱାରା ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନର ଅଳଙ୍କାର ପ୍ରଦର୍ଶିତ ହେବ । ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପାରମ୍ପରିକ ଓ ସମସାମୟିକ ଡିଜାଇନର ବ୍ୟାପକ ପରିସର ସହ ହସ୍ତଶିଳ୍ପ ଅଳଙ୍କାରକୁ ଅଧିକ ଗୁରୁତ୍ୱ ଦିଆଯିବ । ମାଇନ୍ ହୀରା ଅଳଙ୍କାର, ଏରା ଅନକଟ୍ ହୀରା, ପ୍ରିସିଆ ଜେମ୍ ଷ୍ଟୋନ ଅଳଙ୍କାର, ଏଥ୍ନିକ୍ସ ହ୍ୟାଣ୍ଡକ୍ରାଫ୍ଟ ଅଳଙ୍କାର, ଭିରାଜ ରୟାଲ ପୋଲକି ଅଳଙ୍କାର ଆଦି ପ୍ରଦର୍ଶନୀରେ ସ୍ଥାନ ପାଇଛି ।ଏହି ଅବସରରେ ଅନେକ ମଡେଲ ଆର୍ଟିଷ୍ଟ୍ରୀ ଅଳଙ୍କାର ପରିଧାନ କରି ଗ୍ରାହକଙ୍କୁ ଦେଖାଇଥିଲେ । ତେବେ ଗ୍ରାହକଙ୍କ ସର୍ବୋଚ୍ଚ ଗୁଣାବତ୍ତା, ପବିତ୍ରତା ଓ ଉଚିତ୍ ମୂଲ୍ୟର ନିଶ୍ଚିତତା ଉପରେ ଗୁରୁତ୍ୱ ଦିଆଯାଉଥିବା ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି । ସୂଚନାଯୋଗ୍ୟ, ମାଲାବାର ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରତିବଦ୍ଧ ଅଟେ । ଏହି କାର୍ଯ୍ୟକ୍ରମରେ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢଉ

ସମ୍ବଲପୁର,(ସବ୍ୟୁ): ଓଡିଶାର ଅନେକ ଜିଲ୍ଲାରେ ଡାଇରିଆ ବ୍ୟାପିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ହାଇଆଲର୍ଟରେ ରହିଛି । ଏହା ଏକ ଜଳବାହିତ ରୋଗ ହୋଇଥିବାରୁ ଜଳ ନମୁନା ପରୀକ୍ଷା ପୂର୍ବାପେକ୍ଷା ଦୁଇଗୁଣ କରାଯାଉଛି । ବିଶେଷ ଭାବେ ହୀରାକୁଦ ଅଞ୍ଚଳକୁ ନେଇ ଜିଲ୍ଲା ପ୍ରଶାସନ ବେଶ ସତର୍କ ରହିଛି । ସମ୍ବଲପୁର ସହରରେ ୨୦୧୪, ୨୦୧୯ ଓ ୨୦୨୩ରେ ଜଣ୍ଡିସ ତାର କାୟା ବିସ୍ତାର କରିଥିଲା । ତେଣୁ ଅଧିକରୁ ଅଧିକ ଜଳ ନମୁନା ସଂଗ୍ରହ କରାଯାଉଛି । ଅନ୍ୟପଟେ ସମ୍ବଲପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ହୋଟେଲ, ରେଷ୍ଟୁରାଣ୍ଟ ଓ ଖାଦ୍ୟ ଠେଲା ଗୁଡିକରେ ଚଢଉ କରାଯାଇଛି । ଖାଦ୍ୟ ନିରାପତ୍ତା ଅଧିକାରୀ ସନ୍ଦିପ ସୌରଭଙ୍କ ନେତୃତ୍ୱରେ ଖାଦ୍ୟର ମାନ ଯାଞ୍ଚ ସହ ନମୁନା ମଧ୍ୟ ସଂଗ୍ରହ କରାଯାଉଛି । ବାସି ଖାଦ୍ୟ ଗୁଡିକ ଜବତ କରିବା ସହ ନଷ୍ଟ ମଧ୍ୟ କରାଯାଉଛି । ଏଥିସହ ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ ସ୍ଥାନ ସ୍ୱଚ୍ଛତା ତଥା ପରିଚ୍ଛନ୍ନତା ନେଇ ନିରୀକ୍ଷଣ କରାଯାଉଛି । ଖାଦ୍ୟ ନିରାପତ୍ତା ନିୟମ ଉଲ୍ଲଂଘନକାରୀଙ୍କୁ ତାଗିଦ୍ କରିବା ସହ ଜରିମାନା ମଧ୍ୟ ଆଦାୟ କରାଯାଇଛି । ତେବେ ବାରମ୍ବାର ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ହୋଟେଲ ଓ ରେଷ୍ଟୁରାଣ୍ଟ ସିଲ୍ ମଧ୍ୟ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ବଜାରରେ ମିଳୁଥିବା ଖାଦ୍ୟ ସାମଗ୍ରୀରେ ବିଭିନ୍ନ ସମୟରେ ଅପମିଶ୍ରଣ କରାଯାଉଛି । ବିଶେଷ ଭାବେ ଫାଷ୍ଟଫୁଡ ଖାଦ୍ୟର ମାନକୁ ନେଇ ବୁଦ୍ଧିଜୀବୀ ମାନେ ଚିନ୍ତାପ୍ରକଟ କରିଛନ୍ତି । ବଜାରରେ ଗୁଣାତ୍ମକ ଖାଦ୍ୟ ସାମଗ୍ରୀ କିଭଳି ମିଳିପାରିବ ସେନେଇ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସେବା ଓ ବିକାଶ ବାହାନ ଯାତ୍ରାରେ ବହୁ ଲୋକ ସାମିଲ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଜୁରାବନ୍ଧ, ତୁରେକେଲା ପଞ୍ଚାୟତରେ ସେବା ଓ ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଲୋକଙ୍କ ପାଇଁ ରହିଥିବା ସରକାରଙ୍କ ଜନହିତକର ଯୋଜନା ଗୁଡିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ଜୁରାବନ୍ଧ ପଞ୍ଚାୟତର ସରପଞ୍ଚଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ବସନ୍ତ ମେହେର,ଜିପିଡ଼ିଓ ପୁରୁଷୋତ୍ତମ ମାଝୀ,ଏପିଓ ଲକ୍ଷ୍ମଣ ବୁଡେକ, ବିଏସଏସଓ ସଞ୍ଜିତ ସୁନା,ସରପଞ୍ଚ ପ୍ରତିନିଧି ନରେଶ ସଗରିଆ, ସାମ୍ବାଦିକ ସଂଘ ସମ୍ପାଦକ ହୁଲେଶ୍ୱର ହଂସ,ପ୍ରମୁଖ ଯୋଗଦେଇଥିଲେ। ତୁରେକେଲା ପଞ୍ଚାୟତରେ ସରପଞ୍ଚ ମାଧୁରୀ ବେହେରା,ବିଧାୟକ ପ୍ରତିନିଧି ଲିଲୁ ବାଗ,ବ୍ଲକ ଅଧକ୍ଷା ପ୍ରତିନିଧି ଭୋଳାନାଥ ବେହେରା,ବସନ୍ତ ମେହେର ପିଇଓ ପରମାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ଟି ପଞ୍ଚାୟତରେ ବିକାଶ ମେଳା କାର୍ଯ୍ୟକ୍ରମ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ 'ସେବା ଓ ବିକାଶ ବାହାନ ଯାତ୍ରା' ଉପରେ ସଚେତନତା ଶିବିର ତଥା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ମେଳା କାର୍ଯ୍ୟକ୍ରମଗୁଡ଼ିକ ଜାରି ରହିଛି। ଶୁକ୍ରବାର ବ୍ଲକର ଗୋଇମୁଣ୍ଡ,ଗାଁରେଇ ଓ ଗରଗଡବାହାଲ ପଞ୍ଚାୟତସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅର୍ଥ ଅଧିକାରୀ ଓ ନୋଡ଼ାଲ ଅଧିକାରୀ ଘେନୁରାମ ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗୋଇମୁଣ୍ଡ ପଞ୍ଚାୟତ ବିକାଶ ମେଳାରେ ଅତିଥିମାନେ ଗୋଟିଏ ଲେଖାଏଁ ଚାରାରୋପଣ କରି ବିଭିନ୍ନ ହିତାଧିକାରୀଙ୍କୁ ଆବାସ,ରାସନ ଓ ଭତ୍ତା କାର୍ଡ ବଣ୍ଟନ କରିଥିଲେ।ଅତିଥି ରୂପେ ସରପଞ୍ଚ କାଳିଆ ସରାଫ,ବିଧାୟକ ପ୍ରତିନିଧି ପୁରନ୍ଦର ବାଗ,ଗଙ୍ଗାଧର ହେର୍ଣ୍ଣା,ଜିପିଡିଓ ଗଙ୍ଗାଧର ଛତର,ପିଇଓ ମହେଶ କୁମାର ବେହେରା ,ଏଡିଇଓ ସତ୍ୟନାରାୟଣ ମେହେର ପ୍ରମୁଖ ଯୋଗଦେଇଥିଲେ। ଗାଁରେଇ ପଞ୍ଚାୟତରେ ଅତିଥି ରୂପେ ସରପଞ୍ଚ ସବିତା ବିଭାର,ବିଧାୟକ ପ୍ରତିନିଧି ପୁରନ୍ଦର ବାଗ,ଗଙ୍ଗାଧର ହେର୍ଣ୍ଣା,ପିଇଓ ରାଧାକୃଷ୍ଣ ନାଗ ,ଏଡିଇଓ ସଦାନନ ମାଝୀ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗରଗଡବାହାଲ ପଞ୍ଚାୟତରେ ସରପଞ୍ଚ କରିସ୍ମା ସୁନା,ବିଧାୟକ ପ୍ରତିନିଧି ପୁରନ୍ଦର ବାଗ,ଗଙ୍ଗାଧର ହେର୍ଣ୍ଣା,ଜିପିଡିଓ ଗଙ୍ଗାଧର ଛତର,ସମିତି ସଭ୍ୟା ଭୂମିସୁତା ବାଗ,ନାଏବ ସରପଞ୍ଚ ଚନ୍ଦ୍ରମଣି ହାତୀ,ପିଇଓ ଶରତ କୁମାର ଭୋଇ,ଏଡିଇଓ ଦିବ୍ୟ ସିଂ ପୁଝାରୀ,ସମାଜସେବୀ ଉମାକାନ୍ତ ସୁନା, ହୃଦାନନ୍ଦ ବାଗ,ଚନ୍ଦ୍ରହାସ୍ୟ ବାଗ ଓ ଇନ୍ଦ୍ରମଣି ବାଗଙ୍କ ସହ ବହୁ ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଅତିଥିମାନେ ଚାରାରୋପଣ କରି ବିଭିନ୍ନ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ।

## ଭାରତୀୟ ରେଳ ମାନଚିତ୍ରରେ ଯୋଡ଼ି ହେଲା ବୌଦ୍ଧ

# ପୁରୁଣାକଟକ ଷ୍ଟେସନରୁ ଗଡିଲା ରେଳ





ହରଭଙ୍ଗା/ବୌଦ୍ଧ/ବଲାଙ୍ଗିର,(ସବ୍ୟୁ): ବହୁ ପ୍ରତିକ୍ଷିତ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ବୌଦ୍ଧ ଏବଂ ପୁରୁଣାକଟକ ଷ୍ଟେସନକୁ ଶୁକ୍ରବାର ଅପରାହ୍ନ ୫ଟା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଉଦଘାଟନ କରିଥିଲେ ।ଦୁଇଟି ରେଳ ଷ୍ଟେସନକୁ ପ୍ରଧାନମନ୍ତ୍ରୀ ଉଦଘାଟନ ପରେ ପୁରୁଣାକଟକ ଏବଂ ବୌଦ୍ଧ ଷ୍ଟେସନରୁ ଆଜି ରେଳ ଗଡିବା ଶୁଭାରମ୍ଭ ହୋଇଛି । ଭାରତୀୟ ରେଳ ଇତିହାସରେ ବୌଦ୍ଧର ନାମ ଶୁକ୍ରବାର ଯୋଡ଼ି ହେଲା । ବହୁ ପ୍ରତୀକ୍ଷିତ ଆଶା ପୂରା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶା ଗସ୍ତ ଅବସରରେ ବୌଦ୍ଧରୁ ରେଳ ଚଳାଚଳର ଶୁଭାରମ୍ଭ କରିଛନ୍ତି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ନବର୍ନିର୍ମିତ ରେଳଧାରଣାର ଉଦ୍ଘାଟନ ହୋଇଛି।

ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପରେ ମୋଟ ୩୦୧କିମି ରେଳପଥରୁ ଆଉ ମାତ୍ର ୭୫କିମି (ପୁରୁଣାକଟକରୁ ଦଶପଲ୍ଲା ମଧ୍ୟରେ) ନିର୍ମାଣ କାମ ବାକି ରହିଛି। ତେବେ ବଲାଙ୍ଗିରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୨୦କିମି ରେଳପଥ ସମ୍ପୂର୍ଣ୍ଣ ହୋଇ ସିଆର୍‌ଏସ୍ ନିରୀକ୍ଷଣ ଗତ ମାର୍ଚ୍ଚ ମାସରେ ଶେଷ ହୋଇଥିଲା।ଜିଲ୍ଲା ଗଠନର ୩୧ବର୍ଷ ପରେ ରେଳ ଚଳାଚଳ ଆରମ୍ଭ କରିଥିବାରୁ ବୌଦ୍ଧବାସୀଙ୍କ ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି।

ବୌଦ୍ଧ-ନୂଆ ଭୁବନେଶ୍ୱର-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ପ୍ରତି ସୋମବାର ବୌଦ୍ଧରୁ ସକାଳ ୭ଟାରେ ଛାଡ଼ିବ ଏବଂ ବଲାଙ୍ଗୀର-ସମ୍ବଲପୁର-ଅନୁଗୁଳ-ନରାଜ ଦେଇ ନୂଆ ଭୁବନେଶ୍ୱର ଷ୍ଟେସନ ସନ୍ଧ୍ୟା ୬ଟା ୧୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ ସୋମବାର ନୂଆ ଭୁବନେଶ୍ୱରରୁ ରାତି ୧୧ଟାରେ ଛାଡ଼ିବ ଏବଂ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ବୌଦ୍ଧରେ ପହଞ୍ଚିବ। ସେହିପରି ସମ୍ବଲପୁରରୁ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରବିବାର ସନ୍ଧ୍ୟା ୭ଟା ୨୫ରେ ଛାଡ଼ିବ ଏବଂ ସେହି ରାତି ୧୧ଟା ୫୫ରେ ବୌଦ୍ଧରେ ପହଞ୍ଚିବ। ଫେରିବା ସମୟରେ ବୌଦ୍ଧରୁ ଏହି ଟ୍ରେନ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୧୫ରେ ଛାଡ଼ିବ ଏବଂ ସେହି ସନ୍ଧ୍ୟା ୭ଟା ୩୦ରେ ସମ୍ବଲପୁରରେ ପହଞ୍ଚିବ। ଏହାବ୍ୟତୀତ ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗିର-ସୋନପୁର ସଟଲ୍ ପାସେଞ୍ଜର ଟ୍ରେନ୍ ପ୍ରଥମ ଥର ପାଇଁ ପୁରୁଣାକଟକ ପର୍ଯ୍ୟନ୍ତ ଚଳାଚଳ କରିବ।

ଏଭଳି ଏକ ଖୁସି ମୁହୁର୍ତ୍ତକୁ ଉପଭୋଗ କରିବା ପାଇଁ ପୁରୁଣାକଟକ ଷ୍ଟେସନରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ରେଳ ଗଡିବା ପରେ ସମସ୍ତେ ଉତ୍ସବମୁଖର ହୋଇପଡିଥିଲେ। ଖୁସିରେ ଅନେକ ଯୁବକ ବାଜାବଜାଇ ନାଚଗୀତ ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଅନେକ ଲୋକ ରେଳରେ ବସି ବୌଦ୍ଧ ମଧ୍ୟ ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ରେଳ ଷ୍ଟେସନ ଉଦଘାଟନ କାର୍ଯ୍ୟକ୍ରମରେ ଆଜି ହରଭଙ୍ଗା ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ, ହରଭଙ୍ଗା ତହସିଲଦାର ବଳଦେବ ବେହେରା,ହରଭଙ୍ଗା ବିଡିଓ ଶରତ କୁମାର ସେଠୀ, ବିଜେପି ନେତା ଶୁଶାନ୍ତ ପ୍ରଧାନ,ସୁବାଷ ପ୍ରଧାନଙ୍କ ରେଳ ବିଭାଗର ସହକାରୀ ରେଳ ମ୍ୟାନେଜର ଶୈଳେନ୍ଦ୍ର କୁମାର,ସହକାରୀ ଟେଲି /ସିଗନାଲ ଯନ୍ତ୍ରୀ କେ.ମୁଖୀ,ରେଳ ମ୍ୟାନେଜର ଏସ .ମଣ୍ଡଳ,ସହକାରୀ ଲୋକପାଇଲଟ ଏସ.ଏନ. ଯାଦବ, ମୁଖ୍ୟଲୋକ ନୀରିକ୍ଷକ ଏ,କେ ବାନାର୍ଜୀ,ସହକାରୀ ଇଲେକ୍ଟ୍ରିକାଲ ଯନ୍ତ୍ରୀ ସୁମନ୍ତ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପାଇଁ ସେଣ୍ଟ୍ରାଲ ଆକ୍ସନ ପାଇଁ ବଲାଙ୍ଗିର ଜିଲ୍ଲାର ଗୋପାଲଜୀ ପାଣିଗ୍ରାହୀ,ଭବାନୀଶଙ୍କର ଶତପଥି,ପୂର୍ଣ୍ଣଚନ୍ଦ୍ର ପଣ୍ଡା,ରମେଶ ଅଗ୍ରୱାଲା,ସୁବର୍ଣ୍ଣପୁର ଜିଲ୍ଲାର ଗୋବିନ୍ଦ ମହାରଣା, ଶ୍ୟାମ ଓମ ପ୍ରକାଶ ମିଶ୍ର,ବଳଦେବ ବେଦବାଗ, ବୌଦ୍ଧଜିଲ୍ଲାରୁ ଯୁଗଳ କିଶୋର ସାମଲ,ବିଶ୍ୱେଶ୍ୱର ପୃଷ୍ଟି,ପ୍ରଦୋଶ ମିଶ୍ର, ଦେବାଶିଷ ପୁରୋହିତ, ଚିତ୍ତରଂଜନ ଦାଶ, ରଘୁନାଥ ଷଡଙ୍ଗୀ,ସୌମିତ୍ରୀ ନାଏକ,ସୁଧିର କର୍ଣ୍ଣଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ରେଳସେବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ଶିବାଜୀ ପଟ୍ଟନାୟକ,ରୁଦ୍ର ମାଧବ ରାୟ, ହରପ୍ରସାଦ ମିଶ୍ର, କହ୍ନେଇ ଚରଣ ଦାସଙ୍କୁ ସ୍ମରଣ କରି ସେମାନଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ସଦର ମହକୁମା ପୁରୁଣା ବାଇପାସ୍ ରାସ୍ତାରେ ଗୁରୁବାର ମଧ୍ୟାହ୍ନରେ କାର -ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ସୁରଜିତ କୁଲୁ (୩୦) ଗୁରୁତର ଆହତ ହୋଇଥିଲେ । ସୁରଜିତଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆ ଯାଇଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାତିରେ ବୁର୍ଲା ବଡ ଡ଼ାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ବୁର୍ଲା ଡାକ୍ତରଖାନାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଜମନକିରା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରାଯାଇଛି। ପୋଲିସ ଉଭୟ ଗାଡ଼ିକୁ ଜବତ କରିଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ମୃତ ସୁରଜିତ ର ବାପା ପାସକାଲ କୁଲୁ ଜମନକିରା ଅଗ୍ନିଶମ ବିଭାଗରେ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଖରାପ ରହିଛି। ମୃତ ସୁରଜିତ ତାଙ୍କ ବାପାଙ୍କ ପାଇଁ ଜମନକିରାକୁ ଔଷଧ କିଣିବା ପାଇଁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି।

# ଡଇଁଚା ଓ ଗୋଗୁଆରେ ବିକାଶ ବାହାନକୁ ସ୍ୱାଗତ

ରେଢ଼ାଖୋଲ,(ସବ୍ୟୁ): ନାକଟିଦେଉଳ ବ୍ଲକ ଡଇଁଚା ଗ୍ରାମପଞ୍ଚାୟତରେ ପହଞ୍ଚିଲା ବିକାଶ ବାହନ ଗାଡି। ଏଇ ଅବସରରେ ବିକାଶ ବାହନ ଗାଡିକୁ ସ୍ୱାଗତ କରିବା ସହ ପଂଚାୟତ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ନାକଟିଦେଉଳ ବିଡ଼ିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାକଟିଦେଉଳ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ବେହେରା, କୃଷି ବିଭାଗର ଜିତେନ୍ଦ୍ର ଦେବତା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନା ରେ ୫ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ,ଜମି ପଟା ୩ ଜଣ,ନିର୍ମାଣ ଶ୍ରମିକ କାର୍ଡ ୩ ଜଣ, ଜବ କାର୍ଡ ୭ ଜଣ, ରାସନ କାର୍ଡ ୩ ଜଣଙ୍କୁ ବଣ୍ଟନ କରାଯାଇଥିଲା । ଡଇଁଚା ପଞ୍ଚାୟତର ମହିଳା ଏସ୍‌ଏଚଜି ଏବଂ ଏମବିକେ, ସିଆରପି ର ମହିଳା ମାନେ ଯୋଗଦେଇଥିଲେ । ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ ପରିଚାଳନା କରିଥିବା ବେଳେ ସାମ୍ବାଦିକ କନ୍ଦର୍ପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୋଗୁଆ ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ କରାଯାଇଥିଲା ।

# ବନ୍ୟା ଆଶ୍ରୟସ୍ଥଳୀସ୍ତରୀୟ ଅଭ୍ୟାସ ମକଡ୍ରିଲ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାର ୪ ଗୋଟି ବନ୍ୟା ଆଶ୍ରୟସ୍ଥଳୀଠାରେ ଅଭ୍ୟାସ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି, କଲମପୁର ବ୍ଲକ ଅନ୍ତର୍ଗତ ବାଲିଗୁଡା, ଜୟପାଟଣା ବ୍ଲକ ଅନ୍ତର୍ଗତ ରସୁଳମେର ଏବଂ ଜୁନାଗଡ ବ୍ଲକ ଅନ୍ତର୍ଗତ କୁଟେନ ଗାଁ ଠାରେ ସମସ୍ତ ଗ୍ରାମବାସୀ, ପଂଚାୟତ ରାଜ ସଂସ୍ଥାର ସଦସ୍ୟ/ସଦସ୍ୟା , ଏସଏଚଜିର ସଦସ୍ୟା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଅନ୍ତର୍ଭୁକ୍ତ କରି ଏହି ଅଭ୍ୟାସ ମକଡ୍ରିଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବେଲଖଣ୍ଡି ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍) ବଇଦୁରା ଦୀପ ଅଧକ୍ଷତା କରି ବନ୍ୟା ସମୟରେ ଗୋଷ୍ଠୀର ଭୂମିକା ଓ ମକଡ୍ରିଲର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଭାବରେ ଡିଜିଏମ୍ ଓସଡାମା ଜୟ ଜଗତ ସାହୁ ଉପସ୍ଥିତ ରହି ଗୋଷ୍ଠୀ ସ୍ତରରେ ବିପର୍ଯ୍ୟୟ ଯୋଦ୍ଧା ତିଆରି କରି ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଗୋଷ୍ଠୀ କିପରି ଶାସକ୍ତ ହେବ ସେହି ଉପରେ ମତପୋଷଣ କରିଥିଲେ । ପଂଚାୟତ ସମିତି କେସିଙ୍ଗା ଅଧକ୍ଷ ଚନ୍ଦନ ସେନାପତି ଯୋଗଦାନ କରି ବନ୍ୟା ସମୟରେ ଗୋଷ୍ଠୀର ଭୂମିକା ଓ ବନ୍ୟା ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅଭ୍ୟାସ ମକଡ୍ରିଲ କାର୍ଯ୍ୟକ୍ରମରେ ବିଡ଼ିଓ କେସିଙ୍ଗା ଜନ୍ନେଜ ସ୍ୱାଇଁ, ତହସିଲଦାର କେସିଙ୍ଗା ପ୍ରଶାନ୍ତି ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୌଦାମିନୀ ମାଝୀ ଉପସ୍ଥିତ ରହି ଅଭ୍ୟାସ ମକଡ୍ରିଲର ନିରୀକ୍ଷଣ କରିଥିଲେ । ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ବନ୍ୟା ସମୟରେ ଆଶ୍ରୟସ୍ଥଳୀର ଭୂମିକା ଓ ସୁବିଧା ସୁଯୋଗ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଅଗ୍ନିଶମ ବାହିନୀ କେସିଙ୍ଗା ଏହି ମକଡ୍ରିଲ ସମ୍ବନ୍ଧୀୟ ସମସ୍ତ କୌଶଳ ପ୍ରଦର୍ଶନ କରିଥିଲେ ।

## ମାଇଚିଆ ଶବ୍ଦ ପ୍ରୟୋଗ କରି ଅଡୁଆରେ ବିଧାୟକ

ନର୍ଲା,(ସବ୍ୟୁ): ପୁରୀ ଜିଲ୍ଲାର ଦଳୀୟ ସମାବେଶରେ ବିଧାୟକ ଅରୁଣ ସାହୁ ବିଜେପି ସରକାରଙ୍କ ଉଦ୍ଦେଶ୍ୟରେ ମାଇଚିଆ ଶବ୍ଦ ପ୍ରୟୋଗ କରିଥିବା ଭିଡିଓ ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଛି । ତାକୁ ନେଇ ସାରା ରାଜ୍ୟର କିନ୍ନର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାର ସେବାକାରୀ କିନ୍ନର ସଂଘ ପକ୍ଷରୁ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ସାହୁ ଙ୍କ ଏଭଳି ମାନ୍ତବ୍ୟକୁ ନା ପସନ୍ଦ କରିଛନ୍ତି । ବିଧାୟକ ନିଜ କହିଥିବା ଉକ୍ତ ଶବ୍ଦ ପାଇଁ କ୍ଷମା ମାଗନ୍ତୁ ନ ହେଲେ ଓଡ଼ିଶାର ସମସ୍ତ କିନ୍ନର ସମାଜ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ସେବାକାରୀ କିନ୍ନର ସଂଘ ସଭାପତି କାମିନୀ କିନ୍ନର ।

# ଟୋକନ ସମସ୍ୟାରୁ ବିକ୍ରି ହୋଇନାହଁ ରବି ଧାନ

ପଦ୍ମପୁର,(ସବ୍ୟୁ): କଥା ରେ ଅଛି ଚାଷ କାମ ଯାହାର କେତେ ସୁଖ ତାହାର । ହେଲେ ଏଠାରେ ଓଲଟା ଦେଖିବାକୁ ମିଳିଛି । ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକ ଭେଡେଁରିଆ ପଞ୍ଚାୟତ ଦେଉଳି ଗ୍ରାମର ଦୁଇ ଜଣ ଚାଷୀ ରବି ଋତୁରେ ଧାନ ଚାଷ କରିଥିଲେ। ଥବିର ଚରଣ ଗୁଛି ୨ ଏକର ୨୮ ଡ଼ିସିମିଲ ଏବଂ ନିଲମଣି ଧରୁଆ ୨ ଏକର ୪୯ ଡ଼ିସିମିଲ ଜମିରେ ଚାଷ କରିଥିଲେ। ପ୍ରକୃତରେ ଲହୁ ଲୁହକୁ ଏକ କରି କଠିନ ପରିଶ୍ରମରେ ନିଜ ଜମିରେ ଧାନ ଚାଷ କରିଥିଲେ ସୁଦ୍ଧା ବିକ୍ରି ପାଇଁ ଟୋକନ ପାଇନାହାନ୍ତି । କେମିତି ଧାନ ବିକ୍ରି କରିବେ ସେ ନେଇ ଚିନ୍ତାରେ ଉଭୟ ଚାଷୀ। ଟୋକନ ପାଇଁ ପୂର୍ବରୁ ପ୍ରଶାସନଙ୍କୁ ଜଣେଇ ଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ପୁଣି ଶୁକ୍ରବାର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରକାର ତୁରନ୍ତ ଚାଷୀଙ୍କୁ ଟୋକନ ଦେଇ ବିକ୍ରି କରିବାକୁ ଅନୁମତି ଦେବା ପାଇଁ କୋହଭରା କଣ୍ଠରେ ଆକୁଳ ନିବେଦନ କରିଛନ୍ତି ଉଭୟ ଚାଷୀ ।

# ଅବ୍ୟବସ୍ଥା ଘେରରେ ଜୁନାଗଡ଼ ଏନଏସି



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ସ୍ଥିତ ଜୁନାଗଡ଼ ସହର ହେଉଛି ରାଜ୍ୟର ଅନ୍ୟତମ ପୁରାତନ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୯୭୦ ମସିହାରେ ପ୍ରତିଷ୍ଠିତ ଏହି ଏନଏସି ସଂପ୍ରତି ଅବ୍ୟବ୍ୟସ୍ଥା ଘେରରେ । ଲୋକେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବ୍ୟାପକ ହଇରାଣ ହେଉଥିବା ଅଭିଯୋଗ ହେଉଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଭୟ ଧର୍ମଗଡ଼ ଓ ଜୁନାଗଡ଼ ଦାୟିତ୍ୱରେ ଥିବାବେଳେ ବିଭିନ୍ନ କାର୍ଯ୍ୟ ଯୋଗୁଁ ଲୋକେ କାର୍ଯ୍ୟାଳୟକୁ ଆସୁଥିଲେ ହେଁ ତାଙ୍କୁ ନ ପାଇ ହଇରାଣ ହେଉଛନ୍ତି। ସମ୍ପ୍ରତି ଡାଇରିଆକୁ ନେଇ ସମଗ୍ର ରାଜ୍ୟରେ ଏକ ସମ୍ବେଦନଶୀଳ ବାତାବରଣ ସୃଷ୍ଟି ହୋଇଥିବା ବେଳେ ଜୁନାଗଡ଼ ଏନଏସି ଏଥିପ୍ରତି ଜାଗ୍ରତ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି। ସହରର ବିଭିନ୍ନ ପଡାର ରାସ୍ତା ଯଥା ଭୈରବପଡ଼ା ରାସ୍ତା , ଠାକୁରାଣୀ ଗୁଡ଼ି (ମଧ୍ୟମ ପଡା) ଏଭଳି ଅନେକ ଗଳିରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏନଏସି ପ୍ରଶାସନ କିଛି ପଦକ୍ଷେପ ନେଉନଥିବା ପଡ଼ାବାସୀ ଅଭିଯୋଗ କରିଆସୁଛନ୍ତି । ଏପରି ସ୍ଥଳେ ସ୍ଥାନୀୟ ପ୍ରଶାସନ ଏସବୁକୁ ଗୁରୁତ୍ୱ ଦେବା ବଦଳରେ କିପରି ଉନ୍ନୟନ ମୂଳକ କାର୍ଯ୍ୟ ନାଁରେ ଠିକାକାମ କରି ଠିକାଦାର ମାନଙ୍କୁ ପ୍ରତିପୋଷଣ କରାଯାଇପାରିବ ତାହା ପରିଲକ୍ଷିତ ହେଉଛି । ଆବଶ୍ୟକ ସ୍ଥାନରେ କାର୍ଯ୍ୟ କରା ନ ଯାଇ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ସ୍ୱରୂପ ଭଲ ରାସ୍ତା ଥାଇ ମଧ୍ୟ ତା ଉପରେ ରାସ୍ତା ନିର୍ମାଣ କରାଯିବା ଅତ୍ୟନ୍ତ ପରିତାପର ବିଷୟ । ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଗୁଡିକ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଫଳରେ ନିର୍ମାଣ ହୋଇଥିବା ରାସ୍ତା ବର୍ଷେ ନ ପୂରୁଣୁ ଗମନାଗମନ ପାଇଁ ଉପଯୋଗୀ ହୋଇ ପାରୁନାହିଁ । ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯିବା ବେଳେ ଫୋନ ବନ୍ଦ ରହୁଥିବା ଦ୍ୱାରା ଲୋକେ ମଧ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସହରର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ସହ କଳାହାଣ୍ଡି ଜିଲ୍ଲାପାଳ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକରେ ଆଲୋଚ୍ୟ କାର୍ଯ୍ୟସୂଚୀ ଆଲୋଚନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାସ୍ତରୀୟ କମିଟି ବୈଠକରେ ସମ୍ପୃକ୍ତ କିଛି ଅଧିକାରୀଙ୍କ ଅନୁପସ୍ତିତି ରହିଥିବାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ଏହାର କାର୍ଯ୍ୟକାରିତାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନର ବୈଠକରେ ଚୂଡ଼ାନ୍ତ ନିଷ୍ପତି ଅନୁଯାୟୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । କଳାହାଣ୍ଡି ଜିଲ୍ଲା ଏମ.ଭି. ରାଜସ୍ୱ ଆଦାୟରେ ପ୍ରୋଗ୍ରେସିଭ୍ ହାରରେ ଗତ ଦୁଇ ମାସ ଧରି ଟ୍ ୯.୦୫ କୋଟି ଧାର୍ଯ୍ୟ ଥିଲା ବେଳେ ୮.୪୦ କୋଟି ସଂଗ୍ରହ କରି କଳାହାଣ୍ଡି ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସାମନ୍ତରାୟ ସୂଚନା ଦେଇଥିଲେ । ହାତୀବ୍ରିଜକୁ ସଂଯୋଗ କରୁଥିବା ବାସୁଗୁଡ଼ା ରାସ୍ତାର ଗାଡୱାଲ୍ ନଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜୟପାଟଣାରୁ ସସ ତୁଗୁଡା ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଟୁଲୁଘାଟି ରାସ୍ତାର ଗାଡ଼ୱାଲ ନଥିବାରୁ ବହୁ ସମୟରେ ଦୁର୍ଘଟଣାର ଶୀକାର ହୋଇ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ଜୟପାଟଣା ଠାରୁ ପରୁଆଗୁଡ଼ା ରାସ୍ତା, ତେମରା ଠାରୁ ବଡ଼ ଚେରଗାଁ, ବଡକୁଟୁରୁ ଠାରୁ ପାତ୍ରବସା ରାସ୍ତା, ଫର୍ଲିଝରଣ ଠାରୁ ଜାଖମ୍, ଗଡିସାଲ ଠାରୁ ଲାଞ୍ଜିଗଡ, ମୂଷପଲି ଠାରୁ ଚାରବାହାଲ, ଜୁନାଗଡ଼ ଠାରୁ ରାସ୍ତା, କଦଳୀ ଘାଟି ଲାଞ୍ଜିଗଡ ରାସ୍ତାର ଅବସ୍ଥା ବହୁ ଖରାପ ଥିବାରୁ ବିଭିନ୍ନ ସମୟରେ ଯତ୍ରୀଙ୍କର ଦୁର୍ଘଟଣା ଘଟି ମୃତ୍ୟୁମୁଖରେ ପଡୁଛନ୍ତି ।

ଏହି ସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ୱାଲର ନିର୍ମାଣ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା । ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ବଳଦିଆମାଲ ଛକ ଠାରୁ କେସିଙ୍ଗା ପର୍ଯ୍ୟନ୍ତ ସୌର ଶକ୍ତି ଚାଳିତ ଆଲୋକିତ କରଣ ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପ୍ରସ୍ତାବର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ବଳଦିଆମାଲ ଛକ ଠାରୁ କେସିଙ୍ଗା ମଧ୍ୟରେ ୮୦% ସଡ଼କ ଦୁର୍ଘଟଣା ଘଟୁଥିବା ଆଞ୍ଚଳିକ ପରିବହନ ଅଧିକାରୀ ଦେଇଥିଲେ ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହିତ ନେଇ ଆବଶ୍ୟକ ସୌର ଶକ୍ତି ଚାଳିତ ଆଲୋକିତ କରଣ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି ।

କଲମପୁର ରୁ ଥୁଆମୂଲ୍ ରାମପୁର, ଜୟପାଟଣା ରୁ ମହୁଲପାଟଣା ରାସ୍ତା ର ଆବଶ୍ୟକ ମରାମତି ତୁରନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଶ୍ରୀ ଦରୱାନ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ଆଂଚଳିକ ପରିବହନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି, ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳକଙ୍କ ପାଇଁ ଦଣ୍ଡବିଧାନ, ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ ଦିଗରେ ସଚେତନତା କାର୍ଯକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରଯାଇଥିଲା । ଏଥିରେ କମିଟିର ସଦସ୍ୟ , ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଜିଲ୍ଲା ବେସରକାରୀ ବସ୍ ଏସୋସିଏସନ୍‌ର ସଭାପତି ପ୍ରବୋଧ କୁମାର ରଥ, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

### ନାବାଳିକା ଅସଦାଚରଣ ମାମଲା
## ଦୋଷୀକୁ ୪ବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଲାଶ ସେନାପତି ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଶୁକ୍ରବାର ରାୟ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ମାଦଡିହି ଗ୍ରାମର ପ୍ରଶାନ୍ତ ପ୍ରଧାନ(୨୨)କୁ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୬ବର୍ଷ ଦଣ୍ଡାଦେଶ ରହିଛି । ସୂଚନାଯୋଗ୍ୟ, ଜମନକିରା ଥାନା ମାଦଡିହି ଗ୍ରାମର ପ୍ରଶାନ୍ତ ପ୍ରଧାନ ଜଣେ ୧୫ବର୍ଷିଆ ନାବାଳିକାକୁ ଏକାକି ପାଇ ଗତ ୧୭ସେପ୍ଟେମ୍ବର, ୨୦୨୩ଦିନ ସର୍ବସାଧାରଣ ସ୍ଥାନରେ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା । ଅଭିଯୋଗ ପରେ ଜମନକିରା ଥାନା ପୋଲିସ ୧୨୦/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୧୫ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

## ଜାତୀୟ କନିଷ୍ଠ ବର୍ଗ କୁସ୍ତିରେ ବୈଷ୍ଣବୀ ପଟ୍ଟନାୟକ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କଚେରି ସ୍ଥିତ ସାଓଲିନ କୁଙ୍ଗ୍ଫୁ ଉଷୁ ଏଶୋଶିଏଶନର କୁସ୍ତି ଖେଳାଳି ବୈଷ୍ଣବୀ ପଟ୍ଟନାୟକ ୪୨ କିଲୋଗ୍ରାମ ବିଭାଗ ଜାତୀୟ କନିଷ୍ଠ ବର୍ଗ କୁସ୍ତି ପ୍ରତିଯୋଗିତାରେ ମହାରାଷ୍ଟ୍ରର ନାଗପୁର ଠାରେ ଭାଗ ନେବା ପାଇଁ ଓଡିଶା ଦଳ ସହ ଗସ୍ତ କରିଛନ୍ତି । ସେ ସମ୍ବଲପୁର ସହର ହିରାକୁଦ କଲୋନୀର ସଞ୍ଜିବ ପଟ୍ଟନାୟକ ଓ ସନ୍ଧ୍ୟା ପଟ୍ଟନାୟକଙ୍କ ସୁପୁତ୍ରୀ ଅଟନ୍ତିଛ ସୂଚନାଯୋଗ୍ୟ, ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସମ୍ବଲପୁରର ସୁନାମ ନାମ ଅକ୍ଷୁର୍ଣ୍ଣ ରଖିଥିଲେ । ଏସୋସିଏସନର ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା କହିଥିଲେ ଯେ, ବୈଷ୍ଣବୀ ଜଣେ ପରିଶ୍ରମୀ ଖେଳାଳି ଏବଂ ଆଶା ଅଛି ସେ ସମ୍ବଲପୁର ତଥା ଓଡିଶାର ସୁନାମ ଅର୍ଜନ କରି ଆସିବେ । ରାଜ୍ୟ ସମ୍ପାଦକ କିଶୋର ବେହେରା ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି, ଅରୁଣ କୁମାର ଅଜାଡିୱାଲ, ସ୍ୱାଗତ କୁମାର ଘଡାଇ, ସମିର ବିଶ୍ୱାଳ, ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ସୁଧିର ବହିଦାର, ପୁଷ୍ପାଞ୍ଜଳି ସାହୁ, ସ୍ନିଗ୍ଧା ରାନୀ ଭାଜି, ଡିଙ୍ଗର ମେହେର ଓ ଶୁଭେଚ୍ଛୁ ମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଦୁଇ ଛାତ୍ରଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,(ସବ୍ୟୁ): ଓଡ଼ିଶା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀମାନେ ଦୁଇ ଜଣ ଛାତ୍ରକୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଯାହାକୁ ନେଇ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଲାଣି । ଗତ ୧୭ ତାରିଖରେ ପେଦାପୁରମ ଗ୍ରାମରେ ମାଓବାଦୀ ପହଞ୍ଚି ୧୨ ଜଣକୁ ଅପହରଣ କରିବା ପରେ ୩ ଜଣକୁ ହତ୍ୟା କରିଥିଲେ। ସେହି ତିନି ଜଣଙ୍କ ମଧ୍ୟରେ ଦୁଇ ଜଣ ଛାତ୍ର ଥିଲେ। ଜଣେ ସୋମା ମଡିୟାମି(୨୦) ଏବଂ ଅନୀଲ ମାଣ୍ଡବି(୧୩)।

ସୋମା ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପାସ କରିଥିଲେ। ଆଗକୁ ସେ ଯୁକ୍ତ ତିନିରେ ନାମ ଲେଖାଇବାକୁ ଚାହୁଁଥିଲେ। ଏଥିସହ ସରକାରୀ ଚାକିରି ପାଇଁ ମଧ୍ୟ ଉଦ୍ୟମ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସେହିପରି ୧୩ ବର୍ଷର ଅନୀଲ ୭ମ ଶ୍ରେଣୀରେ ପାଠ ପଢୁଥିଲା। ଅନୀଲ ଏମବିବିଏସ ପଢି ଡାକ୍ତର ହେବାକୁ ସ୍ୱପ୍ନ ଦେଖିଥିଲା। ଏହି ଦୁଇ ଛାତ୍ରଙ୍କର କୌଣସି ଭୁଲ ନଥିଲା। କେବଳ ଏମାନେ ପାଠ ପଢୁଥିଲେ ଏବଂ ମାଓ କମାଣ୍ଡର ଦିନେଶର ସଂପର୍କୀୟ ଥିଲେ। କାରଣ ଦିନେଶ କିଛି ଦିନ ତଳେ ଆତ୍ମସମର୍ପଣ କରି ପୁଲିସ ସହ ମିଶିଯାଇଥିଲା।

ତେବେ ଦୁଇ ଛାତ୍ରଙ୍କ ମୃତ୍ୟୁକୁ ଛାତ୍ର ସଂଗଠନ ଓ ଏବିଭିପି ତରଫରୁ ଘୋର ନିନ୍ଦା କରାଯାଇଛି। ଏନେଇ ମାଓବାଦୀ ବିରୋଧୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କୁହାଯାଇଛି। ମାଓବାଦୀମାନେ ଏହି ଦୁଇ ଛାତ୍ରଙ୍କ ହାତକୁ ବାନ୍ଧି ବେକରେ ଦୌଡି ଦେଇ ହତ୍ୟା କରିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଥିଲେ। ଯେଉଁ ୧୨ ଜଣକୁ ମାଓବାଦୀ ଅପହରଣ କରି ନେଇଥିଲେ ସେମାନଙ୍କୁ ଛାଡି ଦେଇଥିଲେ। କିନ୍ତୁ ସେମାନଙ୍କୁ ନିର୍ଦ୍ଧୁମ ମାଡ ମାରିବା ସହ ଗାଁ ଛାଡି ବାହାରକୁ ଗଲେ ହତ୍ୟା କରାଯିବାର ଧମକ ମଧ୍ୟ ଦେଇଥିବା ଗ୍ରାମବାସୀ କହିଥିଲେ। ଅପହରଣ ହୋଇଥିବା ଗ୍ରାମବାସୀଙ୍କ ମଧ୍ୟରୁ ଚାରି ଜଣ ଛାତ୍ର ମଧ୍ୟ ଥିଲେ। ସେମାନଙ୍କୁ ମାଓବାଦୀ ମାଡ ମାରିବା ସହ ସ୍କୁଲ ନଯିବାକୁ ଧମକ ଦେଇଥିବା ସେମାନେ କହିଥିଲେ। ଗାଁର କୌଣସି ପିଲା ଶିକ୍ଷା ଗ୍ରହଣ କରିବେ ନାହିଁ ବୋଲି ମାଓବାଦୀ ଚେତାବନୀ ଦେଇଥିଲେ। ଲୋକେ ଶିକ୍ଷିତ ହେଲେ ମାଓବାଦୀଙ୍କର କଥା ଶୁଣିବେ ନାହିଁ ବୋଲି ମାଓବାଦୀଙ୍କ ଭୟ ରହଥିବା କୁହାଯାଇଛି। ମାଓବାଦୀଙ୍କ ଏଭଳି ଫତୁଆକୁ ସହଜରେ ଗ୍ରାମବାସୀ ଏବଂ ପୁଲିସ ଗ୍ରହଣ କରୁନାହାନ୍ତି। ଶିକ୍ଷା ପିଲାଙ୍କ ଅଧିକାର ବୋଲି କୁହାଯାଇଛି। ଆଗାମୀ ଦିନରେ ଛାତ୍ର ସଂଗଠନ ଉଗ୍ରରୂପ ନେବ ଏବଂ ନକ୍ସଲ ବିରୋଧରେ ଗର୍ଜିବେ ବୋଲି କୁହାଯାଇଛି, ଯାହା ମାଓବାଦୀ ମୂଳପୋଛର ଅସଲ କାରଣ ହେବ ବୋଲି ମଧ୍ୟ କୁହାଯାଇଛି।

## ସମ୍ବଲପୁର ସିଆରପିଏଫ ଗ୍ରୁପ୍ ସେଣ୍ଟରରେ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର

ସମ୍ବଲପୁର,(ସବ୍ୟୁ): ସିଆରପିଏଫ ପରିବାର କଲ୍ୟାଣ କେନ୍ଦ୍ରର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବଲପୁରର ଗ୍ରୁପ ସେଣ୍ଟର ଠାରେ ଏକ ଦିନିକିଆ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରସିଦ୍ଧ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ପ୍ରବୀଣ କୁମାର ସାହୁ ଏବଂ ଡାକ୍ତର ନିବେଦିତାଙ୍କ ସମେତ ପ୍ରତିଷ୍ଠିତ ଚିକିତ୍ସା ପ୍ରତିଷ୍ଠାନ ଭିମସାର ବୁର୍ଲାର ବିଶେଷଜ୍ଞ ଡାକ୍ତରଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ସମ୍ବଲପୁର ଗ୍ରୁପ ସେଣ୍ଟର ପୋଲିସ ଉପ-ନିରୀକ୍ଷକ ସଞ୍ଜୟ କୁମାର ସିଂହ ଉଦଘାଟନ କରିଥିଲେ। ଯବାନ ଓ ସେମାନଙ୍କ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରିବା ଏବଂ ରୋଗ ବିଷୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଶିବିରରେ ବିଶେଷକରି ଚର୍ମ ରୋଗ ପାଇଁ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ ପାଇଁ ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ କ୍ୟାମ୍ପସରେ ରହୁଥିବା ପ୍ରାୟ ୧୫୨ ଜଣ ସୈନିକ, ମହିଳା ଏବଂ ପିଲାମାନେ ଅଂଶଗ୍ରହଣ କରିଥିଲେ ।

## ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ

ଜୟପାଟଣା,(ସବ୍ୟୁ): ଏସବିଆଇ ଜୟପାଟଣା ଶାଖା ପକ୍ଷରୁ ଜଣେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ କରଯାଇଥିଲା। ଜୟପାଟଣା ଶାଖା କାର୍ଯ୍ୟାଳୟରେ ହିତାଧିକାରୀ ଉଦୟ କୁମାର ମହାରଣାଙ୍କୁ ବିଡିଓ ଧର୍ମରାଜ୍ ମାଝୀ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶିର ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଜୟ ପାଟଣା ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ପ୍ରଭାକର ଦାସ, କ୍ଷେତ୍ର ଅଧିକାରୀ ଅମର ଶର୍ମା ଏଂ ସମ୍ୟକ ସାହୁ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୁଚନାଯୋଗ୍ୟ ଯେ,ଜୟ ପାଟଣା ନିକଟସ୍ଥ ମୁଖିଗୁଡ଼ା ଓଏଚପିସି କଲୋନୀର ରଞ୍ଜିତା ମହାରଣା ଜୟ ପାଟଣା ବ୍ୟାଙ୍କ ଶାଖାରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ପାଇଁ ୨୦ ଟଙ୍କା ମାତ୍ର ଜମା କରି ବୀମା ଅନ୍ତର୍ଭୁକ୍ତ ହୋଇଥିଲେ। ତାଙ୍କର ପରଲୋକ ହୋଇଯିବାରୁ ସ୍ୱାମୀ ଉଦୟ କୁମାର ମହାରଣାଙ୍କୁ ଉକ୍ତ ବୀମା ରାଶି ପ୍ରଦାନ କରଯାଇଥିଲା।

# ବୌଦ୍ଧ ଜିଲ୍ଲାରେ ଗୋରୁ ମାଫିଆ ସକ୍ରିୟ

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲାରେ ଗୋରୁ ମାଫିଆ ସକ୍ରିୟ ହୋଇଥିବା ଜଣାପଡିଛି । ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା– ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଗୋରୁ ଚାଲାଣ ହେଉଥିବାର ଅଭିଯୋଗ ହେଉଛି । ଖୋର୍ଦ୍ଧା– ବଲାଙ୍ଗିର ଜାତୀୟ ରାଜପଥ ଜିଲ୍ଲା କଣ୍ଟାମାଳ ବ୍ଲକର ମନମୁଣ୍ଡା ଠାରୁ ହରଭଙ୍ଗା ବ୍ଲକର ସୀମା ନୟାଗଡ ଜିଲ୍ଲା ସୀମା ପର୍ଯ୍ୟନ୍ତ ପ୍ରାୟ ୧୧୦ କିଲୋମିଟର ପର୍ଯ୍ୟନ୍ତ ଜାତୀୟ ରାଜପଥ ଯାଇଛି । ଏହି ରାଜପଥ ଏବେ ବେଧଡକରେ ଚାଲିଛି ଗୋରୁ ଚାଲାଣ । ଏହି ଜାତୀୟ ରାଜପଥ ଦେଇ ବିଭିନ୍ନ ଗାଡିରେ ଚାଲିଛି ଗୋରୁ ଚାଲାଣ । ବର୍ତ୍ତମାନ ଜିଲ୍ଲା ପୁଲିସ ପକ୍ଷରୁ ଗୋରୁ ଚାଲାଣ ରୋକିବା ପାଇଁ ଆରମ୍ଭ ହୋଇଛି ପଦକ୍ଷେପ । ହେଲେ ଚାଲାଣକାରୀ ବିଭିନ୍ନ ବାଟଦେଇ ଜିଲ୍ଲାଦେଇ ବାହାର ଜିଲ୍ଲାକୁ କରୁଛନ୍ତି ଚାଲାଣ । କେତେକ ସ୍ଥାନରେ ପୁଲିସ ଗୋରୁ ଚାଲାଣ ହେଉଥିବା ସୂଚନା ପାଇଁ ଚଢଉ କରି ଗୋରୁ ଉଦ୍ଧାର କରିଥିବା ଜଣାପଡିଛି । ଗତ ଶନିବାର ଦିନ ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ଗୁନ୍ଥୁଳିଆ ପଂଚାୟତର ସାଲେଇପଡା ଗ୍ରାମ ନିକଟରେ ମାଫିଆ ମାନେ ଗୋରୁ ଚାଲାଣ ପାଇଁ ଗାଡିରେ ଚଢାଉ ଥିବା ସମୟରେ ସ୍ଥାନିୟ ଲୋକେ ଉଦ୍ଧରା କରି ପୁଲିସକୁ ଜିମା ଦେଇଥିଲେ । ସେହିପରି କଣ୍ଟାମାଳ ବ୍ଲକର ଘଣ୍ଟାପଡା ଥାନା ଅଂଚଳରୁ ଗୋରୁ ଚାଲାଣ ହେଉଥିବା ସମୟରେ ଘଣ୍ଟାପଡା ପୁଲିସ ଚଢଉ କରି ୨ଟି ଗାଡିରୁ ୧୬ଗୋଟି ଗୋରୁ ଉଦ୍ଧାର କରିଥିଲେ । ଗୋରୁ ଗୁଡିକ ନିକଟସ୍ଥ ଏକ ହାଟରୁ କିଣାଯାଇ ଚାଲାଣ କରାଯାଉଥିଲା । ଏଥିରୁ ଅନୁମାନ କରାଯାଉଛି ଯେ ଜିଲ୍ଲାରେ ଗୋରୁ ମାଫିଆ ସକ୍ରିୟ ଅଛନ୍ତି ବୋଲି । ଗୋରୁ ମାଫିଆମାନେ ଜିଲ୍ଲାର ବିଭିନ୍ନ ହାଟ ଓ ଗ୍ରାମ ଗୁଡିକରୁ ବିଭିନ୍ନ ଲୋକଙ୍କ ମାଧ୍ୟମରେ ଗୋରୁମାନଙ୍କୁ କିଣି ଜାତୀୟ ରାଜପଥରେ ନେଇ ଜିଲ୍ଲାର ସୀମା ବାହାରେ କଣ୍ଟେନର ଓ ଟ୍ରକ ମାଧ୍ୟମରେ ଗୋରୁ ମାନଙ୍କୁ ଭର୍ତି କରି ଚାଲାଣ କରାଯାଉଥିବା ଜଣାପଡିଛି । ବିଶେଷ କରି ଗୋରୁମାନଙ୍କୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବାର ଚର୍ଚ୍ଚା ହେଉଛି । ଆଗରୁ ଯେପରି ଭାବରେ ଗୋରୁ ଚାଲାଣ ଖୁଲମ ଖୁଲା ଚାଲିଥିଲା ବର୍ତ୍ତମାନ ଟିକେ କମିଛି । ଆଗ ବିନାଦ୍ୱିଧାରେ ଜାତୀୟ ରାଜପଥରେ ଦିନ ଦ୍ୱିପହରରେ ଚାଲାଣ କରିଥିଲେ ସେହି ସମୟରେ ପୁଲିସ ସୂଚନା ଦିଆଯାଉଥିଲେ ମଧ୍ୟ ପୁଲିସ ନ ଜାଣିଲା ଭଳି ହେଉଥିଲା । ବଂର ମାଫିଆମାନଙ୍କୁ ପରୋକ୍ଷରେ ସହଯୋଗ କରିଥିଲା । ଯାହାଫଳରେ ଲୋକେ ପୁଲିସ ଉପରୁ ଭରସା ତୁଟାଇ ଦେଇଥିଲେ । ବର୍ତ୍ତମାନ ଗୋ ସମ୍ପଦର ସୁରକ୍ଷା ପାଇଁ ଲୋକେ ଓ ବିଭିନ୍ନ ସଂଗଠନ ଯେପରି ଭାବରେ ଆଗକୁ ବାହାରୁଛନ୍ତି ସେଥିପାଇଁ ଚାଲାଣ ଉପରେ କିଛିଟା ଅଙ୍କୁଶ ଲାଗିଛି । ଏପରିକି ଅତିତରେ ଗୋରୁ ଚାଲାଣକାରୀଙ୍କ ସହିତ ସେମାନଙ୍କର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି । ଯାହାଫଳରେ ଏବେ ଧିରେ ଧିରେ ଗୋରୁ ଚାଲାଣ କମିଥିବା ବେଳେ ଏବେ ବାହାର ଜିଲ୍ଲାରୁ ଏହି ଜାତୀୟ ରାଜପଥରେ ଗୋରୁ ଚାଲାଣ ହେଉଥିବାର ଆଲୋଚନା ହେଉଛି । ଗୋ ସଂପଦର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

### ଡୋକରୀଚଞ୍ଚରା ସୁରକ୍ଷା ନେଇ ଗର୍ଜିଲା ସୁରକ୍ଷା ମଞ୍ଚ
# ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଡୋକରୀଚଞ୍ଚରା ପର୍ଯ୍ୟଟନସ୍ଥଳୀର ସୁରକ୍ଷା ପାଇଁ ଆନ୍ଦୋଳନ ସଚେତନ ଯାତ୍ରା ଆରମ୍ଭ ହୋଇଛି। ଗୁଡହାଣ୍ଡି ଡୋକରୀଚଞ୍ଚରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି, ଇକୋ ଟୁରିଜମ, ପ୍ରାଗ ଐତିହାସିକ ଗୁଡ଼ହାଣ୍ଡି ଶିଳାଲିପିର ସଂରକ୍ଷଣ, ଭିତ୍ତିଭୂମି ବିକାଶ, ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଟ୍ରଷ୍ଟ ବୋର୍ଡ ଗଠନ, ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମକା ମାଫିଆଙ୍କୁ ଦମନ, ରକ୍ଷଣାବେକ୍ଷଣ ପାଇଁ ଟ୍ରଷ୍ଟକୁ ଦାୟିତ୍ୱ ହସ୍ତାନ୍ତର ଭଳି ଦାବି କରି ଗୁଡ଼ହାଣ୍ଡି ଡୋକରୀଚଞ୍ଚରା ସୁରକ୍ଷା ମଞ୍ଚର ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା, ପୁରୁଷ ବଙ୍ଗୋମୁଣ୍ଡା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ଭାଗ ନେଇ ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ନେଇ ବିଭିନ୍ନ ନାରାବାଜି କରି କୋକସରା ବସଷ୍ଟାଣ୍ଡ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

ସୁରକ୍ଷା ମଞ୍ଚର ସଭାପତି ରାଜେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୁଡ଼ହାଣ୍ଡି ଡୋକାରୀଚଞ୍ଚରା ଉନ୍ନୟନ ସମିତିର ସଭାପତି ଭଦ୍ରେଶ୍ୱର ପାତ୍ର, ଶିକ୍ଷାବିଦ ଅଶୋକ କୁମାର ଦାସ, ସଚେତନ ନାଗରିକ ନିମାଇଁ ଚରଣ ଧଙ୍ଗଡା ମାଝୀ, ମହିମା ପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ନାଏକ, ବିଜେପି ନେତା ଗରୁଡଧ୍ଵଜ ମାଝୀଙ୍କ ସହ କର୍ମକର୍ତ୍ତା ମାନେ ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ଓ ପରିଚାଳନାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ପରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁରକ୍ଷା ମଞ୍ଚର ଏହି କାର୍ଯ୍ୟକ୍ରମରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମହିମା ସରପଞ୍ଚ ଇଶରାମ କୋଲଥିଆ, କୈଳାସ ଚଳାନ, ଶମ୍ଭୁ ମାଝୀ, ପବିତ୍ର ନାଏକ, ଅନିରୁଦ୍ଧ ମାଝୀ, ନିଳାମ୍ବର ନାଏକ, ଚକାଡୋଳା ପାତ୍ର, ଯତୀନ୍ଦ୍ର ମାଝୀ, ଲିଙ୍ଗରାଜ ଲଡୁଆ, ଘନଶ୍ୟାମ ନାଏକ, ଶ୍ୟାମ ସୁନ୍ଦର ନାଏକ, କ୍ଷୀରସିନ୍ଧୁ ହଂସ, ଦୁଷ୍ମନ୍ତ ପାତ୍ର, ହେମନ୍ତ କୁମାର ବାଣୁଆ ସମେତ ଶତାଧିକ ଜନ ସାଧାରଣ କାର୍ଯ୍ୟକ୍ରମରେ ସାମିଲ ରହି ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ଦାବି କରିଥିଲେ।

## ରାସ୍ତାରେ ପଶି ପାରିଲାନି ଆମ୍ବୁଲାନ
## ରୋଗୀଙ୍କ ଚାଲିଗଲା ଜୀବନ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ୍ ରହମତନଗର ଅଞ୍ଚଳରେ ଅଭାବନୀୟ ଘଟଣା । ଆଦିବାସୀବହୁଳ ଅଞ୍ଚଳରେ ବିକାଶର ନଗ୍ନଚିତ୍ରକୁ ପଦାରେ ପକାଇଛି। ପ୍ରଶାସନିକ ଅବହେଳାରୁ ରୋଗୀର ମୃତ୍ୟୁ ହୋଇଥିବା ନେଇ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।କାଦୁଅଭର୍ତ୍ତି ରାସ୍ତା ଯୋଗୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଅନ୍ୟ କିଛି ଉପାୟ ନ ପାଇ ରୋଗୀଙ୍କୁ ଖଟରେ ବୋହି ଆଣୁଥିଲେ। ହେଲେ ବାଟରେ ଚାଲିଗଲା ରୋଗୀଙ୍କ ଜୀବନ। ବିଶ୍ରା ବ୍ଲକ୍ କାର୍ଯ୍ୟାଳୟରୁ ମାତ୍ର ୨୦୦ ମିଟର ଦୂରରେ ରହିଛି ରହମତନଗର ବସ୍ତି । ବୁଧବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ବସ୍ତିର ମହମ୍ମଦ ସମିମ (୪୫) ହଠାତ୍ ଅସୁସ୍ଥ ହୋଇଥିଲେ। ପରିବାର ଲୋକ ତୁରନ୍ତ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ମାତ୍ର ରହମତନଗରକୁ ଯାଇଥିବା କଚ୍ଚା ରାସ୍ତା କାଦୁଅ ପଙ୍କଭର୍ତ୍ତି ହୋଇଥିବାରୁ ସେହି ରାସ୍ତାରେ ଆମ୍ବୁଲାନ୍ସ ପଶି ନ ପାରି ମୁଖ୍ୟ ରାସ୍ତାରେ ଅଟକି ଥିଲା । ଫଳରେ ପରିବାର ଓ ପଡ଼ୋଶୀ ରୋଗୀଙ୍କୁ ତାଙ୍କ ଘରୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣୁଥିଲେ । ହେଲେ ଆମ୍ବୁଲାନ୍ସ ଯାଏଁ ପହଞ୍ଚିବା ନୋହିଲା । ବାଟରେ ସମିମଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ପରେ ରୋଗୀକୁ ବିଶ୍ରା ସରକାରୀ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶ ଥାଉକି, ଏହି ରାସ୍ତାର ମରାମତି ସହ ପକ୍କା ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଗ୍ରାମବାସୀ ବାରମ୍ବାର ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି।

## ବିଜେଡି ଛାଡ଼ିଲେ ପ୍ରଫେସର ନିଳାମ୍ବର ଶତପଥୀ

ସୋନପୁର, (ସବ୍ୟୁ): ଜିଲ୍ଲା ବିଜେଡିରେ ଯୋଗ୍ୟ ଲୋକଙ୍କୁ ହତାଦର ଯୋଗୁଁ ଶୁକ୍ରବାର ବିଜେଡି ଛାଡିଛନ୍ତି ପ୍ରଫେସର ନିଳାମ୍ବର ଶତପଥୀ। ନବୀନ ବାବୁଙ୍କ ଦୃଢ଼ ନେତୃତ୍ବ ତଥା ଦୁର୍ନୀତି ବିରୁଦ୍ଧରେ ତାଙ୍କର ଦୃଢ ପଦକ୍ଷେପରେ ଉଦବୁଦ୍ଧ ହୋଇ ସେ ବିଜେଡିରେ ଯୋଗଦେଇଥିଲେ। ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ । କିଛି ମୁଷ୍ଟିମେୟ ଲୋକ ଦଳକୁ ଭୂଲ ମାର୍ଗରେ ପରିଚାଳନା କରି ବିଶୃଙ୍ଖଳା ସୃଷ୍ଟି କରି ଦଳ ମୁଳ ଉଦ୍ଦେଶ୍ୟରୁ ବ୍ୟତିକ୍ରମ ହୋଇ ଦିଗହରା ହୋଇଛି । ତାଙ୍କର ଉପଦେଶ ବା ମତାମତକୁ ସବୁବେଳେ ଅଣଦେଖା କରାଯାଉଥିଲା ବୋଲି ଅଭିଯୋଗ କରିଛନ୍ତି । ଫଳରେ ଅତିଷ୍ଠ ହୋଇ ସେ ଦଳଛାଡି ତାଙ୍କର ଇସ୍ତଫା ପତ୍ର ବିଜୁ ଜନତା ଦଳ ରାଜ୍ୟ ସଭାପତିଙ୍କ ପାଖକୁ ପଠାଇଦେଇ ବର୍ତ୍ତମାନ ସେ ନିର୍ଦ୍ଦଳୀୟ ହୋଇ ତାଙ୍କର ଅବଶିଷ୍ଟ ଜୀବନ ସେ ଦଳିତ ଓ ଅବହେଳିତ ଲୋକଙ୍କ ସେବାରେ ବ୍ରତୀ ହେବେ ବୋଲି ଆଜି ପେଲେସ ଗାର୍ଡେନ ସ୍ଥିତ ତାଙ୍କର ବାସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବରଗାଁ ଓ ନାରାୟପ୍ରସାଦରେ ବିକାଶ ବାହନ ରଥକୁ ସ୍ୱାଗତ

କଣ୍ଟାମାଳ, (ସବ୍ୟୁ) : ରାଜ୍ୟ ସରକାଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଅତିଥିଭାବେ ହିତାଧିକାରୀଙ୍କ ସହଯୋଗ ଏବଂ ଭାଗିଦାରୀକୁ ନେଇ ପରିଭ୍ରମଣ କରୁଥିବା ବିକାଶ ବାହନ ରଥକୁ କଣ୍ଟାମାଳ ବ୍ଲକର ନାରାୟଣପ୍ରସାଦ ଓ ବରଗାଁ ଗ୍ରାମପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ବୌଦ୍ଧ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ ଶୁଭାରମ୍ଭ କରିଥିବାବେଳେ ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ,ବ୍ଲକ ଯୋଗାଣ ଅଧିକାରୀ ପଦ୍ମଲୋଚନ ମାଝୀ, ସିଡିପିଓ ପଙ୍କଜିନୀ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟନାରାୟଣ ଦାସ, ସରପଞ୍ଚ ପଙ୍କଜିନୀ ରଣା,ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗ,ଏପିଓ ସଞ୍ଜୀବ ମିଶ୍ର,ଜିପିଇଓ ଜ୍ଞାନରଞ୍ଜନ ପ୍ରଧାନ,ଏଡିଇଓ କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗର ସରକାରୀ ଯୋଜନା ଉପରେ ଏବଂ ନୂତନ ସରକାରଙ୍କ ୧ବର୍ଷ ପୂର୍ତ୍ତିର ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଜମି ଓ ଡିହ ପଟ୍ଟା, ଗୃହ କାର୍ଯ୍ୟାଦେଶ, ଭତ୍ତା, ମନରେଗା ଜବକାର୍ଡ, ରାସନ କାର୍ଡ, ସ୍ୱାସ୍ଥ୍ୟବୀମା କାର୍ଡ ସହ ଅନ୍ୟାନ୍ୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏଥିରେ ଯୋଗାଣ ସହାୟକ ରାଜ ମୋହନ ରଣାଙ୍କ ସମେତ ସିଆରପି, ଏମବିକେ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ନାରୀସେବା ସଦନ ମଣ୍ଡପ ଠାରେ ପତଞ୍ଜଳି ଯୋଗ ସମିତି ତଥା ମହିଳା ପତାଞ୍ଜଳି ଯୋଗ ସମିତି ମିଳିତ ସହଯୋଗରେ ଆନ୍ତର୍ଜାତିକ ଯୋଗ ଦିବସକୁ ଯୋଗ ମହୋତ୍ସବ ରୂପେ ପାଳନ କରାଯାଇଛି । ଯୋଗ ଶିକ୍ଷିକା ତଥା ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ ଯୋଗଦାନ କରି ଯୋଗର ମହତ୍ୱ ତଥା ଉପକାରିତା ଉପରେ ଆଲୋକପାତ କରିଥିଲେ । ଏହା ସହ ସମସ୍ତଙ୍କୁ ପ୍ରତିଦିନ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ଯୋଗ କରିବାକୁ ଅନୁରୋଧ କରିଥିଲେ। ପରେ ଯୋଗ ଶିକ୍ଷୟତ୍ରୀ ଜେ. ଗିରିଜା ଦେବୀ ସମସ୍ତଙ୍କୁ ଯୋଗ ଅଭ୍ୟାସ ସହ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ସଂଯୁକ୍ତା ହୋତା, ରୋଟାରି କ୍ଲବର ପୂର୍ବତନ ସଭାପତି ଚନ୍ଦ୍ର କୁମାର ସାରା, ଅରୁଣା ସାରା, ରୋଟାରି ଗ୍ରେଟର କ୍ଲବର ପୂର୍ବତନ ସଭାପତି ଜିତେନ୍ଦ୍ର ଶର୍ମା, ପତାଞ୍ଜଳି ଯୋଗ ସମିତିର ଅରୁଣ ବିହାରୀଙ୍କୁ ଉପଢୌକନ ତଥା ଭଗବତ ଗୀତା ଦେଇ ସମ୍ମାନିତ କରାଯାଇଥିଲା । ଯୋଗ ସମିତିର କାର୍ଯ୍ୟକାରୀ ସୁଶାନ୍ତ ସାହୁ, ଭୂପେନ ଚାୱଲା, ବିଶ୍ ଚନ୍ଦ୍ରା,କଲ୍ୟାଣୀ ଚନ୍ଦ୍ରା, ପ୍ରଶାନ୍ତ ମେହେର, ସୂର୍ଯ୍ୟ ସାହୁ, ପଦ୍ମିନୀ ମୁଣ୍ଡା, ରାଧିକା ଗୁପ୍ତା, ଗିରିଧାରୀ ଅଗ୍ରୱାଲ, ମୁରାରୀ ଅଗ୍ରୱାଲ, ପଟି ନାୟକ, ଦୀପକ ଅଗ୍ରୱାଲ, ଭଗବତୀ ସଲମାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ଦୁଃଖ ଶୁଣିଲେ ନିର୍ଦ୍ଦେଶକ



ରାୟଗଡା,(ସବ୍ୟୁ): ବର୍ଷ ବର୍ଷ ଧରି ନୟାନ୍ତ ହୋଇ ପଡିଥିବା ଅବସରପ୍ରାପ୍ତ କର୍ମଚାରୀଙ୍କ ଦୁଃଖ ଶୁଣିଲେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ନିହାର ରଞ୍ଜନ ଦାଶ । ଶ୍ରୀ ଦାଶ କହିଥିଲେ ଯେ ସରକାରରେ ଥରେ ପରୀକ୍ଷା ଦେଇ ୩୦ ବର୍ଷ ଚାକିରୀ କଲେ ହେବ ନାହିଁ। ଲୋକଙ୍କ ନିକଟକୁ ଯାଇ ଗୁହାରୀ ଶୁଣିବାକୁ ପଡିବ ବୋଲି ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ତାଗିଦ କରିଥିଲେ। ଯେଉଁ ଅଭିଯୋଗ ଆଜି ଆସିଛି ସେଗୁଡିକ ୭ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଓ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଏବଂ ଓଡିଶା ଲେଖା ନିୟନ୍ତ୍ରକ, ଭୁବନେଶ୍ୱର ସହଯୋଗରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଶୁକ୍ରବାର ସ୍ଥାନୀୟ ରାୟଗଡା ଜିଲ୍ଲା ପରିଷଦ ସମ୍ମିଳନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପେନସନ ଅଦାଲତରେ ରାୟଗଡା ଜିଲ୍ଲାର ପାଞ୍ଚ ଶହରୁ ଅଧିକ ପେନସନ ଓ ଭବିଷ୍ୟନିଧି ମଞ୍ଜୁରକର୍ତ୍ତା ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗ ଶୁଣାଣିରେ ଭାଗ ନେଇଥିଲେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦାଶ, ଉପ ମହାଲେଖାକାର ସଞ୍ଜୟ କୁମାର, ରାୟଗଡା ଏସପି ସ୍ୱାତି ଏସ କୁମାର, ଓଡିଶା ସରକାରଙ୍କ ସାଧାରଣ ଓ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ରଶ୍ମି ରଞ୍ଜନ ସାହୁ, ଉପ ଶାସନ ସଚିବ ଅସିତ କୁମାର ପାଣି, ରାୟଗଡା ଡ଼ିଏଫଓ ସଚିନ ଆନ୍ନା ସାହେବ ଓହଲ, ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର ଶୁଣାଣୀ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ଦାଶ ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ ବକେୟା ପ୍ରାପ୍ୟ ଯେପରି ତୁରନ୍ତ ସମାଧାନ କରାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପ ମହାଲେଖାକାର ସଞ୍ଜୟ କୁମାର ଅବସର ନେବାକୁ ଥିବା କର୍ମଚାରୀମାନଙ୍କର ଅବସରକାଳୀନ ପ୍ରାପ୍ୟ ଆବେଦନପତ୍ର ଏଜି କାର୍ଯ୍ୟାଳୟକୁ ଅବସର ପୂର୍ବରୁ ପଠାଇବାକୁ ଜିଲ୍ଲାର ପେନସନ ମଞ୍ଜୁର କର୍ତ୍ତାଙ୍କୁ ଅନୁରୋଧ ଜଣାଇଥିଲେ, ଯାହାଫଳରେ ଅବସର ଦିନ ଅବସରପ୍ରାପ୍ତ କର୍ମଚାରୀ ଅବସର ଦିନ ସେମାନଙ୍କର ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ପ୍ରାପ୍ୟ ପ୍ରଦାନ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ଦାଶ ରାଜ୍ୟ ସରକାର ଅବସର ପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ ଦେୟ ଯେପରି ତୁରନ୍ତ ଫଇସଲା ହୋଇପାରିବ ସେଥିପ୍ରତି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ଓ ଯେଉଁ ଅଧିକାରୀମାନେ ଏହି ଲକ୍ଷ୍ୟରୁ ବିଚ୍ୟୁତ ହେବେ ସରକାର ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚାଇ ଦେଇଥିଲେ । ପେନସନ ଅଦାଲତରେ ରାୟଗଡା ଜିଲ୍ଲାରେ ମଂଜୁର ହୋଇ ନଥିବା ୨୧୦ ପେନସନ କେସ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯିବା ସହ ବ୍ୟକ୍ତିଗତ ଭାବେ ଭାଗନେଇଥିବା ୫୦ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଅଭିଯୋଗ ଗ୍ରହଣ କରାଯିବା ସହ ଏହା ଉପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନର ଉପ ଜିଲ୍ଲାପାଳ ଲକ୍ଷ୍ମୀ ନାରାୟଣ ସାବତ,ଜିଲ୍ଲା ଅଭିଯୋଗ ଶୁଣାଣି ଓ ପେନସନ ପ୍ରକୋଷ୍ଟର ଅଧିକାରୀ ଓ କର୍ମଚାରୀ ଓ ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର, ସହକାରୀ ଲେଖା ଅଧିକାରୀ ମନିଷ କୁମାର, ସୌମ୍ୟ ରଞ୍ଜନ ମହାରଣା, ପୁରୁଷୋତ୍ତମ ବଳ, ଜାମି ସଞ୍ଜୟ କୁମାର ଓ ଲେଖା ନିୟନ୍ତ୍ରକ କାର୍ଯ୍ୟାଳୟର ଅଧିକାରୀମାନେ ପରିଚାଳନା କରିଥିଲେ ।

### ୨୫ରୁ ହରିଦ୍ୱାରରେ ଜାତୀୟ କବାଡ଼ି ପ୍ରତିଯୋଗିତା
# ଓଡ଼ିଶା ଦଳରେ ସମ୍ବଲପୁରର ୫ ଖେଳାଳି



ସମ୍ବଲପୁର,(ସବ୍ୟୁ): ୧୮ ବର୍ଷରୁ କମ୍ ଜାତୀୟ କବାଡ଼ି ଚାମ୍ପିୟନସିପ୍ ଖେଳିବା ପାଇଁ ଓଡ଼ିଶା ପୁରୁଷ ଓ ମହିଳା ଦଳରେ ୫ଜଣ ସମ୍ବଲପୁରର ଖେଳାଳି ସ୍ଥାନ ପାଇଛନ୍ତି ।ଏଥିରେ ସମ୍ବଲପୁରର ୨ ପୁଅ ଓ ୩ ଝିଅ ଅଛନ୍ତି । ଆସନ୍ତା ୨୫ ତାରିଖରୁ ୧ ଜୁଲାଇ ପର୍ଯ୍ୟନ୍ତ ହରିଦ୍ୱାର ଠାରେ ଆୟୋଜିତ କବାଡ଼ି ପ୍ରତିଯୋଗିତାରେ ସେମାନେ ଭାଗ ନେବେ । ଗତ ୮ ତାରିଖ ଦିନ କ୍ରୀଡ଼ା ସଂଘର ଖେଳ ସମ୍ପାଦକ ରାଜେଶ ସେଠଙ୍କ ନେତୃତ୍ୱରେ କଟକ ଚୟନ ଶିବିରକୁ ଯାଇ ପାଇଥିବା ଖେଳାଳିମାନଙ୍କ ମଧ୍ୟରୁ ସମ୍ବଲପୁରର ଶ୍ରାବଣୀ ମହାକୁଡ଼, ପ୍ରିୟଙ୍କା ପଧାନ, ଲକ୍ଷ୍ମୀପ୍ରିୟା ପାଣ୍ଡେ, ସ୍ୱସ୍ତିକ ସ୍ୱରୂପ ମେହେର ଓ ଅମନ ସ୍ୱାଇଁ ମନୋନୀତ ହେଇଛନ୍ତି। ସେହିପରି ସମ୍ବଲପୁର ପୋଲିସର କାର୍ଯ୍ୟରତ ଶ୍ରୀକାନ୍ତ ବାରିକ ଓଡ଼ିଶା ବାଳକ ଦଳର କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଆଇଏସ ପ୍ରବେସନର ଶୁଭଶ୍ରୀ ପଣ୍ଡା ଏହି ଖେଳାଳି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣେଇଥିଲେ। ସେହିପରି ଜିଲ୍ଲା କ୍ରୀଡା ସଂଘର ଉପସଭାପତି ଦୁଲାଲ ପ୍ରଧାନ, ସଂପାଦକ ସୁନୀଲ ସାହୁ, କୋଷାଧକ୍ଷ ଉମାପତି ତ୍ରିପାଠୀ ମଧ୍ୟ ଶୁଭେଚ୍ଛା ଜଣେଇଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୬/୨୦)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ତ୍ରିବିଧଂ ନରକେସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।।୨୧।।**

କାମ, କ୍ରୋଧ ଓ ଲୋଭ–ଏହି ତିନୋଟି ନରକର ଦ୍ୱାର, ଅତଏବ ଆତ୍ମାର ଅବନତିର ମୂଳ କାରଣ, ଏଥିନିମିତ୍ତ ଏହି ତିନୋଟି ତ୍ୟାଗ କରିବା ଉଚିତ ।

# ଯୋଗର ଉପଯୋଗିତା

ଦୈନନ୍ଦିନ ଜୀବନରେ ଆମର ଯୋଗର ଉପଯୋଗିତା ରହିଛି । ସମଗ୍ର ବିଶ୍ୱକୁ ଭାରତର ଅବଦାନ ହେଉଛି ଯୋଗ । ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରୁ ଭାରତରେ କେବଳ ନୁହେଁ, ସମଗ୍ର ବିଶ୍ୱରେ ଯୋଗର ଆଦର ବଢ଼ିଲା । ୨୦୧୫ ମସିହାର ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ଭାରତର ଅନୁରୋଧ ଯୋଗୁଁ ଜାତିସଂଘ ପ୍ରସ୍ତାବ ଗ୍ରହଣ କରି ଏହାର ଘୋଷଣା କରିଥିଲେ । ତେଣୁ ଚଳିତ ବର୍ଷ ଜୁନ୍ ୨୧ରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଉଛି ।

ଭାରତରେ ହିଁ ଏହି ଯୋଗର ଆବିଷ୍କାର ହୋଇଥିଲା । ଭାରତୀୟମାନେ ଏହାକୁ ଭୁଲି ଯାଇଥିଲେ । ସ୍ୱାମୀ ରାମଦେବ ଏହାର ପ୍ରଚାର ଓ ପ୍ରସାର ଭାରତରେ ଆରମ୍ଭ କରିବା ପରେ ସ୍ୱାସ୍ଥ୍ୟରକ୍ଷା ପାଇଁ ଏହା ଏକ ପ୍ରକାର ଅମୋଘ ଅସ୍ତ୍ର ଭାବରେ କାର୍ଯ୍ୟ କରିଥିଲା । ମୋଦିଜୀ ପ୍ରଧାନମନ୍ତ୍ରୀ ହେବା ପରେ ଏହି ଯୋଗକୁ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ କରାଇ ପାରିଥିଲେ । ନିଜେ ମୋଦିଜୀ ମଧ୍ୟ ଦୈନନ୍ଦିନ ଜୀବନରେ ଯୋଗର ପ୍ରୟୋଗ କରି ଆସୁଛନ୍ତି । ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଧ୍ୟ ଦୈନନ୍ଦିନ ଜୀବନରେ ଯୋଗର ପ୍ରୟୋଗ କରି ଆସିଛନ୍ତି । ସୁସ୍ଥ ଜୀବନ ଯାପନ କରି ଶାନ୍ତିରେ ରହିବା ପାଇଁ ଭାରତର ବହୁ ବିଶିଷ୍ଟ ଏପରିକି ବୟୋବୃଦ୍ଧ ବ୍ୟକ୍ତିମାନେ ଏବେ ଯୋଗାସନର ଆଶ୍ରୟ ନେଉଥିବା ଏବଂ ଯୁବକ ଓ ଛାତ୍ରମାନେ ଏଥିପାଇଁ ଆଗ୍ରହ ପ୍ରକାଶ କରୁଥିବା ଏକ ଶୁଭ ସୂଚନା ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବେ ସ୍ୱର୍ଗରେ । ଓଡ଼ିଆ ଲୋକେ କେବଳ ତାଙ୍କୁ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପାଇଁ କିମ୍ବା ଭକ୍ତିମୂଳକ ସଙ୍ଗୀତ 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ' ପାଇଁ ମନେ ରଖିଛନ୍ତି । ମାତ୍ର ତାଙ୍କ ରଚିତ 'ଶରୀରମାଦ୍ୟମ୍' ପୁସ୍ତକଟିକୁ ବହୁ ଅଳ୍ପ ଲୋକେ ପଢ଼ିଛନ୍ତି । ସ୍ୱାସ୍ଥ୍ୟରକ୍ଷା ପାଇଁ ଯୋଗାସନ ବିଷୟରେ ତାଙ୍କ ରଚିତ ଏହି ପୁସ୍ତକ ଶ୍ରୀ ରାମଦେବ ଯୋଗାସନକୁ ଲୋକପ୍ରିୟ କରିବାର ବହୁ ପୂର୍ବରୁ ଲେଖାଯାଇଥିଲା । ତାହା ଏବେ ଦୁଷ୍ପ୍ରାପ୍ୟ । ମାତ୍ର ତାଙ୍କ ଗ୍ରନ୍ଥାବଳୀରେ ଏହି କ୍ଷୁଦ୍ର ପୁସ୍ତକଟି ସ୍ଥାନିତ ହୋଇଛି । ସେ ନିଜେ ରୋଗୀ ଓ ଶଯ୍ୟାଶାୟୀ ଥିଲେ ମଧ୍ୟ ଯେଉଁ ଅଦ୍ୱିତୀୟ ସାହିତ୍ୟ ସୃଷ୍ଟି କରିପାରିଛନ୍ତି, ତାହା ତାଙ୍କର ଯୋଗ ସାଧନା ବଳରେ ସମ୍ଭବ ହୋଇଛି ବୋଲି ସେ ସ୍ୱୀକାର କରିଛନ୍ତି । ଏହି ପୁସ୍ତକର ଆଦ୍ୟରେ

## ସମ୍ପାଦକୀୟ

'ନିବେଦନ' ଶୀର୍ଷକ ବିଷୟରେ ସେ ତେଣୁ ଉଲ୍ଲେଖ କରିଛନ୍ତି । 'ମୁଁ ନିଜେ ଅଳ୍ପ ବୟସରେ ପ୍ରକୃତିର ବିଧି ବିଧାନକୁ ଖାତିର ନକରି ଅସଂଯମ ଓ ବ୍ୟଭିଚାର ହେବା ଫଳରେ ବହୁମୂଲ୍ୟ ସ୍ୱାସ୍ଥ୍ୟ ହରାଇ ସାରା ଜୀବନ ତାହାକୁ ବହୁତ ଖୋଜିଛି । ଏଥି ସକାଶେ ବହୁ ପୁସ୍ତକ ଅନୁସନ୍ଧାନ (ଅନୁଶୀଳନ) କରିଛି, ସୁସ୍ଥ ଓ ଅସୁସ୍ଥ ବ୍ୟକ୍ତିମାନଙ୍କ ସଙ୍ଗେ ଚର୍ଚ୍ଚା କରିଛି, ବିଜ୍ଞ ଚିକିତ୍ସକମାନଙ୍କର ଉପଦେଶ ଗ୍ରହଣ କରିଛି ଏବଂ ଅର୍ଦ୍ଧମୃତ ଶରୀର ଉପରେ ପରୀକ୍ଷା କରି କରି ଜୀଇଁ ରହିଛି । ସେହି ସମସ୍ତ ବହୁ ଆୟସଲବ୍ଧ ଅଭିଜ୍ଞତାରୁ କିଛି କିଛି ଲିପିବଦ୍ଧ କରି ମୁଁ ଆଜି ପାଠକ ଓ ଜନସାଧାରଣଙ୍କ ହସ୍ତରେ ଅର୍ପଣ କରିବାକୁ ବସିଛି । ମୋର ବିଶ୍ୱାସ, ଆଧୁନିକ କୃତ୍ରିମ ସଭ୍ୟତାଲାଳିତ ଅନେକ ଭାଇ ଭଉଣୀଙ୍କର ଏଥିରେ କିଛି ହେଲେ ଉପକାର ହେବ । ଅନ୍ତତଃ ଯଦି ଜଣେ ସୁସ୍ଥ ବ୍ୟକ୍ତି ତା'ର ଭଗ୍ନ ସ୍ୱାସ୍ଥ୍ୟର କିଞ୍ଚିତ ପୁନରୁଦ୍ଧାର କରିପାରେ, ତେବେ ମୋର ଏତକ ଶ୍ରମ ସଫଳ ହେବ ।'

ଏଥର ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ର ବିଷୟବସ୍ତୁ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' । ସଦଭାବନା ଓ ସୁସ୍ଥତା ଲାଗି ଭାରତର ଏହି ବାର୍ତ୍ତା ବିଶ୍ୱବାସୀଙ୍କୁ ବେଶ୍ ମୁଗ୍ଧ କରିଥିବା ପରିଲକ୍ଷିତ ହୋଇଛି । ବାସ୍ତବିକ ଦୈନନ୍ଦିନ ଜୀବନରେ ଯୋଗର ପ୍ରୟୋଗ କରାଯାଇ ପାରିଲେ ଆମେ ଶାରୀରିକ ସୁସ୍ଥତା ଲାଭ କରୁଁ ଏବଂ ମାନସିକ ସ୍ୱଚ୍ଛତା ଓ ଆବେଗିକତାର ଆନନ୍ଦ ମଧ୍ୟ ଲାଭ କରିଥାଉଁ । ଶରୀର, ମନ ଓ ଭାବାବେଗର ସମନ୍ୱୟ ହିଁ ଯୋଗଦ୍ୱାରା ସମ୍ଭବ ହୋଇଥାଏ । ପୂର୍ବ କାଳରେ ଅତ୍ୟାଧୁନିକ ସୁବିଧା ସୁଯୋଗ ନଥିବା ସତ୍ତ୍ୱେ ଆମର ମୁନି ଋଷିମାନେ ସୁସ୍ଥ ଓ ନିରାମୟ ଜୀବନକୁ ସାର୍ଥକ କରି ଦୀର୍ଘ କାଳ ବଞ୍ଚି ରହି ପାରୁଥିଲେ । ତେଣୁ ଯୋଗର ଜୀବନ ହିଁ ଶ୍ରେଷ୍ଠ ଜୀବନ ବୋଲି ମନେ କରାଯାଇଛି ।

ଏଥର ଆସନ୍ତା ୨୧ ତାରିଖର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଭୁବନେଶ୍ୱର ଅନ୍ତର୍ଗତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ କଟକରେ ଉପ–ମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି. ସିଂହଦେଓ ଯୋଗଦେଉଛନ୍ତି । ଅନ୍ୟ ମନ୍ତ୍ରିମାନେ ଅନ୍ୟାନ୍ୟ ଜିଲ୍ଲାରେ ଯୋଗଦେଉଥିବା ଜଣାଯାଇଛି ।

## ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫

# ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ

### (ସଦ୍‌ଭାବନା ଓ ସୁସ୍ଥତା ଲାଗି ବିଶ୍ୱକୁ ଭାରତର ବାର୍ତ୍ତା)

ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର ଯୋଗ ଆଜି ମନୁଷ୍ୟର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବିକାଶ ପାଇଁ ଏକ ସର୍ବୋତ୍ତମ ମାଧ୍ୟମ ପାଲଟିଛି । 'ଯୋଗ' ଶବ୍ଦ ସଂସ୍କୃତ ମୂଳ ଧାତୁ 'ଯୁଜ'ରୁ ଆସିଛି ଯାହାର ଅର୍ଥ 'ଯୋଗ କରିବା' କିମ୍ବା 'ଏକୀକରଣ' । ଏହା ଶରୀର ଏବଂ ମନ, ବିଚାର ଏବଂ କାର୍ଯ୍ୟ, ମଣିଷ ଏବଂ ପ୍ରକୃତି ଏବଂ ଏକ ସାମଗ୍ରିକ ସ୍ୱାସ୍ଥ୍ୟ ଆଭିମୁଖ୍ୟ ମଧ୍ୟରେ ସନ୍ତୁଳନର ପ୍ରତୀକ ପାଲଟିଛି ।

ଯୋଗର ବିଶ୍ୱସ୍ତରୀୟ ଲୋକପ୍ରିୟତାକୁ ସ୍ୱୀକାର କରି, ଜାତିସଂଘ ୧୧ ଡିସେମ୍ବର ୨୦୧୪ରେ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ଘୋଷଣା କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୭ ସେପ୍ଟେମ୍ବର ୨୦୧୪ରେ ଜାତିସଂଘ ସାଧାରଣ ସଭାରେ ଏହି ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହାକୁ ୧୭୫ଟି ଦେଶ ଦ୍ୱାରା ଅନୁମୋଦନ କରାଯାଇଥିଲା । ୨୧ ଜୁନକୁ ବଛାଯାଇଥିଲା କାରଣ ଏହା ଉତ୍ତର ଗୋଲାର୍ଦ୍ଧର ସବୁଠାରୁ ଲମ୍ବା ଦିନ । ପୁଣି ବିଭିନ୍ନ ସଂସ୍କୃତିରେ ମହତ୍ତ୍ୱ ରଖୁଥିବା ଏହି ଦିନଟି ପ୍ରକୃତି ଓ ମାନବ ସୁସ୍ଥତାର ଏକ ପ୍ରତୀକ ।

୨୦୧୫ ମସିହାରେ ଏହାର ପ୍ରଥମ ସଂସ୍କରଣ ଠାରୁ, ଆୟୁଷ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ତଥା ବିଭିନ୍ନ ରାଜ୍ୟ ସରକାର, ବିଦେଶରେ ଥିବା ଭାରତୀୟ ମିଶନ ଏବଂ ଜାତିସଂଘ ଏଜେନ୍ସିଗୁଡ଼ିକର ସକ୍ରିୟ ସମର୍ଥନ ସହିତ ଭାରତ ସାରାବିଶ୍ୱରେ ଏହି ଉତ୍ସବର ନେତୃତ୍ୱ ନେଇ ଆସୁଛନ୍ତି ।

**ଲୋଗୋର ମହତ୍ତ୍ୱ**

ନମସ୍କାର ଭଙ୍ଗୀ ସଂଯୋଗର ପ୍ରତୀକ–ବ୍ୟକ୍ତିଗତ ଚେତନା ଓ ଜାଗତିକ ଚେତନା ମଧ୍ୟରେ ସଂଯୋଗ, ମନ ଓ ଶରୀର, ମଣିଷ ଓ ପ୍ରକୃତି ମଧ୍ୟରେ ଚମତ୍କାର ସମନ୍ୱୟ, ସ୍ୱାସ୍ଥ୍ୟ ଓ ସୁସ୍ଥତା ଲାଗି ଏକ ସାମଗ୍ରିକ ପ୍ରୟାସ । ବାଦାମୀ ପତ୍ରଗୁଡ଼ିକ ପୃଥିବୀ ଉପାଦାନର ପ୍ରତୀକ, ସବୁଜ ପତ୍ରଗୁଡ଼ିକ ପ୍ରକୃତିର ପ୍ରତୀକ, ନୀଳ ରଙ୍ଗ ଜଳ ଉପାଦାନର ପ୍ରତୀକ, ଉଜ୍ଜ୍ୱଳତା ଅଗ୍ନି ଉପାଦାନର ପ୍ରତୀକ ଏବଂ ସୂର୍ଯ୍ୟ ଶକ୍ତି ଏବଂ ପ୍ରେରଣାର ଉତ୍ସ । ଏହି ଲୋଗୋ ମାନବତା ପାଇଁ ସଦ୍ଭାବ ଏବଂ ଶାନ୍ତିକୁ ପ୍ରତିଫଳିତ କରେ, ଯାହା ଯୋଗର ସାରତତ୍ତ୍ୱ ।

**ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରଭାବ**

ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଯୋଗ ଦିବସ ଲାଗି ଉତ୍ସାହ ବଢ଼ିଚାଲିଛି । ୨୦୧୮ରେ ବିଶ୍ୱବ୍ୟାପୀ ୯କୋଟି ୫୯ ଲକ୍ଷ ଲୋକ ଏଥିରେ ଅଂଶଗ୍ରହଣ କରିଥିବାବେଳେ ୨୦୨୪ରେ ମୋଟ ୨୪କୋଟି ୫୩ ଲକ୍ଷ ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ, ଯାହା ଦର୍ଶାଉଛି ଯେ ଯୋଗ ସାରା ବିଶ୍ୱରେ ସୁସ୍ଥତାର ଏକ ଆନ୍ଦୋଳନରେ ପରିଣତ ହୋଇଛି ।

ଏବର୍ଷ ଲାଗି ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷ ହେଉଛି ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ । ଏହା ଭାରତର ଜି–୨୦ ସଭାପତିତ୍ୱ ସମୟରେ ଥିବା ଶୀର୍ଷକ 'ଏକ ବିଶ୍ୱ–ଏକ ପରିବାର–ଏକ ଭବିଷ୍ୟତ' ସହ ମେଳ ଖାଉଛି ।

ଗତ ଦଶନ୍ଧି ମଧ୍ୟରେ, ଅନ୍ତର୍ଜାତୀୟ ଯୋଗ ଦିବସ ଏକ ପରିବର୍ତ୍ତନକାରୀ ଶକ୍ତିରେ ପରିଣତ ହୋଇଛି, ଯାହା ସଂସ୍କୃତି ଏବଂ ସମ୍ପ୍ରଦାୟ ମଧ୍ୟରେ ସାମଗ୍ରିକ ସ୍ୱାସ୍ଥ୍ୟ, ସଚେତନତା ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରୁଛି । ଏହି ଦଶନ୍ଧି ଧରି ଚାଲିଥିବା ଯାତ୍ରାକୁ ସ୍ମରଣୀୟ କରିବା ପାଇଁ, ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ରେ ଦଶଟି ସିଗନେଚର ଇଭେଣ୍ଟ ପ୍ରଦର୍ଶିତ ହେବ, ଯାହା ଯୋଗର ଲୋକପ୍ରିୟତା ଓ ପ୍ରସାରକୁ ଆହୁରି ବୃଦ୍ଧି କରିବ । ଏହି ୧୦ଟି ସିଗନେଚର ଇଭେଣ୍ଟ ହେଲା ଯୋଗ ସଂଗମ, ଯୋଗ ବନ୍ଧନ, ଯୋଗ ପାର୍କ, ଯୋଗ ସମାବେଶ, ଯୋଗ ପ୍ରଭାବ, ଯୋଗ କନେକ୍ଟ, ହରିତ ଯୋଗ, ଯୋଗ ଅନପ୍ଲଗଡ୍, ଯୋଗ ମହାକୁମ୍ଭ ଓ ସମଯୋଗ ।

**ଯୋଗ ସଂଗମ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ର ମୁଖ୍ୟ କାର୍ଯ୍ୟକ୍ରମ ଯାହାକି ଜୁନ ୨୧ ସକାଳ ୬.୩୦ରୁ ସକାଳ ୭.୪୫ ପର୍ଯ୍ୟନ୍ତ ସାରା ଭାରତରେ ୧ ଲକ୍ଷରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବ ।**



ଯୋଗ ସଂଗମ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ର ମୁଖ୍ୟ କାର୍ଯ୍ୟକ୍ରମ ଯାହାକି ଜୁନ ୨୧ ସକାଳ ୬.୩୦ରୁ ସକାଳ ୭.୪୫ ପର୍ଯ୍ୟନ୍ତ ସାରା ଭାରତରେ ୧ ଲକ୍ଷରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବ । ଏସବୁ ଯୋଗାଭ୍ୟାସ ଶିବିର ସାଧାରଣ ଯୋଗ ପ୍ରୋଟୋକଲ (ସିୱାଇପି) ଉପରେ ଆଧାରିତ ହେବ । ମୁଖ୍ୟ କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ । ଏହି ସାମୂହିକ ଉତ୍ସବର ଲକ୍ଷ୍ୟ ଯୋଗର କାଳଜୟୀ ଅଭ୍ୟାସ ଏବଂ ଆଜିର ବିଶ୍ୱରେ ଏହାର ସ୍ଥାୟୀ ପ୍ରାସଙ୍ଗିକତା ପ୍ରତି ଆମର ସମାନ ପ୍ରତିବଦ୍ଧତାକୁ ଦର୍ଶାଇବା । ସାଧାରଣ ଯୋଗ ପ୍ରୋଟୋକଲ ହେଉଛି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପ୍ରମୁଖ ଯୋଗ ବିଶେଷଜ୍ଞ ଏବଂ ପ୍ରତିଷ୍ଠାନମାନଙ୍କ ସହିତ ପରାମର୍ଶ କରି ବିକଶିତ ଏକ ମାନକୀକୃତ ଯୋଗ ଅଭ୍ୟାସ । ଏହା ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗାଭ୍ୟାସ ପାଇଁ ଡିଜାଇନ୍ କରାଯାଇଛି ଏବଂ ସମସ୍ତ ବୟସ ଗୋଷ୍ଠୀ ଏବଂ ଫିଟନେସ୍ ସ୍ତରର ଲୋକଙ୍କ ପାଇଁ ଏହା ଉପଯୁକ୍ତ ।

ଅନ୍ତର୍ଜାତୀୟ ଯୋଗ ଦିବସରେ ଲୋକମାନଙ୍କ ସର୍ବାଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି । ସେଗୁଡ଼ିକ ହେଉଛି ୧୦୦ ଦିନ କାଉଣ୍ଟଡାଉନ ଇଭେଣ୍ଟ, ୭୫ ଦିନ କାଉଣ୍ଟଡାଉନ ଇଭେଣ୍ଟ, ୫୦ ଦିନ କାଉଣ୍ଟଡାଉନ ଇଭେଣ୍ଟ ଓ ୨୫ ଦିନ କାଉଣ୍ଟଡାଉନ ଇଭେଣ୍ଟ ।

**ପ୍ରଧାନମନ୍ତ୍ରୀ ଯୋଗ ପୁରସ୍କାର ୨୦୨୫**

ଯୋଗକୁ ପ୍ରୋତ୍ସାହିତ ଏବଂ ଯୋଗାଭ୍ୟାସ କ୍ଷେତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେବାପାଇଁ ପ୍ରଧାନମନ୍ତ୍ରୀ ଯୋଗ ପୁରସ୍କାର ଉଦ୍ଦିଷ୍ଟ । ମୋଟ ୪ଟି ପୁରସ୍କାର ଥିବାବେଳେ ସେଥିମଧ୍ୟରୁ ୨ଟି ଅନ୍ତର୍ଜାତୀୟ ଓ ୨ଟି ଜାତୀୟ । ପ୍ରତ୍ୟେକ ବିଜେତା ବ୍ୟକ୍ତି ଏବଂ ସଂଗଠନ ୨୫ ଲକ୍ଷ ଟଙ୍କା, ଏକ ଟ୍ରଫି ଏବଂ ଏକ ପ୍ରମାଣପତ୍ର ପାଆନ୍ତି । ୨୦୨୫ ପାଇଁ ଆବେଦନ ବନ୍ଦ ହୋଇଯାଇଛି ବିଜେତାମାନଙ୍କୁ ୨୧ ଜୁନ୍ ୨୦୨୫ ରେ ଘୋଷଣା କରାଯିବ ।

**ଉପସଂହାର**

୨୦୨୫ ମସିହାର ଅନ୍ତର୍ଜାତୀୟ ଯୋଗ ଦିବସ କେବଳ ଏକ ଦିନିକିଆ ସମାରୋହ ନୁହେଁ, ବରଂ ଏହା ସାମଗ୍ରିକ ସ୍ୱାସ୍ଥ୍ୟ, ପରିବେଶ ସହ ସମନ୍ୱୟ ଏବଂ ବିଶ୍ୱ କଲ୍ୟାଣ ପ୍ରତି ଭାରତର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏକ ପୃଥିବୀ–ଏକ ସ୍ୱାସ୍ଥ୍ୟ ପାଇଁ ଯୋଗକୁ ଏହାର ମାର୍ଗଦର୍ଶକ ନୀତି ଭାବରେ ଗ୍ରହଣ କରି, ଭାରତ ଶାରୀରିକ ସୁସ୍ଥତା ସହ ସଚେତନ ଜୀବନଯାପନକୁ ସଂଯୋଗ କରିବାରେ ବିଶ୍ୱର ନେତୃତ୍ୱ ନେଇ ଚାଲିଛି ।

(ପିଆଇବି ସୌଜନ୍ୟରୁ)

# ଯୋଗ ଓ ଯୋଗୀ

**କାଳୀ ଦାସ**

ଯେତେବେଳେ ସମଗ୍ର ବିଶ୍ୱ ସଭ୍ୟତାର ଆଲୋକରୁ ବଞ୍ଚିତ ରହିଥିଲା ସେତେବେଳେ ଭାରତରେ ଯୋଗୀ ମାନେ ଜନ୍ମ ନେଇଥିଲେ ଏବଂ ଯୋଗ ସାଧନା କରୁଥିଲେ। ଆଜି ହଜାର ହଜାର ବର୍ଷ ପରେ ମଣିଷ ସମାଜ ତାକୁ ବୁଝିଛି । ଆମେ ଆଜି ବୁଝିବା କଥା ଯେ ହଜାର ହଜାର ବର୍ଷ ପୂର୍ବରୁ ଜନ୍ମ ନେଇଥିବା ଯୋଗୀମାନେ ଜ୍ଞାନ ଓ ବିଜ୍ଞାନରେ କେତେ ପାରଙ୍ଗମ ଥିଲେ ?

ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରତି ବର୍ଷ ଜୁନ ମାସ ୨୧ ତାରିଖ ରେ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ ଯୋଗ ଦିବସ ପୁରା ବିଶ୍ୱ ପ୍ରଥମ ଥର ଜୁନ ୨୧, ୨୦୧୫ ରେ ପାଳନ କରିଥିଲା। ଯୋଗର ଅର୍ଥ ହେଲା ମିଶ୍ରଣ । ତା' ଅର୍ଥ ହେଲା ନିଜକୁ ଯୋଗ ଦ୍ୱାରା ଏକ ଉନ୍ନତ ସ୍ଥିତି ସହିତ ମିଶାଇ ଦେବା । ଭାରତ ପୁରା ବିଶ୍ୱକୁ ଯୋଗ କଣ, ଆଉ ତାର କଣ ବିଶେଷତ୍ୱ ରହିଛି, ସେହି ବିଷୟରେ ଆଲୋକପାତ କରିଛି । ଭାରତରେ କେଉଁ ପ୍ରାଚୀନ କାଳରୁ ଯୋଗର ଅଭ୍ୟାସ କରିବା ରହିଛି । ଭାରତର ପ୍ରଧାନମନ୍ତ୍ରୀ ୟୁଏନକୁ ଏକ ପ୍ରସ୍ତାବ ଦେଇଥିଲେ ଆଉ ଯୋଗକୁ ନେଇ ୟୁଏନ ତରଫରୁ ଏକ ବୈଠକ କରାଯାଇଥିଲା ଆଉ ସେଥିରେ ନିଷ୍ପତ୍ତି ନିଆଯାଇଥିଲା କି ଜୁନ ୨୧ରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ ।

ଭାରତରେ ଯେଉଁ ଯୋଗୀମାନେ ଜନ୍ମ ନେଇଥିଲେ ସେମାନେ ଶରୀର ସୁସ୍ଥତା ନିମନ୍ତେ ବେଶ୍ ଆଗକୁ ଯାଇ ବିଚାର କରୁଥିଲେ। ପତଞ୍ଜଳି ଯୋଗରେ ଯୋଗ ବିଷୟ କୁହାଯାଇଛି କି ଯୋଗ ହେଲା ସେୟା, ଯାହା ଦ୍ୱାରା ଆମେ ଆମର ମନକୁ ସଂଯମ କରୁ। ଯୋଗ ଚିତ୍ତବୃତ୍ତି ନିରୋଧଃ ।

ବିଶ୍ୱରେ ଭିନ୍ନ ଭିନ୍ନ ସ୍ଥାନରେ ମହାପୁରୁଷମାନେ ସମୟରେ ଜନ୍ମ ନେଇଛନ୍ତି ଏବଂ ମାନବ ସମାଜକୁ ଉନ୍ନତ ଜୀବନଯାପନର ମାର୍ଗ ଦର୍ଶାଇଛନ୍ତି । ସେମାନଙ୍କ ଦେଖାଇଥିବା ରାସ୍ତାକୁ ଆମେ ଯେତେବେଳେ ନିଜର କରିନେବା ସେତେବେଳେ ବିଶ୍ୱ ଏକ ନିଶ୍ଚିନ୍ତ ଅଶାନ୍ତ ଅବସ୍ଥାରୁ ମୁକ୍ତି ପାଇବ। ଜୀବନ ମୁକ୍ତି ପରି ଚିନ୍ତା କେବଳ ଭାରତୀୟ ଦର୍ଶନ ରେ ମିଳିଥାଏ ଏବଂ ଯୋଗୀମାନେ ଗୁରୁ ଶିଷ୍ୟ ପରମ୍ପରାରେ ତାକୁ ମାନି ଚାଲିଛନ୍ତି । ଗୀତାର ୧୮ ଟି ଆଧ୍ୟାୟ ୧୮ ଟି ଯୋଗର ନାମରେ ନାମାଙ୍କିତ କରାଯାଇଛି । ଯୋଗ ଦ୍ୱାରା ମଣିଷ ନିଜ ପ୍ରାଣ ଶକ୍ତିକୁ ନିଜ ଅଧିନସ୍ଥ କରିପାରିବ । ପ୍ରାଣକୁ ଅଧିନସ୍ଥ କରି ମଣିଷ ଏକ ସୁସ୍ଥ ଜୀବନଯାପନ କରିପାରିବ ।

ଶରୀର ପାଇଁ ଯେଉଁ ଯୋଗ କରାଯାଇଥାଏ ତାକୁ ହଟଯୋଗ କୁହାଯାଏ । ହଟଯୋଗୀ ବର୍ଷ ବର୍ଷ ସାଧନା କରି ଏହି ଯୋଗରେ ପୂର୍ଣ୍ଣତା ପାଇଥାଏ । ଏହି ଯୋଗ ଦ୍ୱାରା ହଟଯୋଗୀ ଦୀର୍ଘାୟୁ ହୋଇଥାଏ । ବିଭିନ୍ନ ଆସନ ଏବଂ ପ୍ରାଣାୟାମ କରି ସିଏ ନାଡି ଶୁଦ୍ଧି କରିଥାଏ । ଉପନିଷଦରେ କୁହାଯାଇଛି ଯେ ଯୋଗୀ ଆସନ ଓ ପ୍ରାଣାୟମ ଦ୍ୱାରା ମନକୁ ଶୁଦ୍ଧି କରି ବ୍ରହ୍ମରେ ମନକୁ ସ୍ଥିର କରେ । ଯୋଗ କେଉଁ ଆଦିମ କାଳରୁ ଏଇଠି ଜନ୍ମ ନେଇଛି କିନ୍ତୁ ଆମେ ତାକୁ ନିଜର ଉପଯୋଗରେ ସେମିତି ଆଣିପାରିନାହୁ । ଆଜି ସମଗ୍ର ବିଶ୍ୱ ଯେତେବେଳେ ଯୋଗ ଉପରେ ଆସ୍ଥା ଓ ବିଶ୍ୱାସ ରଖୁଛି ସେତେ ବେଳେ ଆମେ ତାକୁ ବୁଝୁଛୁ ।

ବର୍ତ୍ତମାନ ଆମ ଶିକ୍ଷା ସହିତ ଯଦି ଯୋଗକୁ ଯୋଡି ଦିଆ ଯାଏ ତାହେଲେ ଏକ ସୁସ୍ଥ ଭାରତର ପରିକଳ୍ପନା ଆମେ କରିପାରିବା ।

ଆମ ଦେଶରେ ଯେତେ ଖର୍ଚ୍ଚ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ହେଉଛି ତାହା କମିଯାଇଥାନ୍ତା । ଏହି ଯୋଗ ଦିବସରେ ଆମେ ଯୋଗକୁ ନିଜ ଜୀବନରେ ସାମିଲ କରିବାପାଇଁ ଆଗେଇ ଆସିବା ଉଚିତ ।

**ଖୋଡ଼ାସିଙ୍ଗ କଳିଙ୍ଗନଗର ,**
**ବ୍ରହ୍ମପୁର,ମୋ– ୭୨୦୫୧୦୦୮୩୯.**

# ସଂକୀର୍ତ୍ତନ ସବୁଠୁଁ ଉତ୍ତମ ମାର୍ଗ

**କିଶୋର କୁମାର ଜେନା**

ଐଶ୍ୱରୀୟ ସତ୍ତାର ଉପଲବ୍ଧି ପାଇଁ ସଂକୀର୍ତ୍ତନ ହେଉଛି ସବୁଠୁ ଉତ୍ତମ ମାର୍ଗ । କଳିଯୁଗରେ ଏହାକୁ ସବୁଠୁ ପୁଣ୍ୟ କାମ ବୋଲି କୁହାଯାଇଛି । ଆମର ପୁରାଣ ମାନଙ୍କରେ ମଧ୍ୟ ସଂକୀର୍ତ୍ତନର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରାଯାଇଛି । ପୁରାଣ ଅନୁସାରେ ସଂକୀର୍ତ୍ତନ କରିବା ଦ୍ୱାରା ମନୁଷ୍ୟ ମଧ୍ୟରେ ଭଗବତ୍ ଆସ୍ଥା ଦୃଢ଼ ହୁଏ । ନିରନ୍ତର ଭଗବାନଙ୍କ ନାମ ସ୍ମରଣ କଲେ ମନ ନିର୍ମଳ ହୁଏ । ହୃଦୟରୁ ହିଂସା, ଦ୍ୱେଷ, ଗର୍ବ, ଦମ୍ଭ, ଅହଂକାର ଇତ୍ୟାଦି ସମସ୍ତ ଆବିଳତା ଦୂର ହୋଇ ଅପୂର୍ବ ପ୍ରଶାନ୍ତି ବିରାଜମାନ କରେ । ସେହିଭଳି ସଂକୀର୍ତ୍ତନ କରିବା ଦ୍ୱାରା ମନ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହେବା ସହିତ ଜ୍ଞାନ ଏବଂ ଶକ୍ତି ଲାଭ ହୋଇଥାଏ । ଯାହାକି ପରବର୍ତ୍ତୀ ସମୟରେ ସଂସାର ରୂପକ ନରକରୁ ଉଦ୍ଧାର ପାଇବାର ପଥ ପରିଷ୍କାର କରେ ।

ଭାରତ ହେଉଛି ଋଷି, ମୁନିର ଦେଶ। ତତପ୍ରଣୀତ ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ ପ୍ରଭୃତି ଶୃଙ୍ଖଳିତ ଜୀବନ ଯାତ୍ରାର ଯଥାର୍ଥ ନିର୍ଦ୍ଦେଶନ କହିଲେ – ସତ୍ୟର ଅପଳାପ ହେବନାହିଁ । ଯାହାକୁ ବିଶ୍ୱ ସମୁଦାୟ ଅନୁକରଣ ପୂର୍ବକ ଭାରତର ପ୍ରଶଂସାଗାନ କରିବାରେ ଶତମୁଖ ହୋଇଛନ୍ତି । ତେଣୁ ପଦ୍ମ ପୁରାଣରେ କୁହାଯାଇଛି

*'ବର୍ଷାଣାଂ ଭାରତ ଶ୍ରେଷ୍ଠଃ, ଦେଶାନା*
*ଉତ୍କଳ ସ୍ମୃତମ୍। ଉତ୍କଳସ୍ୟ ସମାଦେଶଃ,*
*ପୁତ୍ରନାସ୍ତି ମହାତଳୋ'*

ଭଗବାନଙ୍କ ପାଖରେ ଭକ୍ତି କରିବାର ମାର୍ଗ ହେଉଛି ନଅ ପ୍ରକାରର ଶ୍ରୀମଦ ଭାଗବତରେ ଭଗବାନ ବେଦବ୍ୟାସ ପ୍ରତିପାଦନ କରନ୍ତି ।

*'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦ*
*ସେବନମ୍। ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟଂ*
*ଆତ୍ମନିବେଦନମ୍।'*

ଉପରୋକ୍ତ ନଅଟି କଥାକୁ କୁହାଯାଏ ନବଧାଭକ୍ତି। ଯଥା ଭଗବାନଙ୍କ ଗୁଣସବୁ ଶ୍ରବଣ କରିବା, ନାମ ସ୍ମରଣ, ପାଦ ସେବନ, ପୂଜନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣ। ଦ୍ୱିତୀୟ ପର୍ଯ୍ୟାୟ ଭକ୍ତି ହେଲା କୀର୍ତ୍ତନ କରିବା।

ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଭଜନ, କୀର୍ତ୍ତନ ଆଦି କରିବାର ବିଧି ପ୍ରଚଳିତ । ଭକ୍ତି ଓ ନିଷ୍ଠାର ସହିତ ଭଗବାନଙ୍କ ନାମ ସଂୀକର୍ତ୍ତନ କଲେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂପର୍କର ସେତୁ ସୃଷ୍ଟି କରିବାର ମାଧ୍ୟମ ହେଉଛି ସଂକୀର୍ତ୍ତନ। ଏଥିରେ ସ୍ୱର, ତାଳ, ଲୟ ଆଦିକୁ ଗୁରୁତ୍ୱ ଦିଆଯାଇଥାଏ ।

ସଂକୀର୍ତ୍ତନ ପରିବେଷଣ ସମୟରେ ଗାୟକ, ବାଦକ, ଦର୍ଶକ ସମସ୍ତେ ଭକ୍ତିଭାବରେ ନିମଜ୍ଜିତ ହୋଇଉଠନ୍ତି । ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ଉପରେ ଏହାର ଗଭୀର ପ୍ରଭାବ ପକାଇବାର ପ୍ରକୃଷ୍ଟ ମାଧ୍ୟମ । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ସଂକୀର୍ତ୍ତନ ବେଶ ମହତ୍ତ୍ୱପୂର୍ଣ୍ଣ । ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ସାରା ରାଜ୍ୟରେ ସଂକୀର୍ତ୍ତନର ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ମଧ୍ୟ ସଂକୀର୍ତ୍ତନ ଓତଃପ୍ରୋତ ଭାବେ ଜଡ଼ିତ ।

ଭକ୍ତ ଓ ଭଗବାନଙ୍କ ସଂପର୍କ ଅପୂର୍ବ । ଭଗବାନ ନାମ ଜପରେ ଭକ୍ତ ପାଆନ୍ତି ଅପାର ଆନନ୍ଦ ଓ ଶାନ୍ତି । ଭାରତୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନ ପରମ୍ପରା ବହୁ ପ୍ରାଚୀନ । ସଂକୀର୍ତ୍ତନ ହେଉଛି ଏକ ଭକ୍ତି ରସାଶ୍ରିତ କଳା। ଓଡ଼ିଶାର ସହର ହେଉ କି ପୁରପଲ୍ଲୀ ଏବେ ବି ବିଭିନ୍ନ ସମୟରେ ସଂକୀର୍ତ୍ତନରେ ମୁଖରିତ ହୋଇଉଠେ ପରିବେଶ। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି –'ଏ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ସଚ୍ଚିଦାନନ୍ଦଘନ ଆତ୍ମନିବେଦନ ।

ବ୍ୟକ୍ତି ବିଶେଷଙ୍କ ଏକ ଦଳ ମିଳିତ ଭାବରେ ଭଗବାନଙ୍କୁ ସ୍ମରଣ, ବନ୍ଦନ, ଆତ୍ମନିବେଦନ କରିବାର ବିଧିକୁ କୀର୍ତ୍ତନ କୁହାଯାଏ । କାୟ–ମନ–ବାକ୍ୟରେ ତାଳି, କୋଳ, କରତାଳ ବଜାଇ ଏକାଠି ବସି, ନୃତ୍ୟ କରି ଅଥବା ପଦବ୍ରଜ କରି ଈଶ୍ୱରଙ୍କ ଅହରହ ସ୍ମରଣ ହେଉଛି ସଂକୀର୍ତ୍ତନ । ସମସ୍ତ ଲୋକକଳା ମଧ୍ୟରୁ ନାମ ସଂକୀର୍ତ୍ତନ ହେଉଛି ଶ୍ରେଷ୍ଠ ଲୋକକଳା । କାରଣ ସମସ୍ତ ଲୋକକଳା ମଧ୍ୟରୁ

**ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଭଜନ, କୀର୍ତ୍ତନ ଆଦି କରିବାର ବିଧି ପ୍ରଚଳିତ । ଭକ୍ତି ଓ ନିଷ୍ଠାର ସହିତ ଭଗବାନଙ୍କ ନାମ ସଂୀକର୍ତ୍ତନ କଲେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂପର୍କର ସେତୁ ସୃଷ୍ଟି କରିବାର ମାଧ୍ୟମ ହେଉଛି ସଂକୀର୍ତ୍ତନ। ଏଥିରେ ସ୍ୱର, ତାଳ, ଲୟ ଆଦିକୁ ଗୁରୁତ୍ୱ ଦିଆଯାଇଥାଏ ।**

ପରମାତ୍ମାଙ୍କର ସୃଷ୍ଟି ଅଟେ । ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ। ସେ ନିଜ ଭିତରେ ଈଶ୍ୱର ଅନୁଭବ କରି ଶେଷରେ ତାଙ୍କ ଭିତରେ ଲୀନ ହୋଇଯିବାର ଇଚ୍ଛା ରଖେ ।

ଏଥିପାଇଁ ସେ ନାନା ଉପାୟ ଅବଲମ୍ବନ କରେ । ସେଥିମଧ୍ୟରୁ ଭକ୍ତି ମାର୍ଗ ହେଉଛି ତା' ପାଇଁ ଶ୍ରେଷ୍ଠ ମାର୍ଗ ।' ଶ୍ରୀନାରଦ ଭକ୍ତି ସୂତ୍ର ଅନୁସାରେ 'ଭଜନ, କୀର୍ତ୍ତନ ମାଧ୍ୟମରେ ହୃଦୟରେ ଭକ୍ତି ଜାଗ୍ରତ ହୁଏ। ନିରନ୍ତର ଭଜନ କଲେ ଚିତ୍ତର ବିଷୟାବେଶ ଓ ବିଷୟସଙ୍ଗ ତ୍ୟାଗ ହୋଇଯାଏ ।' ଭକ୍ତିର ପରଭାବ ପ୍ରକଟନ ସମ୍ବନ୍ଧରେ କୌଣସି ବିଧିର ଅପେକ୍ଷା ନାହିଁ। ଭକ୍ତି ସାଧାରଣତଃ ନଅ ପ୍ରକାର। ଯଥା –

'ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବା, ଅର୍ଚ୍ଚନା, ବନ୍ଦନା, ଦାସ୍ୟଭାବ, ସଖାଭାବ ଓ

କେବଳ ନାମ ସଂକୀର୍ତ୍ତନ ପୁରାଣରେ ବର୍ଣ୍ଣନା କରାଯାଇଛି । ମହାପୁରାଣ ଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ ଭାଗବତରେ ସୁନ୍ଦର ନବାକ୍ଷରୀ ଛାନ୍ଦରେ ଲେଖିଛନ୍ତି –

*'କଳି କଲୁଷ ନିବାରଣ , କେବଳ ନାମ*
*ସଂକୀର୍ତ୍ତନ। କୃଷ୍ଣ ମୂରତି ଭଗବାନ, କେବଳ*
*ନାମ ସଂକୀର୍ତ୍ତନ।'*

ଯେଉଁଠି ନାମ ହୁଏ ସେହି ସ୍ଥାନରେ ପରମବ୍ରହ୍ମ ନାରାୟଣ ବିରାଜମାନ କରନ୍ତି । ସେ ସ୍ଥାନ ପାଲଟି ଯାଏ ବୈକୁଣ୍ଠପୁର । ନାମ ହିଁ ପରମ ଧରମ, ନାମ ହିଁ ପରମ ତପ । ନାମ ହିଁ ପରମ ବନ୍ଧୁ । ନାମ ଠାରୁ ଶ୍ରେଷ୍ଠ ପଦାର୍ଥ ସଂସାରରେ କିଛି ନାହିଁ ।

**ଆଇନଜୀବୀ,**
**ବଙ୍ଗାଳିସାହି, କଟକ,**
**ମୋ– ୭୩୨୫୯୦୪୯୨୭**

### ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି, ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ଉପରେ ବିଶ୍ୱାସ କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସଭ୍ୟତାକୁ ଓଡ଼ିଶା ସମୃଦ୍ଧ କରିଛି। ଆଜି ବିକାଶର ଆଧାର ହୋଇପାରିଛି। ମୋହନ ମାଝୀଙ୍କ ସରକାର କୋଟି କୋଟି ଭକ୍ତଙ୍କ ନିବେଦନ ରଖିଛନ୍ତି। ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିଛି। ରତ୍ନଭଣ୍ଡାରକୁ ମଧ୍ୟ ଖୋଲାଯାଇଛି। ଲୋକ କଂଗ୍ରେସ ମଡେଲ ଦେଖିଛନ୍ତି। କଂଗ୍ରେସ ମଡେଲରେ ସୁଶାସନ ନଥିଲା। ବିକାଶ ପ୍ରକଳ୍ପକୁ ଅଟକାଇବା, ଦୁର୍ନୀତିକୁ ପ୍ରସୟ ଦେବା ତାର ମଡେଲ ଥିଲା। ବିଗତ ଏକ ଦଶନ୍ଧୀରେ ବିଜେପି ତାର ମଡେଲ ଦେଖାଇଛି। ଓଡ଼ିଶା ଅନେକ ସମସ୍ୟା ସହ ଲଢ଼ିଛି, କୃଷି ଭିତ୍ତିଭୂମି ନିମ୍ନ ସ୍ତରକୁ ଯାଇଥିଲା। ବର୍ଷକ ମଧ୍ୟରେ ବିଜେପି ସରକାର ମଜଭୁତ ହୋଇ ବିଭିନ୍ନ ସ୍ତରରେ କାର୍ଯ୍ୟ କରିଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ପ୍ରେରଣା ଓଡ଼ିଶା ମାଟିରୁ ଆସିଛି। ଏହି ପଦକ୍ଷେପକୁ ରୂପ ଦେବାରେ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଓଡ଼ିଶା ଝିଅ ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନକୁ ସେ ସ୍ୱୀକାର କରିଥିଲେ। ଏହି ଯୋଜନାରେ ବ୍ୟାପକ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିଶେଷ କରି ଦୁର୍ବଳ ଜନଜାତି ଗୋଷ୍ଠୀଙ୍କୁ ସମର୍ଥ କରିବା ଉପରେ ଧ୍ୟାନ ଦିଆଯାଉଛି। ଆଦିବାସୀପଡାରେ ଶହ ଶହ କୋଟି ଟଙ୍କାର ବିକାଶ କାର୍ଯ୍ୟ କରାଯାଉଛି। ମତ୍ସ୍ୟଜୀବୀମାନେ କିଷାନ କ୍ରେଡିଟ୍ କାର୍ଡରେ ସୁବିଧା ପାଉଛନ୍ତି। ଏଥିଲାଗି ୨୫ ହଜାର କୋଟିର ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇଛି। ଏକ ଦଶନ୍ଧୀ ଧରି ଓଡ଼ିଶାର ଗରିବ ଓ ଚାଷୀ ନାର୍ଯ୍ୟ ଅଧିକାର ପାଉନଥିଲେ। ଦୁର୍ନୀତି ଏବଂ ଲାଲ୍ ଫିତା ରାଜ୍ ପ୍ରାଧାନ୍ୟ ବିସ୍ତାର କରିଥିଲା। ରାଜ୍ୟସାରା ଭିତ୍ତିଭୂମି ଏକ ଭୟଙ୍କର ସ୍ଥିତିରେ ଥିଲା। ବିକାଶ ପ୍ରକ୍ରିୟାରେ ଓଡ଼ିଶାର ଅନେକ ଅଞ୍ଚଳ ପଛରେ ପଡିଥିଲା। ଗତ ବର୍ଷେ ଧରି ଆପଣଙ୍କ ସରକାର ଏହି ସମସ୍ୟାର ସମାଧାନ ପାଇଁ ପୂର୍ଣ୍ଣ ସଂକଳ୍ପ ସହ କାର୍ଯ୍ୟ କରୁଛି।

ପ୍ରଧାନମନ୍ତ୍ରୀ ନକ୍ସଲବାଦ ଉପରେ କହିଥିଲେ ଯେ ଭାରତ ମାଓମୁକ୍ତ ହେବ। ଆଦିବାସୀ ଇଲାକାରେ ହିଂସା ଘଟିବନି। ବିକାଶର ନୂଆ ଧାରା ବୋହିବ। ସମୟ ଥିଲା ଦେଶରେ ମାଓ ହିଂସା ବଢ଼ିବାରେ ଲାଗିଥିଲା। କେଉଁଠି ଟିଫିନ ବୋମା ବିସ୍ଫୋରଣ ତ କେଉଁଠି ନିରିହ ଲୋକଙ୍କୁ ଗୁଳିକରି କିମ୍ବା ଗଳାକାଟି ହତ୍ୟା କରାଯାଉଥିଲା। ମୋଦି ସରକାରରେ ମାଓବାଦୀଙ୍କୁ ନିପାତ କରାଯାଉଛି। ବନ୍ଧୁକ ଛାଡି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଭୟରେ ଅନେକ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏକାଠି କାମ କରୁଛି। ଓଡ଼ିଶାର ୩ କୋଟି ଲୋକ ଏହାଦ୍ୱାରା ଚିକିତ୍ସା ପାଇବେ। ଯେଉଁ ଓଡ଼ିଶା ଲୋକ ଅନ୍ୟ ରାଜ୍ୟରେ ଅଛନ୍ତି ସେମାନଙ୍କୁ ମଧ୍ୟ ଚିକିତ୍ସା ସୁବିଧା ମିଳିବ। ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଶା ଲୋକ ଏହି ଯୋଜନାରେ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଡେଲ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି। ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ୨୩ ଲକ୍ଷ ଲୋକଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନଙ୍କ ମାଗଣା ଚିକିତ୍ସା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯିବ। ପିଏମ୍ କିଷାନ ଯୋଜନାରୁ ଓଡ଼ିଶାର ଚାଷୀ ଆଗରୁ ସମ୍ପୂର୍ଣ୍ଣ ସୁବିଧା ପାଉନଥିଲେ, ଏବେ ଏହା ମିଳୁଛି। ସରକାର ଧାନର କ୍ରୟ ମୂଲ୍ୟକୁ ବଢ଼ାଇଛନ୍ତି। ଲକ୍ଷାଧିକ ଚାଷୀ ଏହାର ସୁବିଧା ପାଉଛନ୍ତି। ୨୦୧୪ ପୂର୍ବରୁ ୧୨୫ ଆଦିବାସୀ ବହୁଳ ଜିଲ୍ଲା ସମଗ୍ର ଦେଶରେ ନକ୍ସଲ ହିଂସାରେ ପ୍ରଭାବିତ ଥିଲା। ଏବେ ଏହା ହ୍ରାସ ପାଇଛି। ଆଦିବାସୀ ସମ୍ପ୍ରଦାୟକୁ ନୂଆ ସୁଯୋଗ ଦିଆଯାଉଛି। ଏକବିଂଶ ଶତାବ୍ଦୀ ହେଉଛି ପୂର୍ବ ଭାରତକୁ କ୍ଷମତାସୀନ କରିବା। ଏହା ପୂର୍ବୋଦ୍ୟୋୟର ଯୁଗ। କେନ୍ଦ୍ର ସରକାର ଓଡ଼ିଶାରେ ରାସ୍ତା, ରେଳ, ବିମାନ ଯୋଗାଯୋଗ ଲାଗି କୋଟି କୋଟି ଟଙ୍କା ଦେଉଛନ୍ତି। ପାରାଦ୍ୱୀପରେ ଅନେକ ଆନୁଷଙ୍ଗିକ ପ୍ରକଳ୍ପ ହେବାକୁ ଯାଉଛି। ଓଡ଼ିଶା ଦେଶର ପେଟ୍ରୋଲିୟମ୍ ହବ୍ ହେବ। ଚଣ୍ଡିଖୋଲରେ ଅଶୋଧିତ ତୈଳ ଭଣ୍ଡାର ଗଚ୍ଛିତ କରାଯିବା ସହିତ ଗୋପାଳପୁରରେ ଏଲ୍ଏନ୍ଜି ଟର୍ମିନାଲ କରାଯିବ। ଓଡ଼ିଶା ପ୍ରଗତିର ବାର୍ତ୍ତାବହ ସାଜିଛି। ସାମାଜିକ, ଅର୍ଥନୀତିକ ପରିବର୍ତ୍ତନର ନୂଆ ଯୁଗ ଆସିଛି। ବିଜେପି ଦେଇଥିବା ଗ୍ୟାରେଣ୍ଟିକୁ ପୂରଣ କରିଛି। ମତ୍ସ୍ୟଜୀବୀଙ୍କ ପାଇଁ ମତ୍ସ୍ୟ ସମ୍ପଦ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟର ସାମଗ୍ରିକ ବିକାଶକୁ ରାଜ୍ୟ ସରକାର ଫୋକସ କରୁଛନ୍ତି। ୨୦୩୬ ଲାଗି ରାଜ୍ୟ ସରକାର ଭିଜନ ପ୍ରସ୍ତୁତ କରିଛନ୍ତି। ବିକାଶର ରୋଡମ୍ୟାପ ନେଇ କାର୍ଯ୍ୟ କରାଯାଉଛି। ଏକାଠି ହୋଇ ଆମେ ଓଡ଼ିଶାକୁ ବିକାଶର ନୂଆ ଶିଖରକୁ ନେବା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ଏହି ଅବସରରେ ଲକ୍ଷପତି ଦିଦିମାନଙ୍କୁ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ର ଉନ୍ମୋଚନ କରିଥିଲେ।

## ମୋଦିଙ୍କ...

ମାନଙ୍କ ପାଇଁ ଏକ ଭରସା । ଅପରେସନ ସିନ୍ଦୁର ସହ ଏକ ନୂଆ ଭାରତ ଉଦୟ ହେଇଛି – ଯାହା କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଇଁବ ନାହିଁ। ଏହି ନୂଆ ଭାରତ ନିଜ ଭାଗ୍ୟ ନିଜେ ଲେଖିବ ।

ପୂର୍ବରୁ ଲୋକମାନେ କହୁଥିଲେ – "ମୋଦୀ ହେ ତୋ, ମୁମକିନ ହେ", ଆଜି ସମଗ୍ର ଦେଶ କହୁଛି – "ମୋଦୀ ହେ ତୋ, ଦେଶ ସୁରକ୍ଷିତ ହେ"। ଆପଣଙ୍କ ନେତୃତ୍ୱରେ ଦେଶ ବିକାଶର ନୂତନ ଶିଖର ଛୁଇଁଛି। ବିଗତ ୧୧ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକ ମାନଙ୍କର ଉନ୍ନତି ଘଟିଛି। ଆଜି ଭାରତ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ଅର୍ଥନୀତି ହୋଇଛି, ଏବଂ ଖୁବ ଶୀଘ୍ର ୫ ଟ୍ରିଲିଅନ୍ ଡଲାର ଅର୍ଥନୀତି ହେବାକୁ ଯାଉଛି। ଦେଶରେ ଅତି ଗରିବୀ (Extreme Poverty) ୨୭.୧% ରୁ କମି ୫.୩% ହୋଇଯାଇଛି। ଏହା ପ୍ରମାଣିତ କରୁଛି ଯେ ଆପଣଙ୍କ ନେତୃତ୍ୱରେ ଦେଶ ବଦଳୁଛି ଓ ଦ୍ରୁତ ଗତିରେ ବିକାଶର ରାସ୍ତାରେ ଅଗ୍ରସର ହେଉଛି।

ପ୍ରଧାନମନ୍ତ୍ରୀଜୀ, ଆପଣଙ୍କ ମାର୍ଗଦର୍ଶନରେ ଗତ ୧ ବର୍ଷ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ କାମ କରିଛୁ। ଆପଣ ଦେଇଥିବା "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍" ମନ୍ତ୍ରକୁ ଆଧାର କରି ଆମେ ଆଗକୁ ବଢୁଛୁ। ଆପଣ ଉଲ୍ଲେଖ କରିଥିବା ଚାରି ବର୍ଗ – ଗରିବ, ଅନ୍ନଦାତା, ମହିଳା ଓ ଯୁବା – ଏହି ସମସ୍ତଙ୍କୁ ନଜରରେ ରଖି ଆମର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି ।

ଆଜି ଆମ ଦେଶର ମହାମହିମ ରାଷ୍ଟ୍ରପତି, ଆମ ଓଡିଶା ମାଟିର ଝିଅ, ଶ୍ରୀମତୀ ଦ୍ରୌପଦୀ ମୁର୍ମୁଜୀ ଙ୍କ ଜନ୍ମଦିନ। ଆଜିର ଏହି ଶୁଭ ଅବସରରେ ମୁଁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଦେଶର ସେବାରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରୁଛି। ବନ୍ଧୁଗଣ, ଆପଣମାନେ ଜାଣନ୍ତି, ଆମ ସରକାରଙ୍କ ପ୍ରଥମ ବର୍ଷରେ ଆମେ ଅନେକ ଉପଲବ୍ଧି ହାସଲ କରିପାରିଛୁ। ଏହି ବର୍ଷକ ମଧ୍ୟରେ ଆମର କାର୍ଯ୍ୟକ୍ରମ ଓଡିଶାର ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣି ପାରିଛି। ତା ସହିତ ଆମେ, ଓଡିଶାବାସୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ସ୍ପଷ୍ଟ ରୋଡ୍‌ମ୍ୟାପ ମଧ୍ୟ ପ୍ରସ୍ତୁତ କରିଛୁ। ଏହି ବର୍ଷକ ଭିତରେ ମୁଁ ଓଡିଶାର ସମସ୍ତ ଜିଲ୍ଲାକୁ ଗସ୍ତ କରିଛି, ସମସ୍ତ ବର୍ଗର ଲୋକଙ୍କ ସହିତ ମିଶିଛି, ସମସ୍ତଙ୍କ ସୁଖଦୁଃଖ ସହିତ ସାମିଲ ହୋଇଛି, ସବୁ ଜିଲ୍ଲାର ସାଂସ୍କୃତିକ ସ୍ୱତନ୍ତ୍ରତା ସହିତ ପରିଚିତ ହୋଇଛି। ଗତ ୧୦ ତାରିଖରେ ମୁଁ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧିର ହିସାବ ରାଜ୍ୟବାସୀଙ୍କୁ ଦେଇଛି।

ସଂକ୍ଷେପରେ କହିଲେ, ରାଜ୍ୟର ଚାଷୀ ଭାଇ, ଭଉଣୀ ମାନଙ୍କୁ ଧାନ କିଣାରେ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଅଧିକ ଇନପୁଟ୍ ଆସିଷ୍ଟାନ୍‌ସ ପ୍ରଦାନ ଓ ପିଏମ୍ କିଷାନ-ସିଏମ୍ କିଷାନ ଯୋଜନା ମାଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା, ସୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ସାମିଲ କରିବା, ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଏବଂ ଲକ୍ଷପତି ଦିଦି ସୃଷ୍ଟିରେ ଓଡିଶା ଦେଶରେ ପ୍ରଥମ ହେବା, ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିବା ଏବଂ ନୂତନ ଶିକ୍ଷାନୀତି-୨୦୨୦ ପରି ଐତିହାସିକ ଯୋଜନା ଗୁଡିକ ଲାଗୁ କରିଛୁ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପଞ୍ଚାୟତ ଗୁଡିକରେ ଚଳିତ ଆର୍ଥିକ ବର୍ଷଠାରୁ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ନିରୂପଣ ସହିତ DPR ପ୍ରସ୍ତୁତ କରାଯାଉଛି। ଐତିହ୍ୟ ବିଦ୍ୟାଳୟ ଯୋଜନା ଓ ପିଏମ୍ ଶ୍ରୀ ଯୋଜନା ଶୁଭାରମ୍ଭ କରାଯାଇ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଛି।

ଏହା ସହିତ ରାଜ୍ୟର ଆଦିବାସୀ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଡ୍ରପଆଉଟ୍ ହାର କମ୍ କରିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ମା ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଆଦି କାର୍ଯ୍ୟକାରୀ କରାଯାଇଛି। ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ୬ କୋଟି ୬୯ ଲକ୍ଷ ବୃକ୍ଷ ରୋପଣ କରାଯାଇ, ଶତପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇ ପାରିଛି। ଆମ ସରକାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ଜନ କଲ୍ୟାଣ ପାଇଁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରତି ବ୍ଲକରେ ଅତ୍ୟାଧୁନିକ ଷ୍ଟାଡିଅମ ନିର୍ମାଣ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆମ ସରକାର ଆଜି ସୁଦ୍ଧା ୧୦ଟି ନିଯୁକ୍ତି ମେଳା ଆୟୋଜନ କରି ୨୮,୩୪୬ ଜଣ ଯୁବକ ଯୁବତୀଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରିଛନ୍ତି।

ଏହି ବର୍ଷ ଜାନୁଆରୀ ମାସରେ, ଆପଣ "ଉତ୍କର୍ଷ ଓଡ଼ିଶା- ମେକ ଇନ ଓଡ଼ିଶା" କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱର ଉଦ୍ୟୋଗପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାପାଇଁ ଆହ୍ୱାନ ଦେଇଥିଲେ। ଏହାର ଫଳସ୍ୱରୂପ, କେବଳ ଦୁଇ ଦିନ ମଧ୍ୟରେ ରେକର୍ଡ ସୃଷ୍ଟି କରି ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ମିଳିଥିଲା। ଏହା କେବଳ ଆପଣଙ୍କ ଉପରେ ଉଦ୍ୟୋଗ ଜଗତର ଭରସା ଦ୍ୱାରା ସମ୍ଭବ ହୋଇଥିଲା। ଆମେ କେବଳ MoU ସାଇନ୍ କରି ରହି ଯାଇନୁ। ବିଗତ ୧୪୦ ଦିନ ମଧ୍ୟରେ, ପ୍ରାୟ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ଟି ଉଦ୍ୟୋଗ ଆରମ୍ଭ ମଧ୍ୟ କରିଛୁ। ଆମର ଲକ୍ଷ୍ୟ ରହିଛି – ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଔଦ୍ୟୋଗିକ କେନ୍ଦ୍ରରେ ପରିଣତ କରିବା। ମୋର ପୂର୍ଣ୍ଣ ବିଶ୍ୱାସ ଅଛି ଯେ, ଆପଣଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ନିଶ୍ଚିତ ଭାବେ "ପୂର୍ବୋଦୟ" ଘଟିବ। ଆଜି ପ୍ରଧାନମନ୍ତ୍ରୀ ଓଡିଶାରେ ୨ ହଜାର ୭୦୦ କୋଟି ଟଙ୍କାର ନୂଆ ରେଳ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଆଜି ଓଡିଶାର ବୌଦ୍ଧ ଜିଲ୍ଲା ରେଳସେବା ସହିତ ଯୋଡି ହେଲା । ପ୍ରଧାନମନ୍ତ୍ରୀଜୀ ଆଜି ଦୁଇଟି ଟ୍ରେନ ସେବାର ମଧ୍ୟ ଶୁଭାରମ୍ଭ କରୁଛନ୍ତି ।

ଆଜି ପ୍ରଧାନମନ୍ତ୍ରୀଙ୍କ କରକମଳରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଶ୍ରୀଗଣେଶ କରାଯାଉଛି। ରାଜ୍ୟରେ ରେଳ ଭିତ୍ତିଭୂମି, ସଡକ ନିର୍ମାଣ ଓ ବିମାନସେବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଅକୁଣ୍ଠ ସହଯୋଗ ପାଇଁ ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି। ଓଡିଶାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଆମେ ଆଜି ଠାରୁ ଯୋଜନା ଆରମ୍ଭ କରି ପ୍ରସ୍ତୁତ କରିଛୁ, ଭିଜନ ଡକୁମେଣ୍ଟ-୨୦୩୬ ଓ ୨୦୪୭ ।

୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ। ୩୬ ପାଇଁ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୨୦୪୭ ସୁଦ୍ଧା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ। ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଜୀ ପ୍ରସ୍ତୁତ କରିଥିବା ରୋଡମ୍ୟାପକୁ ଆଧାର କରି ଆମ ରାଜ୍ୟ ହେବ ସମୃଦ୍ଧ ଓଡିଶା ଏବଂ ଦେଶ ହେବ ବିକଶିତ ଭାରତ। ଓଡ଼ିଶାର ସାଢେ ଚାରି କୋଟି ଜନସାଧାରଣଙ୍କ ପକ୍ଷରୁ, ମୁଁ ଆପଣଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଆପଣଙ୍କ ଗରିମାମୟ ଉପସ୍ଥିତି, ଆମ କାର୍ଯ୍ୟକ୍ରମକୁ ଦିବ୍ୟ ଓ ଭବ୍ୟ ରୂପ ଦେଇଛି। ଆପଣଙ୍କ ସମର୍ଥନ ଓ ମାର୍ଗଦର୍ଶନ, ଓଡ଼ିଶାକୁ ଏକ ନୂତନ ଓଡ଼ିଶାରେ ପରିଣତ କରିବ। ମୋର ପୁରା ବିଶ୍ୱାସ ଅଛି ଯେ, 2036 ସୁଦ୍ଧା ଆମ ରାଜ୍ୟ ସମୃଦ୍ଧ ଓଡ଼ିଶା ହେବ ଏବଂ 2047 ରେ ଆମ ଦେଶ ବିକଶିତ ଭାରତରେ ପରିଣତ ହେବ।

## ଚିକିତ୍ସା...

ତେବେ ଆଜି ନବୀନ ମୁମ୍ବାଇ ଯିବାବେଳେ ଏକ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ନବୀନ ନିବାସରୁ ବିମାନ ବନ୍ଦ ଯାଏ ଭିନ୍ନ ଏକ ପରିବେଶ ସୃଷ୍ଟି ହୋଇଥିଲା। ସବୁ ବର୍ଗର ଲୋକ ନବୀନଙ୍କ ଶୁଭ ମନାସୀଥିଲେ। ଶଙ୍ଖ ଓ ହୁଳହୁଳି ଧ୍ୱନୀରେ ନବୀନ ନିବାସ କମ୍ପିଥିଲା। ପ୍ରଥମେ ଦଳୀୟ ନେତା, କାର୍ଯ୍ୟକର୍ତ୍ତା ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଥିଲେ। ଏହାପରେ ନବୀନ ବିମାନ ବନ୍ଦର ଅଭିମୁଖେ ବାହାରିଥିଲେ। ରାସ୍ତା ପାର୍ଶ୍ୱରେ ଲୋକମାନେ ଠିଆ ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଶତାଧିକ ମହିଳା, ଯୁବଛାତ୍ର ଓ ବିଜେଡି ନେତାମାନେ ଏକାଠି ହୋଇ ଶୁଭ ମନାସୀଥିଲେ। ବିରାଟ ପଟୁଆରରେ ଚାଲି ଚାଲି ତାଙ୍କୁ ବିମାନ ବନ୍ଦର ଯାଏ ଆଣିଥିଲେ। ବିମାନ ବନ୍ଦରରେ ପହଞ୍ଚିବା ପରେ ଦଳୀୟ ନେତା, ବିଧାୟକ, ସାଂସଦ ଓ ଅନ୍ୟ ନେତାମାନେ ତାଙ୍କୁ ଫୁଲତୋଡା ଦେଇ ଶୁଭ ମନାସୀଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ୪.୫ କୋଟି ଓଡ଼ିଆଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଶୀଘ୍ର ସୁସ୍ଥ କରିବା ସହ ଓଡ଼ିଶାବାସୀଙ୍କ ସେବା କରିବାର ପୁଣି ସୁଯୋଗ ଦେବେବୋଲି ଦଳୀୟ ନେତା ଏହି ଅବସରରେ ଆଶା କରିଥିଲେ।

## ମାହାଙ୍ଗାରେ...

କରିଛନ୍ତି। ସୂଚନା ଯୋଗ୍ୟ ମାହାଙ୍ଗାର ପ୍ରମୁଖ ବଜାର ମାନଙ୍କରେ ବାସୀ ଖାଦ୍ୟ ,ଜଳଖିଆ ଓ ବିଭିନ୍ନ ଟ୍ୟାପରୁ ଗୋଳିଆ ପାଣି ବାହାରୁଥିବାବେଳେ ଏହାର ଏପର୍ଯ୍ୟନ୍ତ ପ୍ରତିକାର କରାଯାଇ ପାରୁନାହିଁ ଏଥିସହିତ ପାନୀୟ ଜଳ ଓ ପରିମଳ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ନଳକୂପ ଓ ଭୂତଳ ପାନୀୟ ଜଳକୁ ବିଶୋଧନ କରିଥିଲେ। ତେବେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆଶାକର୍ମୀଙ୍କ ସହାୟତାରେ ବ୍ଲିଚିଙ୍ଗ ଓ ଓଆରଏସ ମଧ୍ୟ ବଂଟନ କରାଯାଉଥିବା ଜଣାଯାଇଛି।

## ସୁବର୍ଣ୍ଣରେଖାରେ...

ଖରାପ ହେଲେ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପଦେଶ ଦିଆଯାଇଛି ।ସି. ଡି.ଏମ.ଓ. ବାଲେଶ୍ୱରଙ୍କୁ ଆବଶ୍ୟକ ଔଷଧ ସଂଗ୍ରହ ଓ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ଗେଟ୍‌ର ଯାଞ୍ଚ କରିବା, ନିୟମିତ ଅନ୍ତରାଳରେ ଜଳସ୍ତର ମାପ କରିବା ଓ ଆବଶ୍ୟକ ଉପାୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ମିଳିଛି ।ସିଭିଲ୍ ସପ୍ଲାଇସ୍ ଅଫିସରଙ୍କୁ ଆବଶ୍ୟକ ଖାଦ୍ୟ ଓ ଜରୁରୀ ସାମଗ୍ରୀ ଉପଲବ୍ଧତା ବିଷୟରେ ସମୀକ୍ଷା କରାଯାଇଛି । ସମସ୍ତ କର୍ମଚାରୀଙ୍କର ଛୁଟି ବାତିଲ୍ କରାଯାଇଛି ଏବଂ ମୁଖ୍ୟାଳୟ ଛାଡ଼ିବାକୁ କାହାକୁ ମଧ୍ୟ ପୂର୍ବ ଅନୁମତି ବିନା ନିଷେଧ କରାଯାଇଛି ।ଜିଲ୍ଲା ପ୍ରଶାସନ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି ଯେ ସେମାନେ ଶାନ୍ତ ଓ ସଚେତନ ରୁହନ୍ତୁ, ଏବଂ କେବଳ ସରକାରୀ ମାଧ୍ୟମରେ ଜାରି କରାଯାଉଥିବା ନିର୍ଦ୍ଦେଶନାମା ଅନୁସରଣ କରନ୍ତୁ । ଜିଲ୍ଲା ଆପତକାଳୀନ ନିୟନ୍ତ୍ରଣ କକ୍ଷ ଚାଲୁ ରହିଛି ଏବଂ ସମସ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଅପରପକ୍ଷରେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରତିବର୍ଷ ପ୍ରଭାବିତ ହେଉଥିବା ଶତାଧିକ ନଦୀକୂଳିଆ ଗାଁରେ ନଦୀବନ୍ଧ ପଥର ପେକିଂ ହେଉ ନଥିବାରୁ ବହୁ ଗାଁ ଏବେ ସୁବର୍ଣ୍ଣରେଖା ଗର୍ଭରେ ଲୀନ ହେବାକୁ ଯାଉଛି । ନଦୀକୂଳରେ ପଥର ପେକିଂ ନହେବାରୁ ଜଳେଶ୍ୱର ବ୍ଲକର ନଦୀର ଉଭୟ ପାଶ୍ୱର୍ରେ ୫୦ ଗାଁ ସହିତ ବାଲିଆପାଳ ଓ ଭୋଗରାଇ ବ୍ଲକର ଶତାଧିକ ଗାଁ ସୁବର୍ଣ୍ଣରେଖାର ବ୍ୟାପକ ଭାବେ ଅତଡ଼ା ଖସୁଛି । ଏଥି ସହିତ ହଜାର ହଜାର ହେକଟର ଚାଷଜମି ନଦୀ ଖାଇଯାଉଛି । ଝସୁବର୍ଣ୍ଣରେଖାରୁ ବାଲିମାଫିଆ ମାନେ ଦୈନିକ ଶହଶହ ଡମ୍ପର, ଟ୍ରକ ଓ ଟ୍ରାକଟର ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ବେଆଇନଭାବେ ଚାଲାଣ କରୁଥିବାରୁ ନଦୀକୂଳ ଗାଁ ଗୁଡିକ ସୁବର୍ଣ୍ଣରେଖା ଆଁ ଭିତରେ ରହି କୂଳବାସୀଙ୍କୁ ଶଙ୍କିତ କରିଛି ଝବାଲିଆପାଳ ବ୍ଲକର କୁହ୍ଲା ଚଢ଼, ନୟାବାଲି,କୁଦର୍ମାନସିଂ, ବିଷ୍ଣୁପୁର ଇକଡ଼ପାଳ ପ୍ରଭୃତି ନଦୀପାଖିଆ ଗାଁ ସହିତ ଭୋଗରାଇ ବ୍ଲକର ରସଲପୁର, କୁହ୍ଲା, ମନୁନଗର, ହୁଡ଼ାପାଳ, ପନ୍ତେଇ, କୁମ୍ଭୀଗଡି, ନାନକାର, ଟୁକୁରୀହାଜିରା, କୀର୍ତ୍ତନିଆ ପ୍ରଭୃତି ଗାଁ ଗୁଡିକରେ ନଦୀର ବ୍ୟାପକ ଅତଡ଼ାଖସି ବିପଦ ସୃଷ୍ଟି କରିଛି । ସୁବର୍ଣ୍ଣରେଖାରେ ଆକସ୍ମିକ ବନ୍ୟା ଯୋଗୁଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ।୨୦ ତାରିଖ ସ୍କୁଲ ଖୋଲିଥିବା ବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍କୁଲ ଛୁଟି ହେବାନେଇ କୌଣସି ନିର୍ଦ୍ଦେଶ ଆସିନଥିବାର ଶିକ୍ଷାଧିକାରୀ କହିଛନ୍ତି । ପଥର ଉପରେ ଖଣିବିଭାଗ କଟକଣା ଲଗାଇଥିବାବେଳେ ପଥର ଆସି ପାରୁନଥିବାରୁ କୋଟିକୋଟି ଟଙ୍କାର ନଦୀବନ୍ଧ ଯୋଜନାର କାର୍ଯ୍ୟ ଏକ ପ୍ରକାର ଠପ ହୋଇଥିବାର ସେଚ ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟ ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୁଆଁ, ଅଧୀକ୍ଷଣ ଯନ୍ତ୍ରୀ ନବ କୁମାର ମହାଳିକ ସହ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନଦୀବନ୍ଧ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଗୁରୁବାର ଆସିଥିବାବେଳେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ବେହେରା, ପୂର୍ବତନ ସମିତି ସଦସ୍ୟ ଭବେନ୍ଦ୍ର ସାହୁ ପ୍ରମୁଖ ଜନପ୍ରତିନିଧି ଭୋଗରାଇର କୀର୍ତ୍ତନିଆ, ଟୁକୁରୀହାଜିରା କୁମ୍ଭୀଗଡିରେ ସମୁଦ୍ର ଜୁଆର ତଟ ପ୍ରତିବନ୍ଧକ ପଥର ବନ୍ଧ, ପ୍ରଖ୍ୟାତ ଭୂଷଣ୍ଡେଶ୍ୱର ଶୈବପୀଠ ପାଖେପାଖେ ଏକ ପିଚୁରାସ୍ତା ନିର୍ମାଣ, କୋଷ୍ଟ କେନାଲ ପୁନଃରୁଦ୍ଧାର ଏବଂ ନଦୀକୂଳ ଖାଉଥିବା ଗାଁ ଗୁଡିକରେ ଅବିଳମ୍ବେ ପଥର ବନ୍ଧ କରାନଗଲେ ସୁବର୍ଣ୍ଣରେଖାର ପ୍ରକୋପରେ ବହୁଗାଁ ପ୍ରଭାବିତ ହେବବୋଲି ସେଚ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ସମନ୍ୱିତ...

ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ମାନଙ୍କରେ ତ୍ୱରିତ ଏବଂ ସମନ୍ୱିତ କାର୍ଯ୍ୟକ୍ରମ ଯୋଗୁ ୧୨ ତାରିଖ ଠାରୁ ସଂକ୍ରମିତ ସଂଖ୍ୟା କମିବା ଆରମ୍ଭ ହୋଇଥିଲା। ୧୨ ତାରିଖ ଦିନ ୧୩୫ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଯାହାକି ୧୫ ତାରିଖ ବେଳକୁ ୧୨୧ କୁ ଏବଂ ୧୮ ତାରିଖ ବେଳକୁ ୯୧ କୁ କମିଥିଲା । ସୁକିନ୍ଦା ଏବଂ ବଡ଼ଚଣାର କେତେକ ଜାଗାରେ କାଁ ଭାଁ ବିକ୍ଷିପ୍ତ ଭାବେ କିଛି ବ୍ୟକ୍ତିଙ୍କ ସଂକ୍ରମଣ ଜଣାପଡିବା ମାତ୍ରେ ଆଶୁ ସେବା ଦଳ (ରାପିଡ୍ ରେସପନସ୍ ଟିମ୍) ସଂପୃକ୍ତ ସ୍ଥାନରେ ପହଞ୍ଚି ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା କରିଥିଲେ । ଗତ କାଲି (୧୯ ତାରିଖ) ବିଭିନ୍ନ ହସ୍ପିଟାଲମାନଙ୍କରେ ୭୧ ଜଣ ନୂଆ ସଂକ୍ରମିତ ଆଡ଼ମିଶନ ହୋଇଥିଲେ। ଗତ କାଲି ରାତି ସୁଦ୍ଧା ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୧୧୬୭ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥଲେ । ସେମାନଙ୍କ ମଧ୍ୟରୁ ୧୦୪୫ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ ଏବଂ ୮୨ ଜଣ ଚିକିତ୍ସାଧୀନ ଥିଲେ ।

ସେହିପରି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନୁରୂପ ଡାଇରିଆ ସଂକ୍ରମଣ ହ୍ରାସ ପରିଲକ୍ଷିତ ହୋଇଛି । ଜୁନ ୧୦ ତାରିଖରେ ୭୯ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଯାହାକି ଜୁନ ୧୨ ରେ ୪୪, ଏବଂ ୧୮ ବେଳକୁ ୩୮ କୁ ହ୍ରାସ ପାଇଥିଲା । ୧୯ ତାରିଖ ରାତି ସୁଦ୍ଧା ୧୭ ଜଣ ନୂଆ ସଂକ୍ରମିତ ଆଡ଼ମିଶନ ହୋଇଥିଲେ । ଗତକାଲି ରାତି ସୁଦ୍ଧା କେନ୍ଦୁଝର ଜିଲ୍ଲାରୁ ସମୁଦାୟ (୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ) ୪୯୭ ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୪୫୪ ଜଣ ଆରୋଗ୍ୟ ଲାଭ ପରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ, ଏବଂ ୩୪ ଜଣ ସଂକ୍ରମିତ ଚିକିତ୍ସାଧୀନ ଥିଲେ ।

ବର୍ତ୍ତମାନ ସାରା ରାଜ୍ୟରେ ଡାଇରିଆ ନିରାକରଣ ଅଭିଯାନ ଚାଲୁ ରହିଛି । ଯାଜପୁର, କେନ୍ଦୁଝର, ଭଦ୍ରଖ, କଟକ ଓ ଢ଼େଙ୍କାନାଳ ଆଦି ଜିଲ୍ଲାରେ ଏହାକୁ ଅଧିକ ସଘନ ଓ ବ୍ୟାପକ କରାଯାଇଛି ।ସବୁ ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗନବାଡ଼ି କେନ୍ଦ୍ର ଆଦିକୁ ପର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ, ହାଲୋଜେନ ବଟିକା, ସାଲାଇନ, ଇଞ୍ଜେକସନ ଏବଂ ଆବଶ୍ୟକୀୟ ଔଷଧ ଇତ୍ୟାଦି ଯୋଗାଇ ଦିଆଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ବିଶେଷଜ୍ଞ ଟିମ୍ ମାନେ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ନିରାକରଣ ଏବଂ ପ୍ରତିଷେଧକ କାର୍ଯ୍ୟର ତଦାରଖ ପୂର୍ବକ ଆବଶ୍ୟକୀୟ ପରାମର୍ଶ ଦେଉଛନ୍ତି । ଗତକାଲି ରାତି ସୁଦ୍ଧା ଯାଜପୁର, କେନ୍ଦୁଝର, ଢ଼େଙ୍କାନାଳ, ଭଦ୍ରଖ ଓ କଟକ ଆଦି ଜିଲ୍ଲାରୁ ସମୁଦାୟ ୪୦୦ ଡାଇରିଆ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨୯୯ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ଥିଲେ ।

ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ଚାଲୁ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମହାଲିଙ୍ଗ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା ଦିନେ ଡାଇରିଆ ଓ ଜଣ୍ଡିସ ପରି ଜଳବାହିତ ରୋଗର ନିରାକରଣ ନିମନ୍ତେ ବ୍ୟାପକ ସେଚେତନତା ଏବଂ ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ସଂକ୍ରମଣ ଚିହ୍ନଟ ଉପରେ ଡଃ ମହାଲିଙ୍ଗ ଗୁରୁତ୍ୱ ଆରୋପ କରିଛନ୍ତି । ପାଣି ଫୁଟାଇ ପିଇବା, ବାରମ୍ବାର ସାବୁନରେ ହାତ ଧୋଇବା, ସମସ୍ତ ପାନୀୟ ଜଳଉତ୍ସ ଗୁଡିକୁ ପୁନଃପୌନିକ ଭାବେ ବିଶୋଧନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ ପରାମର୍ଶ ଦେଇଛନ୍ତି । ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ଘରକୁ ଘର ଅଭିଯାନ ଜାରି ରଖିବା ପାଇଁ ସେ ସମସ୍ତ କ୍ଷେତ୍ର ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର, ଶିକ୍ଷକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନାବାଳିକା ଛାତ୍ରୀଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ଜଣେ ଶିକ୍ଷକଙ୍କୁ ଗିରଫ କରିଛି ଇନ୍ଫୋସିଟି ଥାନା ପୋଲିସ । ଝିଅ ଟିଉସନକୁ ଯାଇ ଘରକୁ ନଫେରିବାରୁ ମା' ଥାନାରେ ଅଭିଯୋଗ କରିଥିଲେ ।

ଅଭିଯୋଗକାରୀ ପରିବାର ସହ ଇନ୍ଫୋସିଟି ଥାନା ଅଞ୍ଚଳରେ ରୁହନ୍ତି । ଗତ ୭ ତାରିଖ ଅପରାହ୍ନରେ ପୀଡିତା ନାବାଳିକା କୋଚିଂକ୍ଲାସ୍ ଯିବା ଲାଗି ଘରୁ ବାହାରି ଯାଇଥିଲେ । ପରେ ସେ ଅଭିଯୁକ୍ତ ସ୍କୁଲ ଶିକ୍ଷକ ଜଗତ ସେବକ ବାଇ ଓରଫ ବାପୁନୀଙ୍କ ମୋବାଇଲ ଫୋନରୁ କୋଚିଂକ୍ଲାସ ଶିକ୍ଷକଙ୍କୁ ଫୋନ୍ କରି ମା'ଙ୍କ ସହ ମାର୍କେଟ ଯାଉଥିବା ମିଛରେ କହିଥିଲେ । ତେଣୁ ସେ କ୍ଲାସ୍‌କୁ ଯାଇପାରିବେ ନାହିଁ ବୋଲି କହିଥିଲେ । ଅଭିଯୁକ୍ତ ବାପୁନୀ ନାବାଳିକାଙ୍କୁ ନିଜ ବାଇକ୍‌ରେ ବସାଇ କେନ୍ଦ୍ରାପଡାସ୍ଥିତ ନିଜ ଗାଁକୁ ଚାଲିଯାଇଥିଲେ । ସେଠାରେ ସମ୍ପର୍କୀୟଙ୍କ ଘରେ ରହିଥିଲେ । ରାତିରେ ଛାତ୍ରୀଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବଳାତ୍କାର କରିଥିଲେ ।

କେନ୍ଦ୍ରାପଡାସ୍ଥିତ ଗାଁରେ ଦୁଇଦିନ ରହିବା ପରେ ଅଭିଯୁକ୍ତ ଶିକ୍ଷକ ପୀଡିତାଙ୍କୁ ନେଇ ପୁରୀ ଯାଇଥିଲା ।ସେଠାରୁ ଟ୍ରେନ୍ ଯୋଗେ ଦୁହେଁ ଗୁଜରାଟରେ ରହୁଥିବା ଭଉଣୀ ଘରକୁ ପଳାଇଥିଲେ । ପରେ ଅଭିଯୁକ୍ତଙ୍କ ପରିବାର ସଦସ୍ୟ ଗୁଜରାଟ ଯାଇ ଉଭୟଙ୍କୁ ସେଠାରୁ ଆଣି କେନ୍ଦ୍ରାପଡାକୁ ଆସିଥିଲେ । ଏ ସମ୍ପର୍କରେ ପୋଲିସ ଖବର ପାଇବା ପରେ କେନ୍ଦ୍ରାପଡାରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ହେପାଜତରେ ଥିବା ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଥିଲା । କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରୁ ଉଭୟଙ୍କୁ ଆଣିବା ପରେ ଡାକ୍ତରୀ ମାଇନା କରି ପୀଡିତା ଛାତ୍ରୀଙ୍କୁ ପରିବାର ଜିମା ଦେବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଘଟଣା ପୂର୍ବରୁ ଅଭିଯୁକ୍ତ ଶିକ୍ଷକ ଇନ୍ଫୋସିଟି ଥାନା ଅନ୍ତର୍ଗତ ପ୍ରଶାନ୍ତିବିହାରରେ ରହୁଥିଲା ।

### ବାପା ମୁଣ୍ଡରେ ବନ୍ଧୁକ ଲଗାଇ ଧମକ

# ପୁଅ ଗିରଫ, ବନ୍ଧୁକ, ଦୁଇ ଗୁଳି ଜବତ

ଭୁବନେଶ୍ୱର, (ସବ୍ୟୁ) : ବାପା ମୁଣ୍ଡରେ ବନ୍ଧୁକ ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାର କହିଥିବା ପୁଅକୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

ମହେଶ ପାତ୍ର ପରିବାର ସହ ନୂଆପଲ୍ଲୀ ନୂଆସାହି ୪୧୨ ଫ୍ଲାଟ୍‌ରେ ରୁହନ୍ତି । ବାପା-ମା'ଙ୍କ ମଧ୍ୟରେ ବିବାଦ ଯୋଗୁ ପୁଅ ସୋହମଶ୍ରୀ ପାତ୍ର ବାପାଙ୍କ ବିରୋଧରେ ଅଭିଯୋଗ କରିଆସୁଥିଲେ । ଗୁରୁବାର ଦିନ ରାତି ପ୍ରାୟ ୧୧ଟା ବେଳେ ପାରିବାରିକ ବିବାଦକୁ କେନ୍ଦ୍ରକରି ପୁଅ ସୋହମକୁ ବାପା ଗାଳିଗୁଲଜ କରିଥିଲେ । ଯାହାଫଳରେ ସେ ରାଗିଯାଇ ବାପା ମୁଣ୍ଡରେ ବନ୍ଧୁକ ଲଗାଇ ଧମକାଇ କହିଥିଲେ ଯେ, ଏମିତି ଉତ୍ପାତ ହେଉଛ, ଭୟଙ୍କର ପରିଣାମ ଭୋଗିବ ।

ଏହାପରେ ବାପା ଭୟରେ ନୂଆପଲ୍ଲୀ ଥାନାକୁ ଆସି ଅଭିଯୋଗ କରିବା ପରେ ପୁଅ ସୋହମଶ୍ରୀ ପାତ୍ର (୨୧) କୁ ପୋଲିସ ଗିରଫ କରିବା ସହ ତା'ନିକଟରୁ ଦେଶୀ ବନ୍ଧୁକ ଓ ଦୁଇ ରାଉଣ୍ଡ ଗୁଳି ଜବତ କରିଛି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସୋହମକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବଡଚଣା...

ପୁଣି ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ଦେଖାଯାଉଛି। ଶୁକ୍ରବାର ଦିନ ଏହି ଦୁଇ ବ୍ଲକରେ ପୁଣି ୪୫ଜଣ ନୂଆରୋଗୀ ଆକ୍ରାନ୍ତ ହୋଇ ଡାକ୍ତର ଖାନାରେ ଭର୍ତ୍ତି ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ରୋଗୀଙ୍କ ମଧ୍ୟରୁ ବଡଚଣାରେ ୨୨ଜଣ ଥିବା ବେଳେ ଧର୍ମଶାଳାରେ ୧୯ ଜଣ ରହିଛନ୍ତି। ଧର୍ମଶାଳାରେ ଆକ୍ରାନ୍ତ ହୋଇଥିବା ୧୯ଜଣ ଯାକ ରୋଗୀ ଗୋଟିଏ ଗ୍ରାମର ବୋଲି ଜଣାପଡିଛି। ଏହି ରୋଗୀମାନେ ରସୁଲପୁର ବ୍ଲକ ଅଧିନ ଗୋପାଳପୁର ଗ୍ରାମର ବୋଲି ଜଣାପଡିଛି। ସେମାନେ ସମସ୍ତେ ଡାଇରିଆରେ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ରୋଗର ପ୍ରତିଷେଧକ ସରୂପ ଶୁକ୍ରବାର ଦିନତମାମ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢାଉ ଜାରି ରହିଥିଲା। ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରୁ ଗତକାଲି ଗୁରୁବାର ଦିନ ୬ଟି ଜଳ ନମୁନା ସଂଗ୍ରହ କରାଯାଇ ପରିକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ତିନୋଟିର ରିପୋର୍ଟ ପଜେଟିଭ ବା ଜଳରେ କଲେରା ଜୀବାଣୁ ରହିଥିବା ଜଣାପଡିବାରୁ ଚଣ୍ଡିଖୋଲର ମିଡଇଷ୍ଟ ହୋଟେଲ ସମେତ ୬୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ କୃଷ୍ଣଦାସପୁର ଛକରେଥିବା ଅନ୍ୟ ଦୁଇଟି ହୋଟେଲକୁ ଦର୍ପଣ ତହସିଲଦାର ମାନସକୁମାର ତ୍ରିପାଠୀ ସିଲ କରିଦେଇଥିବା ଜଣାପଡିଛି। ଶୁକ୍ରବାର ସୁଦ୍ଧା ବଡଚଣାର ବିଭିନ୍ନ ସ୍ଥାନରୁ ୧୬ଟି ଜଳ ନମୁନା ସଂଗୃହିତ ହୋଇଥିଲା ବେଳେ ସେଥିରୁ ୧୧ଟିରେ କଲେରା ଜୀବାଣୁ ଥିବା ପରିକ୍ଷାରୁ ଜଣାପଡିଛି। ସେହିପରି ଧର୍ମଶାଳାରେ ୮ଟି ଜଳ ନମୁନାରେ କଲେରା ଜୀବାଣୁ ଥିବା ଜଣାପଡିବା ପରେ ଜଳ ନମୁନା ସଂଗ୍ରହ ହୋଇଥିବା ହୋଟେଲ ଓ ଜଳଖିଆ ଦୋକାନ ଗୁଡିକୁ ତହସିଲଦାରଙ୍କ ପକ୍ଷରୁ ସିଲ କରାଯାଇଛି। ଗତକାଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ବଡଚଣା ଓ ଧର୍ମଶାଳା ବିଧାୟକ, ଯାଜପୁର ସାଂସଦ ପ୍ରମୁଖ ବଡଚଣା ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ରୋଗ ଓ ରୋଗୀଙ୍କ ସ୍ଥିତି ପରଖିବାପରେ ଡାଇରିଆରେ ପିଡିତ ରୋଗୀମାନଙ୍କୁ ଆବଶ୍ୟକ ଓ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାସହ ରୋଗ ନିରାକରଣ ପାଇଁ ବ୍ୟାପକ ସଚେତନତା ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭାଗୀୟ ଅଧିକାରୀ ମାନେ ଶୁକ୍ରବାର ଠାରୁ ଅଧିକ ସଜାଗ ଓ କ୍ରିୟାଶୀଳ ହୋଇଥିବା ଦେଖାଯାଇଛି।

AFFIDAVIT
By virtue of an affidavit sworn before Notary Public, Rairakhol, dated. 20th June 2025, I, Jemadei Podha, Address of village/PO-Mochibahal, PS-Charmal, Dist-Sambalpur, Odisha, 768105, declare that I have changed my name from Jemadei Binjhal to Jemadei Podha. Henceforth, I shall be known as Jemadei Podha for all purposes.
Jemadei Podha

AFFIDAVIT
By virtue of an affidavit sworn before the Court of the Executive Magistrate, Chhendipada, dated. 12.06.2025, I Shanti Naik Address At/Po-Machhakuta, Ps-Chhendipada, Dist-Angul declare that I have changed my name from Shanti Nahak to Shanti Naik. Henceforth, I shall be known as Shanti Naik for all purposes.
Shanti Naik

NOTICE
By virtue of an affidavit sworn before the Executive Magistrate, Daspalla on dated 18.06.2025 I Raj Kumar Rath aged about 35 years, S/o. Kishore Chandra Rath of village Mohantisahi (Kunjabangarh), P.O/P.S. Daspalla, Dist : Nayagarh declare that I have changed my daughter's name from Jagruti Ratha to Raj Nandini Rath. Henceforth she shall be known as Raj Nandini Rath for all purposes.
Sd/- Raj Kumar Rath

AFFIDAVIT
By virtue of an affidavit sworn before Notary Public, Khordha, dated. 20.06.2025. I Debabrata Das, resident of At/Po-Saradhapur, PS/Dist-Khordha, Pin-752057, Odisha declare that I have changed my name from Debrat Das to Debabrata Das. Henceforth, I shall be known as Debabrata Das for all purposes.
(Debabrata Das)

AFFIDAVIT
I, Shubhadarshini Panda, W/o-Jatindra Nath Dash, Resident of Vill/Po- Saraskola, Ps-Patana, Dist- Keonjhar, Pin-758030 Declare by this affidavit no. 18, dated. 17.06.2025. I have changed my name from Shubhadarshini Dash to Shubhadarshini Panda. Henceforth, She shall be known as Shubhadarshini Panda for all purposes.
Sd/- Shubhadarshini Panda

ଦ.ପୂ. ରେଳପଥ-ଟେଣ୍ଡର
ସିନିୟର ଡିଏସଟିଇ/ଖଡ୍ଗପୁର, ଦକ୍ଷିଣ ପୂର୍ବ ରେଳପଥ, ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନ ସୂଚିତ ଟେଣ୍ଡର ନଂ ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୧୦.୦୭.୨୦୨୫ ରିଖ ୧୫.୦୦ ଘଣ୍ଟିକାରେ ଖୋଲାଯିବାର ଅଛି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ଟେଣ୍ଡର ନୋଟିସ ନଂ. ଏସ୍‌ଟି-ସିକେପି-ଓଟି-୨୫-୨୬-୩୨, ତାରିଖ : ୧୯.୦୬.୨୦୨୫ । କାର୍ଯ୍ୟର ନାମ : ଖଡ୍ଗପୁର ଡିଭିଜନ ଅଧୀନରେ ବିଦ୍ୟୁତ୍ ଯୋଗାଣ ଏବଂ ପଏଣ୍ଟ ମେସିନ ର ବିଶ୍ୱସନୀୟ ଉନ୍ନତିକରଣ କାର୍ଯ୍ୟ ସହିତ ଆର୍ଥିଂ ବ୍ୟବସ୍ଥାରେ ଉନ୍ନତି ଏବଂ ଇଏଲ୍‌ଡି ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ଟ. ୮,୪୬,୦୧.୪୧୧/– ।
http://www.ireps.gov.in
(PR-294)

ଡକ୍ୟୁମେଣ୍ଟ ହଜିଛି
ଆମେ, ହିତେଶ କୁମାର ଅଗ୍ରୱାଲ, ପିତା: ଶଙ୍କରଲାଲ ଅଗ୍ରୱାଲ, ବୟସ ୨୭ ବର୍ଷ, ସାପୋ: ଦୋରବା, ଥାନା: କେଶିଙ୍ଗା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା-୭୬୬୦୩୬ଙ୍କ ନାମରେ ଥିବା ...

# ପଞ୍ଚଭୂତରେ ବିଲୀନ ନିରଞ୍ଜନ, ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

## ଜନ୍ମମାଟି ଆଠଗଡ଼ରେ ଶୋକାକୁଳ ପରିବେଶ, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି

କଟକ/ଆଠଗଡ଼,(ସବ୍ୟୁ): ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ, 'ସମାଜ'ର ପ୍ରାକ୍ତନ ସମ୍ପାଦକ, ମୁଦ୍ରାକର ଓ ପ୍ରକାଶକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥ ପଞ୍ଚଭୂତରେ ବିଲୀନ ହୋଇଛନ୍ତି । ଶୁକ୍ରବାର ଅପରାହ୍ଣରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଶୁକ୍ରବାର ସକାଳୁ ଶାନ୍ତି ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀରକୁ ଆଠଗଡ଼ସ୍ଥିତ ପୈତୃକ ଗ୍ରାମ ରାଧାନାଥପୁର ଶାସନକୁ ନିଆଯାଇଥିଲା । ବାସଭବନରେ ଶ୍ରୀ ରଥଙ୍କ ସାନଭାଇ ନିରୁପମ ରଥ, ନଳୀନାକ୍ଷ ରଥ, ସାନ ଭାଇବୋହୂ କୁମୁଦିନୀ ପଣ୍ଡାଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ସ୍ୱର୍ଗତ ରଥଙ୍କ ମରଶରୀରକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରାଯାଇଥିଲା । ବିଜେପିର କଟକ ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତି, ବରିଷ୍ଠ ବିଜେପି ନେତା ହରପ୍ରସାଦ ମିଶ୍ର, ଅଭୟ କୁମାର ବାରିକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର



କାର୍ଯ୍ୟକର୍ତ୍ତା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ମାଧବପୁରଠାରେ ଥିବା ଗୋପବନ୍ଧୁ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ଏବଂ ନର୍ସିଂ କଲେଜରେ ଅଧ୍ୟାପକ, କର୍ମଚାରୀ ଏବଂ ବିଦ୍ୟାର୍ଥୀମାନେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମଧ୍ୟାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନ 'ସମାଜ' କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା । ଲୋକସେବକ ମଣ୍ଡଳର ସଭାପତି ରାଜକୁମାର, କୋଷାଧ୍ୟକ୍ଷ ତଥା 'ଜିମସାର' ଅଧ୍ୟକ୍ଷ ରାଜେନ୍ଦ୍ର ଜେନା, ମଣ୍ଡଳର ସଦସ୍ୟ ଡ. ନୈନା ବେନ୍ ଭାକେରିଆ, ବରିଷ୍ଠ ସଦସ୍ୟ ଭୀମସେନ ଯାଦବ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ପ୍ରଭାତ ରଞ୍ଜନ ବିଶ୍ୱାଳ, କିଟ୍ ଏବଂ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, 'ସମାଜ'ର ପୂର୍ବତନ ସମ୍ପାଦକ କାନନ ଦାଶ, 'ସକାଳ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାଶ, ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ 'ସମାଜ'ର ଅଧିକାରୀ ଓ କର୍ମଚାରୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । 'ସମାଜ'ର ସମ୍ପାଦକ, ମୁଦ୍ରାକର ଓ ପ୍ରକାଶକ, ଭାବେ କାର୍ଯ୍ୟ କରିଥିଲେ । ନିକଟରେ ସେ ଦ୍ୱିତୀୟଥର ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଭୀଷଣ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହିସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁବାର ରାତି ୧୧ଟା ବେଳେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା ।

# ରଥଯାତ୍ରା ପାଇଁ ପୋଲିସ, ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ପୁରୀ,(ସବ୍ୟୁ): ଶୁକ୍ରବାର ଅପରାହ୍ଣରେ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୁରୀ ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଧକ୍ଷତା କରି ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ । ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକମାନଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନ ମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ । ଶ୍ରଦ୍ଧାଳୁମାନଙ୍କୁ ସହଯୋଗ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସୁନୀଲ କୁମାର ମିଶ୍ର ,ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ଓ ଡିଆଇବି ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ ପ୍ରମୁଖ ଯୋଗ ଦେଇ ରଥଯାତ୍ରାକୁ ଆସୁଥିବା ଅତିଥି ମାନଙ୍କ ସୁରକ୍ଷା ଓ ଯାତ୍ରୀ ମାନଙ୍କ ସୁରକ୍ଷା ସହ ଶୃଙ୍ଖଳିତ ଭାବେ ଯାତ୍ରୀମାନଙ୍କ ଦର୍ଶନ, ବିଭିନ୍ନ ସେବାରେ ନିୟୋଜିତ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଧାରିତ ସ୍ଥାନରେ ସେବା ଯୋଗାଇବାରେ ସହଯୋଗ କରିବା, ଅଯଥା ଗହଳି କରାଇ ନ ଦେବା, ଟ୍ରାଫିକ ନିୟନ୍ତ୍ରଣ,ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଆଶୁ ଚିକିତ୍ସା ବ୍ୟବସ୍ଥା ,ଆମ୍ବୁଲାନ୍ସ ବ୍ୟବସ୍ଥା,ସୂଚନା ସେବା,ପାର୍କିଂ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସମସ୍ତଙ୍କୁ ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ମାହାଙ୍ଗାରେ ଡାଇରିଆ ସ୍ଥିତି ଅଣାୟତ, ଏସସିବିରେ ପ୍ରାଣ ହରାଇଲେ ଅଜୟ

## ଆକ୍ରାନ୍ତଙ୍କ ସଂଖ୍ୟା ୧୩୪ ପହଞ୍ଚିଲାଣି

କଟକ,୨୦।୬(ସବ୍ୟୁ): ମାହାଙ୍ଗାରେ ଡାଇରିଆ ସ୍ଥିତି ଅଣାୟତ ହେଲାଣି । ଏଠାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୪ରେ ପହଞ୍ଚିଥିବା ବେଳେ ୧୧୫ଜଣ ସୁସ୍ଥ ହୋଇ ସାରିଛନ୍ତି । ଅବଶିଷ୍ଟ ଆକ୍ରାନ୍ତଙ୍କ ମଧ୍ୟରୁ ୪ଜଣ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ କିଛି ଜଣଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ମାହାଙ୍ଗା ମଉଦା ପଞ୍ଚାୟତ କ୍ଷେତ୍ରପାଳ ଗ୍ରାମର ଯୁବକ ଅଜୟ ନାୟକ ଡାଇରିଆ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । ଏସସିବିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । କଟକର ଗୋଟିଏ ପରେ ଗୋଟିଏ ବ୍ଲକରେ ଏବେ ଡାଇରିଆ କାୟା ବିସ୍ତାର କରିବାରେ ଲାଗିଛି । କଟକର ୪ଟି ବ୍ଲକରେ ଏବେ ଡାଇରିଆ ଭୟ । ଗୋଟିଏ ପରେ ଗୋଟିଏ ବ୍ଲକରେ ଏବେ ଡାଇରିଆ ଆକ୍ରାନ୍ତ ଦେଖିବାକୁ ମିଳିଲେଣି । କଟକ ସଦର, ବାଙ୍କୀ, ଟାଙ୍ଗୀ-ଚୌଦ୍ୱାର ପରେ ମାହାଙ୍ଗା ବ୍ଲକରେ ଏବେ ଡାଇରିଆ କାୟା ବିସ୍ତାର କରିଛି । କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ବେଣ୍ଟକାର ବ୍ଲକରେ ଏକ ଭୋଜି ଖାଇ ୨୬ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ । ସେଠାରେ ଏକ ଡାକ୍ତରୀ ଦଳ ସ୍ୱତନ୍ତ୍ର ଭାବେ ନିୟୋଜିତ ହୋଇଥିଲା । ଏବେ ସେଠାରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ରହିଛି ଛ ଟାଙ୍ଗୀ ଏବଂ ବାଙ୍କୀ ଘୋଳପୁର ଅଞ୍ଚଳରେ ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇସାରିଛି । ଏହି ଅଞ୍ଚଳ ଗୁଡିକରେ ଆଉ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି । ତେବେ ମାହାଙ୍ଗାରେ ଡାଇରିଆରେ ଆକ୍ରାନ୍ତ ହୋଇ ଜଣଙ୍କ ପ୍ରାଣହାନି ଘଟିବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି । ୪୮ବର୍ଷୀୟ ଯୁବକ ଅଜୟ କିଛି ଦିନ ହେବ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ଖବର ଜଣା ପଡ଼ିବା ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ମଉଦା ପଞ୍ଚାୟତରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି । ପାନୀୟ ଜଳ ଓ ପରିମଳ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ନଳକୂପ, ଭୂତଳ ପାନୀୟଜଳ ଉତ୍ସ ଗୁଡ଼ିକୁ ବିଶୋଧନ କରିଛନ୍ତି । ସେହିପରି କଟକ ବଡ ମେଡିକାଲରେ ମଧ୍ୟ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି । ଶୁକ୍ରବାର ରାତି ସୁଦ୍ଧା ଏସସିବି ଡାଇରିଆ ବିଭାଗରେ ୪୩ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି ।

# ୨୦ଗ୍ରାମ ବ୍ରାଉନସୁଗର ଜବତ ୫ ଗିରଫ

ଖୋର୍ଦ୍ଧା,(ସବ୍ୟୁ): ଆଦର୍ଶଥାନା ପୁଲିସ ଗତକାଲି ବିଳମ୍ବିତ ରାତିରେ ହାବେଲୀ ପଡିଆ ଠାରୁ ୨୦ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି । ଏଥିସହିତ ସେମାନଙ୍କ ଠାରୁ ନଗଦ ୧୩୦୦ଟଙ୍କା, ୫ଟି ମୋବାଇଲ ଫୋନ୍ ଏବଂ ୪ଟି ବାଇକ କୁଜବତ କରିଛି । ପ୍ରକାଶ ଥାଉକି, ଗତକାଲି ରାତି ପ୍ରାୟ ୧୨.୨୫ ମି. ସମୟରେ ହାବେଲୀଠାରେ ବେପାର ହେଉଥିବା ଖବର ପାଇଥିଲା ପୁଲିସ । ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଚଢଉ କରି ଆଦର୍ଶ ଥାନା ଅନ୍ତର୍ଗତ ଶ୍ରୀବିହାର ର ଗଣେଷ ପ୍ରଧାନ ଓରଫ୍ ବୁବୁ(୩୫), ଚନ୍ଦକା ଥାନା ମେଣ୍ଢାଶାଳ ହରିଡାମଡା ର ବିକାଶ ବେହେରା ଓରଫ୍ ବିକି (୨୫), ଶିଳ୍ପାଂଚଳ ଥାନା ମୁକୁନ୍ଦପ୍ରସାଦ ଜେନାସାହି ର ନବଘନ ଜେନା (୪୧) , ଗଡଖୋର୍ଦ୍ଧା ସଡକ ସାହି ର ସର୍ବେଶ୍ୱର ଶ୍ରୀଚନ୍ଦନ ଓରଫ୍ ମଙ୍ଗୁ ଏବଂ ମୁକୁନ୍ଦପ୍ରସାଦ ମୁସଲିମ୍ ସାହି ର ମାହାରୁଦ୍ଦିନ ଖାନ୍ ଓରଫ ମୁନା (୪୫) କୁ ପୁଲିସ ଗିରଫ କରିଛି । ସେମାନଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗର ଜବତ କରିଛି । ଏହି ଘଟଣାରେ ଗିରଫ ମାନଙ୍କୁ ୨୫୯/୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

# ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଆବେଦନ ଖାରଜ

କଟକ,(ସବ୍ୟୁ): ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ପକ୍ଷରୁ ତାଙ୍କ ଘରେ ସିବିଆଇ ଚଢ଼ଉକୁ ବିରୋଧ କରି ରୁଜୁ ମାମଲାକୁ ହାଇକୋର୍ଟ ଶୁକ୍ରବାର ଖାରଜ କରି ଦେଇଛନ୍ତି । ବର୍ତ୍ତମାନ ତଦନ୍ତ ପ୍ରାଥମିକ ଅବସ୍ଥାରେ ରହିଛି । ଏଭଳି କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରି ତଦନ୍ତ ପ୍ରକ୍ରିୟାକୁ ବନ୍ଦ କରିପାରିବେ ନାହିଁ । ତେଣୁ ତଦନ୍ତ ପ୍ରକ୍ରିୟାକୁ ଚାଲୁ ରଖିବା ଲାଗି ହାଇକୋର୍ଟ ଶ୍ରୀ ସେଠୀଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ଏଥିସହ ଶ୍ରୀ ସେଠୀ ଏବଂ ତାଙ୍କ ପରିବାରକୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ହଟିଯାଇଛି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ବିଷ୍ଣୁପଦ ସେଠୀଙ୍କ ଗିରଫ ଆଶଙ୍କା ବଢ଼ିଯାଇଛି । ବିଷ୍ଣୁପଦ ସେଠୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଜି ଏହି ରାୟ ଦେଇଛନ୍ତି ।

# ଏଚ୍‌ପିଭି ଜନୀତ କ୍ୟାନସରକୁ ରୋକିବ ଟୀକା

ଭୁବନେଶ୍ୱର,(ସବ୍ୟୁ): ମୁଣ୍ଡ ଓ ଗଳା କ୍ୟାନସର ତଥା ଉଠିଲେ ଆମେ ସାଧାରଣତଃ ତମାଖୁ ସେବନ ଏବଂ ମଦ୍ୟପାନ କାରଣ ଭାବେ ଦର୍ଶାଇ ଥାଉ । ତେବେ ଏହାବାଦ ଏହାର ଅନ୍ୟ ଏକ କାରଣ ଭାବେ ଦେଖାଦେଇଛି ହ୍ୟୁମାନ ପାପିଲୋମା ଭାଇରସ କିମ୍ବା (ଏଚପିଭି) । ଏହା ସାଧାରଣତଃ ମହିଳାମାନଙ୍କର ଜରାୟୁ କ୍ୟାନସର ସହିତ ଜଡିତ ବୋଲି କୁହାଯାଏ । କିନ୍ତୁ ଏହା ବର୍ତ୍ତମାନ ମୁଣ୍ଡ ଓ ଗଳା କ୍ୟାନସର ବିଶେଷ କରି ଓରୋଫେରିଞ୍ଜିଆଲ କ୍ୟାନସର (ମୁଣ୍ଡ ଓ ଗଳା ମଧ୍ୟର) ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ ହୋଇଛି । ଉଦ୍‌ବେଗର ବିଷୟ ଯେ ଏବେ ଭାରତୀୟ ପୁରୁଷମାନଙ୍କ ମଧ୍ୟରେ ଏହି କ୍ୟାନସର ହାର ଦ୍ରୁତଗତିରେ ବୃଦ୍ଧି ପାଉଛି । ଏଚ୍‌ପିଭି ଏକ ଭାଇରସ୍ ଯାହା ମୁଖ୍ୟତଃ ଯୌନ ସମ୍ପର୍କ ଦ୍ୱାରା ଚର୍ମ ସଂସ୍ପର୍ଶ ମାଧ୍ୟମରେ ସଂକ୍ରମିତ ହୁଏ । ଏହା କ୍ଷତିଗ୍ରସ୍ତ କୋଷ ବଦଳ ସୃଷ୍ଟି କରେ । ଯାହା କ୍ରମେ କ୍ୟାନସରରେ ପରିଣତ ହୁଏ । ଏଚ୍‌ପିଭି ମୁଖ ଓ ଗଳା ଅଞ୍ଚଳର ମ୍ୟୁକୋଷା ସ୍ତରରେ ସଂକ୍ରମିତ ହୋଇଥାଏ । ବର୍ଷ ବର୍ଷ ଧରି ତମାଖୁ ସେବନ ଦ୍ୱାରା ତମାଖୁ ଜନୀତ କ୍ୟାନସର ହୋଇଥାଏ ମାତ୍ର କେବେ ତମାଖୁ କିମ୍ବା ମଦ୍ୟ ପାନ କରିନଥିବା ମଧ୍ୟ ଏଚ୍‌ପିଭି କ୍ୟାନସର ହୋଇଥିବା ଦେଖାଯାଏ । ଏଚ୍‌ପିଭି ଟୀକା ନେବା ଦ୍ୱାରା ଏହି ସମସ୍ୟା ରୋକାଯାଇ ପାରେ । ତେବେ ଏହାର ଲକ୍ଷଣ ହେଲା ଏହି କ୍ୟାନସର ଆରମ୍ଭ ହେବା ବେଳେ ଯଦ୍ଦୁଓ ଜଣାପଡିନଥାଏ ତେବେ ଗଳାରେ କିଛି ଅଟକିବା ଭଳି ସମସ୍ୟା, ସ୍ୱର ପରିବର୍ତ୍ତନ, ଗାଳ ଫୁଲିବା, ଓଜନ କମିବା, କାନ ଯନ୍ତ୍ରଣା ଆଦି । ଶାରୀରିକ ପରୀକ୍ଷା, ସିଟି ସ୍କାନ୍, ବାଏସ୍ପି ଦ୍ୱାରା ଏହାର ନିଦାନ କରାଯାଇପାରେ । ଏଚ୍‌ପିବି ଟୀକାକୁ ଉଭୟ ପୁରୁଷ ଓ ମହିଳା ନେଲେ ଏହା ଦ୍ୱାରା ଏହି କ୍ୟାନସରକୁ ରୋକାଯାଇପାରିବ । ପୁରୁଷ, ପିଲା ଓ କିଶୋରୀଙ୍କ ପାଇଁ ଏହି ଟୀକା ନେବା ଜରୁରୀ ବୋଲି କହିଛନ୍ତି ଏଚ୍‌ସିଜି । କ୍ୟାନସର ସେଣ୍ଟରର ସିନିୟର କନସଲଟାଣ୍ଟ ମେଡିକାଲି ଅଙ୍କୋଲୋଜି ଡ. ଗୋପାଳ ମହାନ୍ତି ।

# ନିରଞ୍ଜନ ରଥଙ୍କ ବିୟୋଗରେ 'ସମୟ'ର ଶୋକ

ଭୁବନେଶ୍ୱର,(ସବ୍ୟୁ): 'ସମାଜ'ର ପୂର୍ବତନ ସମ୍ପାଦକ ଓ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ସମାଜ ରିଲିଫ ପାଣ୍ଠି ଜରିଆରେ ମହାବାତ୍ୟା ଓ ବନ୍ୟା ସମୟରେ ବିପନ୍ନ ଲୋକଙ୍କୁ ସାହାଯ୍ୟ କରି ଆସୁଥିଲେ । ତାଙ୍କର ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ମହାପାତ୍ର ସମବେଦନା ଜ୍ଞାପନ କରିଛନ୍ତି ।

## ଓପିଜିସିକୁ ଡିଜିଟାଲ୍ ଟେକ୍ନୋଲୋଜି କ୍ଷେତ୍ରରେ

# ନେତୃତ୍ୱ ପାଇଁ ଇକୋନୋମିକ ଟାଇମ୍ସ ରୌପ୍ୟ ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ଏକ ଐତିହାସିକ ସଫଳତା ସ୍ୱରୂପ, ଓଡିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍(ଓପିଜିସି)କୁ ଟେକ୍ନୋଲୋଜି କ୍ଷେତ୍ରରେ ନେତୃତ୍ୱ ପାଇଁ ଇକୋନୋମିକ ଟାଇମ୍ସ ରୌପ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ୧୯ ଜୁନ୍, ୨୦୨୫ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଦେଶର ପ୍ରମୁଖ ସରକାରୀ ଉଦ୍ୟୋଗମାନେ ଯୋଗଦେଇଥିଲେ, ଯେଉଁଥିରେ ଭାରତର ୫୦ରୁ ଅଧିକ ପ୍ରମୁଖ ସରକାରୀ ଉଦ୍ୟୋଗ ମାନଙ୍କ ସହିତ ପ୍ରତିଯୋଗିତା କରି ଓପିଜିସି ନବୀକରଣ ଏବଂ ପରିଚାଳନା ଉତ୍କର୍ଷର ପ୍ରତୀକ ଭାବେ ଏହି ରୌପ୍ୟ ପୁରସ୍କାର ପ୍ରାପ୍ତ କରିଛି । ଓପିଜିସିର ଅଗ୍ରଣୀ ଡିଜିଟାଲ୍ ପଦକ୍ଷେପଗୁଡ଼ିକ ଏହାକୁ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ଭାବେ ସ୍ଥାପିତ କରିଛି । ପୁରସ୍କାର ଜୁରି ଓପିଜିସିକୁ ରିଅଲ୍-ଟାଇମ୍ ଆନାଲିଟିକ୍ସ ପ୍ଲାଟଫର୍ମ୍




ଏବଂ ଉନ୍ନତ ପ୍ରକ୍ରିୟା ଅଟୋମେସନ୍ ଭଳି ପରିବର୍ତ୍ତନକାରୀ ଟେକ୍ନୋଲୋଜିର ଉପଯୋଗ ଦ୍ୱାରା ପ୍ଲାଣ୍ଟ ପରିଚାଳନାକୁ ନୂତନ ସ୍ତରକୁ ନେବା ଏବଂ ଦକ୍ଷତାରେ ଉଲ୍ଲେଖନୀୟ ବୃଦ୍ଧି କରିଥିବା ଯୋଗୁଁ ଏହି ପୁରସ୍କାରରେ ସମ୍ମାନିତ କରିଛି । ଏହି ଆଧୁନିକ ଟେକ୍ନୋଲୋଜି କାର୍ଯ୍ୟକାରୀ କରିବା ଫଳରେ କେବଳ ଓପିଜିସି ର ପରିଚାଳନା ସୁବିଧାଜନକ ହୋଇଛି ତାହା ନୁହେଁ, ବରଂ ସଂସ୍ଥାରେ ନୂତନ ମାନକ ସ୍ଥାପିତ ହୋଇଛି । ରିଅଲ-ଟାଇମ୍ ଡାଟା ଏବଂ ଅଟୋମେସନ୍ ଶକ୍ତି ବ୍ୟବହାର କରି ଓପିଜିସି ଦେଖାଇଛି ଯେ ଡିଜିଟାଲ୍ ନବୀକରଣ ଦ୍ୱାରା ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ଏବଂ ପରିଚାଳନାଗତ ଉତ୍କର୍ଷତା କିପରି ବଢ଼ିପାରେ । ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ, ପରିଚାଳନା ନିର୍ଦ୍ଦେଶକ କେଦାରରଞ୍ଜନ ପାଣ୍ଡୁ,, ନିର୍ଦ୍ଦେଶକ(ଅପରେସନ) ଶ୍ରୀ ଏ.ଆର. ଦାଶ, ଏବଂ ବରିଷ୍ଠ ଉପାଧ୍ୟକ୍ଷ ସୁକାନ୍ତ ମହାପାତ୍ର, ଓପିଜିସିର ସଭିଙ୍କୁ ହୃଦୟପୂର୍ବକ ଅଭିନନ୍ଦନ ଜଣାଇଛନ୍ତି । ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ଓପିଜିସି ତରଫରୁ ପୁରସ୍କାର ଗ୍ରହଣ କରିଥିଲେ ଜେନେରାଲ ମ୍ୟାନେଜେର (ଅପେରସନ) ସୁଧାକର ସ୍ୱାଇଁ ଏବଂ ମ୍ୟାନେଜେର (ଇଞ୍ଜିନିୟରିଂ) ପ୍ରଭୁପାଦ ଆଚାର୍ଯ୍ୟ । ଏହି ଜାତୀୟ ସମ୍ମାନ ଓପିଜିସି ର ଉନ୍ନତି ପାଇଁ ଡିଜିଟାଲ୍ ଟେକ୍ନୋଲୋଜି ବ୍ୟବହାରର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି ଏବଂ ଅନ୍ୟ ସରକାରୀ ଉଦ୍ୟୋଗମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି ।

## ସ୍କ୍ରାପ୍ କଳାକୃତି ପ୍ରତିଯୋଗିତାରେ ବେଦାନ୍ତ ଲାଞ୍ଜିଗଡ଼ ଚାମ୍ପିଅନ୍

# ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ

ଭୁବନେଶ୍ୱର,(ସବ୍ୟୁ): ଭାରତର ଅଗ୍ରଣୀ ସ୍ମେଲ୍ଟର-ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ଅଂଶ ବେଦାନ୍ତ ଲାଞ୍ଜିଗଡ ନିକଟରେ ଶିଳ୍ପସଂସ୍ଥାରୁ ବାହାରୁଥିବା ସ୍କ୍ରାପକୁ ଆକର୍ଷଣୀୟ କଳାକୃତୀରେ ପରିଣତ କରିବା ପାଇଁ



ଏକ ଅନନ୍ୟ ସ୍କ୍ରାପ୍ ଆର୍ଟ ଚମତ୍କାରକ ପ୍ରତିଯୋଗିତା ଆୟୋଜନ କରିଥିଲା । ନବସୃଜନ, ସ୍ଥିରତା ଏବଂ ଦଳଗତ କାର୍ଯ୍ୟର ଏହି ଜୀବନ୍ତ ଉତ୍ସବ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରଙ୍କୁ ନେଇ ଆୟୋଜିତ ହୋଇଥିବାବେଳେ ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ, କଳ୍ପନା ଏବଂ ସହଯୋଗର ଉତ୍ସାହୀ ପ୍ରଦର୍ଶନରେ ପରିଣତ ହୋଇଥିଲା ।

କର୍ମସ୍ଥଳକୁ ଉନ୍ନତ କରିବା ପାଇଁ ଦଳଗୁଡ଼ିକ ଦୈନନ୍ଦିନ ଶିଳ୍ପ ବର୍ଜ୍ୟକୁ ଆକର୍ଷଣୀୟ କଳାକୃତିରେ ପରିଣତ କରିଥିଲେ । ପ୍ରତ୍ୟେକ ସୃଷ୍ଟି ବେଦାନ୍ତର ସମ୍ପଦ ଉତ୍ତମିକରଣ, ସୃଜନଶୀଳ ଚିନ୍ତାଧାରା ଏବଂ ସ୍ଥିରତାର ମୂଳ ମୂଲ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ।

ବେଦାନ୍ତ ଆଲୁମିନା ବ୍ୟବସାୟ, ଲାଞ୍ଜିଗଡ଼ ସିଇଓ, ପ୍ରଣବ ଭଟ୍ଟାଚାର୍ଯ୍ୟ କହିଥିଲେ । ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ନବସୃଜନ ସେତେବେଳେ ସଫଳ ହୁଏ ଯେତେବେଳେ ଆମର ଲୋକମାନେ ଭିନ୍ନ ଭାବରେ ଚିନ୍ତା କରିବାକୁ ସଶକ୍ତ ହୁଅନ୍ତି । ଏହି ପଦକ୍ଷେପ କେବଳ ଆମର ଦଳଗୁଡ଼ିକୁ ଏକାଠି କରିନାହିଁ ବରଂ କଳ୍ପନାଶୀଳ ସମସ୍ୟାର ସମାଧାନ ଏବଂ ସ୍ଥାୟୀ ଚିନ୍ତାଧାରାର ଏକ ସଂସ୍କୃତିକୁ ମଧ୍ୟ ଉଦ୍ରେକ କରିଛି ।

କଳା ପ୍ରତିଯୋଗିତା ବ୍ୟତିରକେ ଏହି କାର୍ଯ୍ୟକ୍ରମ ଆନ୍ତଃବିଭାଗୀୟ ସହଯୋଗକୁ ସୁଦୃଢ଼ କରିବା ଏବଂ ବର୍ଜ୍ୟରୁ ସମ୍ପଦ ଅଭ୍ୟାସକୁ ନେଇ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଜଭୁତ ମଞ୍ଚ ଭାବେ କାର୍ଯ୍ୟ କରିଥିଲା । ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଏକ ପ୍ରଗତିଶୀଳ, ଭବିଷ୍ୟତ ପାଇଁ ପ୍ରସ୍ତୁତ କାର୍ଯ୍ୟସ୍ଥଳୀ ସୃଷ୍ଟି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ବିପର୍ଯ୍ୟସ୍ତ ନାରୀ ସୁରକ୍ଷାକୁ ନେଇ କଂଗ୍ରେସର ଅନଶନ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବାର ଏକ ବର୍ଷ ମଧ୍ୟରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମସୀମାରେ ପହଞ୍ଚିଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ପୂର୍ବ ସରକାର ସମୟରେ ଦିନକୁ ୭ ଜଣ ମହିଳା ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ବିଗତ ୧ ବର୍ଷ ଭିତରେ ତାହା ବିପଦଜନକ ଭାବେ ବୃଦ୍ଧିପାଇ ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଶୁକ୍ରବାର ମୋଦିଙ୍କ ଓଡ଼ିଶା ଆଗମନ ଓ ସବୁକ୍ଷେତ୍ରରେ ବିଫଳ ହୋଇଥିବା ମୋହନ ମାଝୀଙ୍କ ସରକାରକୁ ଜାଲି ସାର୍ଟିଫିକେଟ ଦେଇ ତୁଚ୍ଛା ବାହାବାହା ନେବାର ପ୍ରୟାସକୁ ପ୍ରଦେଶ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଅନଶନ ମାଧ୍ୟମରେ ବିରୋଧ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ ଟାରୁ ସଂଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟରେ ବସିଥିଲେ। ପିସିସି ସଭାପତି କହିଥିଲେ ଯେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ଗୋପାଳପୁର ଠାରେ ଘଟିଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା ସମଗ୍ର ଦେଶରେ ଲଜ୍ଜାଜନକ । କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଛି । ବାରିପଦା ଠାରେ ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିବା ଭଳି ଘଟଣା ପ୍ରମାଣିତ କରୁଛି ଯେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡ଼ି ଯାଇଛି। କେନ୍ଦ୍ରାପଡ଼ା ଠାରେ ଜଣେ ଯୋଗଶିକ୍ଷକଙ୍କୁ ଦୁଷ୍କର୍ମ



କରାଯାଇଛି । ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଗୃହ ବିଭାଗ ଏହାକୁ ନିୟନ୍ତ୍ରଣକୁ ଆଣିବାରେ ସଂପୂର୍ଣ୍ଣ ଭାବରେ ବିଫଳ ହୋଇଛନ୍ତି। ରାଜ୍ୟରେ ମା' ମାନଙ୍କର ସୁରକ୍ଷା ଆଜି ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶାର ଯାଜପୁର ସମେତ ୪ଟି ଜିଲ୍ଲାରେ ଦୂଷିତ ପାଣି ଯୋଗୁଁ ହଇଜା ମହାମାରୀ ବ୍ୟାପି ୨୪ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଏବଂ ୫ ହଜାରରୁ ଅଧିକ ଲୋକ ଏ ମହାମାରୀର ଶିକାର ହୋଇଛନ୍ତି । ଦଳ ତରଫରୁ ଶାନ୍ତିପୂର୍ଣ୍ଣ ଉପାୟରେ ଅନଶନ ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ ଯୁବ କଂଗ୍ରେସ ସଭାପତି ଏବଂ ଯୁବ ଓ ଛାତ୍ର କଂଗ୍ରେସର ଶହଶ୍ରାଧିକ କାର୍ଯ୍ୟକର୍ତ୍ତାଙ୍କୁ ରାତି ଅଧିଆ ଗିରଫ କରି ଅନଶନ ଧର୍ମଘଟରେ ସାମିଲ ହେବାକୁ ରୋକିବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଡରୁଆ ବିଜେପି ସରକାରର ହୀନମନ୍ୟତାକୁ ପଦାରେ ପକାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଲଲ୍ଲୁ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀ, ସମୀର ରାଉତରାୟ, ଅମରନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ସିଦ୍ଧାର୍ଥ ସ୍ୱରୂପ ଦାଶ, ପଞ୍ଚାନନ କାନୁନଗୋ, ସୁଜିତ ପାଢ଼ୀ, ଯଶୋବନ୍ତ ସିଂ ଲାଗୁରି, ସୁଧାଂଶୁ ଶେଖର ଦେଓ, ରାଜେଶ ମିଶ୍ର, ନଗେନ୍ଦ୍ର ପ୍ରଧାନ, ଉଦିତ ପ୍ରଧାନ, ମନୋରଞ୍ଜନ ଦାଶ, ମାନସ ରଞ୍ଜନ ଆଚାର୍ଯ୍ୟ, ଅରବିନ୍ଦ ଦାସ, ଦେବାଶିଷ ନାୟକ, ବନ୍ଦିତା ପରିଡ଼ା, ଇଂ ମାନସ ନାୟକ, ରାଜୀବ ପଟ୍ଟନାୟକ, ବିଜୟାନନ୍ଦ ଚାଉଳିଆ, ଅନିମା ମିଞ୍ଜ, ମୁଧୁସ୍ମିତା ଆଚାର୍ଯ୍ୟ, ପ୍ରକାଶ ଜେନା, ସୋନାଲି ସାହୁ, ଶାନ୍ତନୁ ସାହୁ, ରଜନୀ ମହାନ୍ତି, ଦୀପକ ମହାପାତ୍ର, ମାନସ ମଲ୍ଲିକ, ନଟବର ବାରିକ, ମନୀଷା ଦାସ ପଟ୍ଟନାୟକ, ସମସିଦା ତୟାବ, ଏମଡି ଶାହାଦୁଲ୍ଲା, କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଗିରଫ




କୋଲକାତା : ପଶ୍ଚିମବଙ୍ଗରେ ବିଜେପି ରାଜ୍ୟ ସଭାପତି ତଥା କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାରଙ୍କୁ ଶୁକ୍ରବାର ପୁଲିସ ହେପାଜତକୁ ନେଇଛି । ତାଙ୍କୁ ଲାଲବଜାର ପୁଲିସ ମୁଖ୍ୟାଳୟର ହାଜତକୁ ନିଆଯାଇଛି । ଏହି ଘଟଣା କେବଳ ରାଜନୈତିକ କରିଡରରେ ହଇଚଇ ସୃଷ୍ଟି କରିଛି ତାହା ନୁହେଁ, ବରଂ ବିଜେପି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ମଧ୍ୟ ବୃଦ୍ଧି ପାଇଛି । ଘଟଣାଟି ଶୁକ୍ରବାର ସକାଳେ ଆରମ୍ଭ ହୋଇଥିଲା, ଯେତେବେଳେ ସୁକାନ୍ତ ମଜୁମଦାର ବିଜେପି ଦ୍ୱାରା ଆୟୋଜିତ 'ପଶ୍ଚିମବଙ୍ଗ ଦିବସ' କାର୍ଯ୍ୟକ୍ରମ ପାଇଁ ଏକ ବାଇକ୍ ଯୋଗେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଘର ଆଡ଼କୁ ଯାଉଥିଲେ । ତେବେ ପୁଲିସ ତାଙ୍କୁ ବାଟରେ ଅଟକାଇଲା ଏବଂ ଆଗକୁ ଯିବାକୁ ଅନୁମତି ଦେଲା ନାହିଁ ।ଏହା ସତ୍ତ୍ୱେ, ସୁକାନ୍ତ ତାଙ୍କ ବାଇକରେ ଏକା ଆଗକୁ ଯାଇଥିଲେ । କାର୍ଯ୍ୟକ୍ରମ ପରେ, ସେ ପ୍ରସିଦ୍ଧ ଡାକ୍ତର ରଜତ ଶୁଭ୍ରା ବାନାର୍ଜୀଙ୍କୁ ଭେଟିବାକୁ ବାହାରିଗଲେ, କିନ୍ତୁ ଅପରାହ୍ନରେ, ପୁଲିସ ତାଙ୍କୁ ପୁଣି ଥରେ ହରିଶ ମୁଖାର୍ଜୀ ରାସ୍ତାରେ ଅଟକାଇଲା । କୁହାଯାଉଛି ଯେ ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିଦେଶ ଗସ୍ତ ସମୟରେ ଅନୁଷ୍ଠିତ ଏକ ସଭାରେ ଡକ୍ଟର ବାନାର୍ଜୀ ତାଙ୍କୁ ରାଜ୍ୟର ଅବସ୍ଥା ସଂପର୍କରେ କେତେକ ପ୍ରଶ୍ନ ପଚାରିଥିଲେ । ଏହାକୁ ନେଇ ପୁଲିସ ଡାକ୍ତର ବାନାର୍ଜୀଙ୍କୁ ହଇରାଣ କରୁଥିବା ବିଜେପି ଅଭିଯୋଗ କରିଛି ।ତାଙ୍କୁ ଆଜି ଭେଟିବାକୁ ଯିବାବେଳେ କେନ୍ଦ୍ରମନ୍ତ୍ରୀଙ୍କୁ ପୁଲିସ ଗିରଫ କରିଥିଲା ।

# ଇରାନରୁ ଫେରୁଛନ୍ତି ୧୦୦୦ ଭାରତୀୟ

## ଯୁଦ୍ଧ ପରିସ୍ଥିତି ଭିତରେ ଏୟାରବେସ୍ ଖୋଲିଲା ଇରାନ

ନୂଆଦିଲ୍ଲୀ: ଇରାନରୁ ଭାରତ ଫେରିବେ ହଜାରେ ଭାରତୀୟ ନାଗରିକ । ଇରାନ-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉଗ୍ର ରୂପ ନେଉଥିବା ବେଳେ ଇରାନରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ଇରାନରୁ ୧୦୦୦ ଭାରତୀୟ ଭାରତ ଅଭିମୁଖେ ଯାତ୍ରା କରିବେ । ଆଜି ରାତିରେ ଏହି ଭାରତୀୟମାନେ ଦିଲ୍ଲୀରେ ଆସି ପହଞ୍ଚିବେ । ଏଥିପାଇଁ ଇରାନ ସାମୟିକ ସମୟ ପାଇଁ ନିଜର ଏୟାର ବେସ୍ ଖୋଲା ରଖିଛି । ଇସ୍ରାଏଲ ଆକ୍ରମଣ ପରେ ନିଜ ଏୟାରବେସ୍ ବନ୍ଦ ରଖିଥିଲା ଇରାନ ।



ତେବେ ଇରାନ ଏବଂ ଇସ୍ରାଏଲରେ ଥିବା ଭାରତୀୟଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବାକୁ ଭାରତ ଅପରେସନ ସିନ୍ଧୁ ଆରମ୍ଭ କରିଥିବା ବେଳେ ଏହାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଗତକାଲି ତେହେରାନରୁ ପ୍ରଥମ ପର୍ଯ୍ୟାୟରେ ୧୧୦ ଭାରତୀୟଙ୍କୁ ଉଦ୍ଧାର କରି ଏକ ବିମାନ ନୂଆଦିଲ୍ଲୀକୁ ଅଣାଯାଇଥିଲା । ଆଉ ଭାରତ ମାଟିରେ ପାଦ ଦେବା ପରେ ଭାରତ ସରକାରଙ୍କୁ ଧନ୍ୟବାଦ ଦେବା ସହ ଭାରତୀୟ ବୋଲି ନିଜକୁ ଗର୍ବ କରି ଇରାନର ଯୁଦ୍ଧ ପରିସ୍ଥିତି ବାବଦରେ ବଖାଣିଥିଲେ ଇରାନରେ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀ ।

ଭାରତ ଫେରିଥିବା ଜଣେ ଏମବିବିଏସ ଛାତ୍ରୀ କହିଛନ୍ତି- ଆମେ ଆମ ଦେଶକୁ ଫେରି ଆସି ବହୁତ ଖୁସି । ସେଠାରେ ପରିସ୍ଥିତି ବହୁତ ଖରାପ । ଇରାନ ଉପରେ କେମିତି କ୍ଷେପଣାସ୍ତ୍ର ମାଡ ହେଉଥିଲା ଏବଂ କେମିତି ତାକୁ ପ୍ରତିରୋଧ କରାଯାଉଥିଲା ସେସବୁ ଆମେ ନିଜ ଆଖିରେ ଦେଖିଛୁ । ଆମକୁ ସେଠାରୁ ମୁକୁଳାଇ ଆଣିଥିବାରୁ ଆମେ ସରକାରଙ୍କ ନିକଟରେ କୃତଜ୍ଞ ।

# ଇରାନରେ ପହଞ୍ଚିଲା ଚୀନର ୩ଟି ରହସ୍ୟମୟ ବିମାନ

ତେହେରାନ: ଦିନକୁ ଦିନ ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଘମାଘୋଟ ରୂପ ନେଉଛି । ଏହି ଯୁଦ୍ଧରେ ଆମେରିକା ଯୋଗ ଦେବାର ଆଶଙ୍କା ମଧ୍ୟରେ ଚୀନ ଓ ରୁଷ ଇରାନକୁ ଗୋପନରେ ସହାୟତା କରୁଛନ୍ତି । ଚୀନ ପକ୍ଷରୁ ତେହେରାନକୁ ଗୋପନରେ ଅସ୍ତ୍ରଶସ୍ତ୍ର ଦିଆଯାଉଥିବା ସଂଦେହ କରାଯାଉଛି । ଏଥିପାଇଁ ଚୀନର ୩ଟି କାର୍ଗୋ ବିମାନ ଗୋପନରେ ତେହେରାନରେ ଓହ୍ଲାଇଛି । ଏହି ବିମାନଗୁଡ଼ିକରେ କଣ ଥିଲା ତାହା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । ଏପରି ପରିସ୍ଥିତିରେ, ଚୀନ୍ ଇରାନକୁ ଅସ୍ତ୍ରଶସ୍ତ୍ର କିମ୍ବା ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଯଦିଓ ଏହି ବିମାନଗୁଡ଼ିକର ରୁଟ୍ ସାଂଘାଇ ଇତ୍ୟାଦିରୁ ଲକ୍ସେମବର୍ଗକୁ ଥିଲା, କିନ୍ତୁ ମଝି ଆକାଶରେ ଏହି ବିମାନଗୁଡ଼ିକ ସେମାନଙ୍କର ଟ୍ରାନ୍ସପଣ୍ଡର ଏବଂ ସେନ୍ସରଗୁଡ଼ିକୁ ବନ୍ଦ କରି ଇରାନ ଆକାଶ ସୀମାରେ ପହଞ୍ଚିଥିଲେ, ଯଦ୍ୱାରାକି ଏହାକୁ ଅନ୍ୟମାନେ ଠାବ କରିପାରିବେ ନାହିଁ ।

ଏହି ବିମାନଗୁଡ଼ିକରେ କଣ ଥିଲା ତାହା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁଛ ଏପରି ପରିସ୍ଥିତିରେ, ଚୀନ୍ ଇରାନକୁ ଅସ୍ତ୍ରଶସ୍ତ୍ର କିମ୍ବା ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଇସ୍ରାଏଲ-ଇରାନ ଯୁଦ୍ଧରେ ସାମିଲ ନହେବା ପାଇଁ ରୁଷ ରାଷ୍ଟ୍ରପତି ପୁଟିନ ଆମେରିକା ରାଷ୍ଟ୍ରପତିଙ୍କୁ ଚେତାବନୀ ଦେଇଛନ୍ତି । ପୁଟିନ କହିଛନ୍ତି ଯେ ଯଦି ଆମେରିକା ଯୁଦ୍ଧରେ ଲମ୍ଫ ଦିଏ, ତେବେ ରୁଷ (ଏବଂ ଚୀନ୍) ମଧ୍ୟ ଇରାନକୁ ସିଧାସଳଖ ସମର୍ଥନ କରିବେ । ଇସ୍ରାଏଲ-ଇରାନ ଯୁଦ୍ଧରେ ସାମିଲ ନହେବା ପାଇଁ ରୁଷ ରାଷ୍ଟ୍ରପତି ପୁଟିନ ଆମେରିକା ରାଷ୍ଟ୍ରପତିଙ୍କୁ ଚେତାବନୀ ଦେଇଛନ୍ତି । ପୁଟିନ କହିଛନ୍ତି ଯେ ଯଦି ଆମେରିକା ଯୁଦ୍ଧରେ ଲମ୍ଫ ଦିଏ, ତେବେ ରୁଷ (ଏବଂ ଚୀନ୍) ମଧ୍ୟ ଇରାନକୁ ସିଧାସଳଖ ସମର୍ଥନ କରିବେ ।

# ପାକିସ୍ତାନକୁ ଇରାନର କଡ଼ା ଚେତାବନୀ

ତେହେରାନ : ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଇରାନ ପରୋକ୍ଷରେ ପାକିସ୍ତାନକୁ ଚେତାବନୀ ଦେଇଛି । ନୂଆଦିଲ୍ଲୀରେ ଇରାନ ଦୂତାବାସର ଡେପୁଟି ମିଶନ ମୁଖ୍ୟ ଜାଭେଦ ହୁସେନି ଶୁକ୍ରବାର କହିଛନ୍ତି ଯେ ଯଦି କୌଣସି ତୃତୀୟ ପକ୍ଷ ଏହି ସଂଘର୍ଷରେ ସାମିଲ ହୁଏ, ତେବେ ତାକୁ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ ।



ହ୍ୱାଇଟ୍ ହାଉସରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ସାକ୍ଷାତ ଉପରେ ତାଙ୍କୁ ପ୍ରଶ୍ନ କରାଯିବା ସମୟରେ ଏହି ବିବୃତ୍ତି ଆସିଥିଲା । ହୁସେନି କହିଥିଲେ, ଆମେ ଚେତାବନୀ ଦେଉଛୁ ଯେ ଯଦି କୌଣସି ତୃତୀୟ ପକ୍ଷ ଏହି ଯୁଦ୍ଧରେ ସାମିଲ ହୁଏ, ତେବେ ଏହାର ଗମ୍ଭୀର ପରିଣାମ ହେବ । ଇରାନୀ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ସେମାନେ ଅସୀମ ମୁନିରଙ୍କ ସାମ୍ପ୍ରତିକ ଆମେରିକା ଗସ୍ତକୁ ଲକ୍ଷ୍ୟ କରିଛନ୍ତି । କିଛି ସପ୍ତାହ ପୂର୍ବରୁ ସେ ଇରାନ ଗସ୍ତ କରିଥିଲେ ଏବଂ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନିଙ୍କୁ ଭେଟିଥିଲେ ଏବଂ ଏବେ ସେ ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ଭେଟିଛନ୍ତି ।

ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଯାଉଛି ଯେ ଇରାନର ପଡ଼ୋଶୀ ପାକିସ୍ତାନ ପ୍ରକୃତରେ କେଉଁ ପକ୍ଷରେ ଠିଆ ହୋଇଛି – ତେହେରାନ ନା ୱାଶିଂଟନ? ଭାରତ ସହ କୌଣସି ମନୋମାଳିନ୍ୟ ନାହିଁ ବୋଲି ପ୍ରକାଶ କରି ସେ କହିଛନ୍ତି ଯେ ତେହେରାନ ଭବିଷ୍ୟତରେ ଭାରତଠାରୁ ଉତ୍ତମ ବୁଝାମଣା ଏବଂ ସହଯୋଗ ଆଶା କରେ ।

## ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ

# ବିଶାଖାପାଟଣାରୁ ନେତୃତ୍ୱ ନେବେ ମୋଦି

ନୂଆଦିଲ୍ଲୀ: ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ) ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛିଛ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଜାତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ମୁଖ୍ୟ ସ୍ଥାନରେ ୩ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ସାଧାରଣ ଯୋଗ ପ୍ରୋଟୋକଲ (ସିୱାଇପି) ପ୍ରଦର୍ଶନ କରିବେଛ ତାଙ୍କ ସହିତ ଭାରତର ବିଶ୍ୱ ସୁସ୍ଥତା ଦୃଷ୍ଟିକୋଣର ଏହି ବିଶାଳ ପ୍ରଦର୍ଶନରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଆୟୁଷ) ପ୍ରତାପରାଓ ଜାଧବ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଯୋଗଦେବେ ।

ପ୍ରଧାନମନ୍ତ୍ରୀ ବିଶାଖାପାଟଣାର ନିର୍ଦ୍ଧାରିତ ସ୍ଥାନରେ ୩ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ସାଧାରଣ ଯୋଗ ପ୍ରୋଟୋକଲ (ସିୱାଇପି) ପ୍ରଦର୍ଶନ କରିବେ, ଯାହା 'ଯୋଗ ସଙ୍ଗମ' ପଦକ୍ଷେପ ଅଧୀନରେ ଦେଶର ୧୦ ଲକ୍ଷରୁ ଅଧିକ ସ୍ଥାନ ସହିତ ସମନ୍ୱୟ ରକ୍ଷା କରିବ । ଏହି ସାମୂହିକ ପ୍ରଦର୍ଶନ ସକାଳ ୬ ଟା ୩୦ ମିନିଟରୁ ସକାଳ ୭ ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଏଥିରେ ଦେଶର ସମସ୍ତ କୋଣ-ଅନୁକୋଣରୁ ଅଭୂତପୂର୍ବ ସମାବେଶର ଆଶା କରାଯାଉଛି । ଏକ ଅଭୂତପୂର୍ବ ସମାବେଶରେ, ରାଜ୍ୟର ୧ ଲକ୍ଷରୁ ଅଧିକ ସ୍ଥାନରେ ୨ କୋଟିରୁ ଅଧିକ ଲୋକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି । ଆନ୍ଧ୍ରପ୍ରଦେଶ ସରକାର ଏହି ଉତ୍ସବକୁ ପାଳନ କରିବା ପାଇଁ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ପ୍ରୟାସ ମଧ୍ୟ କରୁଛନ୍ତି । ଏହା ସହିତ ଆନ୍ଧ୍ରପ୍ରଦେଶ ସରକାର ପଞ୍ଜୀକୃତ ଅଂଶଗ୍ରହଣକାରୀଙ୍କୁ ୫୦ ଲକ୍ଷରୁ ଅଧିକ ଯୋଗ ପ୍ରମାଣପତ୍ର ପ୍ରଦାନ କରିବେ, ଯାହା ଅନ୍ତର୍ଜାତୀୟ ଯୋଗ ଦିବସର ଏହି ଦଶନ୍ଧି ସଂସ୍କରଣକୁ ଭାରତର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଯାତ୍ରାରେ ଏକ ପ୍ରକୃତ ଐତିହାସିକ ମୁହୂର୍ତ୍ତ ଭାବରେ ପରିଗଣିତ କରିବ ।

# ହନିମୁନ୍ ହତ୍ୟା : ଖୋଲୁଛି ନୂଆ ନୂଆ ଗୁମର

ଇନ୍ଦୋର: ମେଘାଳୟରେ ହନିମୁନ୍ ସମୟରେ ଇନ୍ଦୋରର ୨୯ ବର୍ଷୀୟ ବ୍ୟବସାୟୀ ରାଜା ରଘୁବଂଶୀଙ୍କ ହତ୍ୟା ଘଟଣାର ତଦନ୍ତରେ ଏକ ନୂତନ ନାମ ସାମ୍ନାକୁ ଆସିଛି । ତଦନ୍ତରେ ପୂର୍ବରୁ ଅଜଣା ସଂଜୟ ବର୍ମାଙ୍କୁ ଜଣେ ବ୍ୟକ୍ତି ଭାବରେ ଚିହ୍ନଟ କରାଯାଇଛି । ଯାହାଙ୍କର ବିବାହ ପୂର୍ବରୁ ଏବଂ ପରେ ରାଜାଙ୍କ ପତ୍ନୀ ସୋନମ ରଘୁବଂଶୀଙ୍କ ସହିତ ବ୍ୟାପକ ଟେଲିଫୋନ୍ ଯୋଗାଯୋଗ ଥିଲା । ପୋଲିସ ଦ୍ୱାରା ପ୍ରାପ୍ତ କଲ୍ ଡାଟା ରେକର୍ଡ ଅନୁଯାୟୀ, ୧ ମାର୍ଚ୍ଚରୁ ୨୫ ମାର୍ଚ୍ଚ ମଧ୍ୟରେ ସୋନମ ଏବଂ ସଞ୍ଜୟ ୧୧୯ଟି କଲ୍ ଆଦାନପ୍ରଦାନ କରିଥିଲେ । ଏବେ ତାଙ୍କ ମୋବାଇଲ୍ ନମ୍ବର ବର୍ତ୍ତମାନ ବନ୍ଦ ଅଛି ।

ନିଜ ସ୍ୱାମୀଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ମାମଲାରେ ସୋନମ ରଘୁବଂଶୀଙ୍କୁ ୮ ଦିନ ପାଇଁ ହେପାଜତକୁ ନିଆଯାଇଥିଲା । ଏବେ ତାହାର ଅବଧି ଆହୁରି ୨ ଦିନ ବଢ଼ାଇ ଦିଆଯାଇଛି । ଏହାରି ମଧ୍ୟରେ ରାଜା ରଘୁବଂଶୀଙ୍କ ଭାଇ ସଚିନ ରଘୁବଂଶୀ କହିଛନ୍ତି ଯେ ସୋନମ କାହାକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ତାହା ଜଣାପଡ଼ିବା ଆବଶ୍ୟକ । କାରଣ ଏବେ ପର୍ଯ୍ୟନ୍ତ ଏହା ଜଣାପଡ଼ିନାହିଁ ଯେ ସୋନମ ରାଜାଙ୍କୁ କାହିଁକି ମାରିଲେ? ରାଜା ରଘୁବଂଶୀଙ୍କ ଭାଇ ସଚିନ ରଘୁବଂଶୀ ଆହୁରି ବି କହିଛନ୍ତି ଯେ ୮ ଦିନରେ ହେପାଜତରେ ସୋନମ ଏକଥା କହିନାହାନ୍ତି ଯେ ସେ କାହିଁକି ରାଜାଙ୍କୁ ମାରିଲେ ବୋଲି । ତାଙ୍କ କହିବା କଥା ହେଉଛି ସୋନମ ଟଙ୍କା ପାଇଁ ତାଙ୍କ ଭାଇଙ୍କୁ ବିବାହ କରିଥିଲେ । ହେଲେ ତାଙ୍କୁ ଏପରି କହିବାକୁ କିଏ କହିଥିଲେ ତା' ନାଁ ସୋନମ ପ୍ରକାଶ କରୁନାହାନ୍ତି ।

# ଜନ୍ମଦିନରେ ଦୃଷ୍ଟିବାଧିତ ପିଲାଙ୍କ ଗୀତ ଶୁଣି କାନ୍ଦି ପକାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ତିନିଦିନିଆ ଉତ୍ତରାଖଣ୍ଡଗସ୍ତରେ ଅଛନ୍ତି । ରାଷ୍ଟ୍ରପତିଙ୍କ ଆଜି ୬୭ତମ ଜନ୍ମଦିନ । ଜନ୍ମଦିନରେ ଦ୍ରୌପଦୀ ମୁର୍ମୁ ଡେରାଡୁନର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ଦି ଏମ୍ପାୱାରମେଣ୍ଟ ଅଫ୍ ପର୍ସନ୍ସ ୱିଥ୍ ଭିଜୁଆଲିଟିଜର ଅଡିଟୋରିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଦୃଷ୍ଟିବାଧିତ ଛାତ୍ରମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଅବସରରେ ଅଭିନେତା ଆମିର ଖାନଙ୍କ ଚଳଚ୍ଚିତ୍ର 'ତାରେ ଜମିନ୍ ପର'ର ଏକ ଗୀତ ଗାଇଥିଲେ । ଦୃଷ୍ଟିବାଧିତ ପିଲାଙ୍କ ମୁଖରୁ ହୃଦୟସ୍ପର୍ଶୀ ଗୀତ ଶୁଣିବା ପରେ ରାଷ୍ଟ୍ରପତି କିଛି ସମୟ ପାଇଁ ଭାବବିହ୍ୱଳ ହୋଇପଡ଼ିଥିଲେ । ତାଙ୍କ ଆଖିରୁ ଆପଣାଛାଏଁ ଲୁହ ଝରି ପଡ଼ିଥିଲା । ଚେଷ୍ଟା କରି ମଧ୍ୟ ରାଷ୍ଟ୍ରପତି ତାଙ୍କ ଲୁହକୁ ଅଟକାଇ ପାରି ନଥିଲେ । ଏହି ସମୟରେ ଜଣେ ସୁରକ୍ଷାକର୍ମୀ ରାଷ୍ଟ୍ରପତିଙ୍କୁ ଲୁହ ପୋଛିବା ପାଇଁ ଏକ ରୁମାଲ ବାଇ ଦେଇଥିଲେ ।ଏହି ସମୟରେ କେବଳ ରାଷ୍ଟ୍ରପତି ନୁହନ୍ତି ମଞ୍ଚରେ ବସିଥିବା ଅନ୍ୟ ସମସ୍ତ ଅଧିକାରୀମାନେ ବି ପିଲାଙ୍କ ଗୀତ ଶୁଣି ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ ।

# ଜାତୀୟ ସମୟ ପ୍ରକାଶନ ଅଧ୍ୟୟନର ପଞ୍ଚମ ସଂସ୍କରଣ ଉନ୍ମୋଚିତ

ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ସିବିଆଇସି କନକ୍ଲେଭରେ ଜାତୀୟ ସମୟ ପ୍ରକାଶନ ଅଧ୍ୟୟନର ପଞ୍ଚମ ସଂସ୍କରଣ ଉନ୍ମୋଚନ କରିଛନ୍ତି ।

ସମୟ ପ୍ରକାଶନ ଅଧ୍ୟୟନ ଏକ କାର୍ଯ୍ୟଦକ୍ଷତା ମାପ ଉପକରଣ ଯାହା କାର୍ଗୋ ମୁକ୍ତ ପାଇଁ ନିଆଯାଇଥିବା ସମୟର ପରିମାଣାତ୍ମକ ମୂଲ୍ୟାଙ୍କନ ପ୍ରଦାନ କରେ ଏବଂ ଯାହା କ୍ଲିୟରାନ୍ସ ପ୍ରକ୍ରିୟାର ଦକ୍ଷତା ମୂଲ୍ୟାଙ୍କନରେ ସାହାଯ୍ୟ କରେ । ୨୦୧୯ ମସିହାରୁ,ଟିଆରଏସ ୧୫ ଟି ପ୍ରମୁଖ ସ୍ଥାନରେ ପରିଚାଳିତ ହୋଇଛି, ଯେଉଁଥିରେ ବନ୍ଦର, ଏୟାର କାର୍ଗୋ କମ୍ପ୍ଲେକ୍ସ ଇନଲ୍ୟାଣ୍ଡ କଣ୍ଟେନର ଡିପୋ ଏବଂ ସମନ୍ୱିତ ଯାଞ୍ଚ ପୋଷ୍ଟ ଅନ୍ତର୍ଭୁକ୍ତ । ଭାରତର ଟିଆରଏସ ଏକ ପ୍ରମୁଖ ଶକ୍ତି ହେଉଛି କଷ୍ଟମ୍ସ ସ୍ୱୟଂଚାଳିତ ସିଷ୍ଟମରୁ ସିଧାସଳଖ ଉତ୍ସରୁ ସଠିକ୍ ଏବଂ ନିର୍ଭରଯୋଗ୍ୟ ତଥ୍ୟ ବ୍ୟବହାର କରିବା, ଯାହା ସିଷ୍ଟମ ଜେନେରାଲ ଅଫ୍ ସିଷ୍ଟମ୍ସ ଆଣ୍ଡ୍ ଡାଟା ମ୍ୟାନେଜମେଣ୍ଟ, ସିବିଆଇସି ଦ୍ୱାରା ପରିଚାଳିତ । ବର୍ଷ ବର୍ଷ ଧରି,ଟିଆରଏସର ପରିସର ଯଥେଷ୍ଟ ବିସ୍ତାରିତ ହୋଇଛି । କିଛି ନିର୍ଦ୍ଦିଷ୍ଟ ଗେଟୱେ ବନ୍ଦରଗୁଡ଼ିକରେ ମୁକ୍ତି ସମୟ ମାପ କରିବା ଏକ ରିପୋର୍ଟ ଭାବରେ ଯାହା ଆରମ୍ଭ ହୋଇଥିଲା ସେଥିରେ ଟ୍ରାନଜିଟ୍ କାର୍ଗୋ, କୋରିଅର୍ ପଠାଣ ଏବଂ ସାମଗ୍ରୀ-ନିର୍ଦ୍ଦିଷ୍ଟ ମୂଲ୍ୟାଙ୍କନ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ୟାନ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ହୋଇଥିଲା ।

# ହାଜିରା ହେବାକୁ ହାସିନାଙ୍କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ

ଢାକା : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଅଡୁଆ ଦିନକୁ ଦିନ ବଢିବାରେ ଲାଗିଛି । ସଦ୍ୟତମ ଘଟଣାକ୍ରମରେ, ବାଂଲାଦେଶ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ଶେଖ ହାସିନାଙ୍କୁ ଜୁନ୍ ୨୪ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି । ମାନବତା ବିରୋଧୀ ଅପରାଧ, ହତ୍ୟା ଏବଂ ଗଣହତ୍ୟା ଭଳି ଗମ୍ଭୀର ଅଭିଯୋଗର ମାମଲା ଟ୍ରିବ୍ୟୁନାଲରେ ଶେଖ ହାସିନାଙ୍କ ବିରୋଧରେ ବିଚାରାଧୀନ ଅଛି ।

ଜୁଲାଇ ୨୦୨୪ରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ସମୟରେ ସାଧାରଣ ଲୋକଙ୍କ ଉପରେ ଗୁଳି ଚଳାଇବା ପାଇଁ ଷଡ଼ଯନ୍ତ୍ର କରିବାର ଅଭିଯୋଗ ହାସିନାଙ୍କ ଉପରେ ଅଛିଛପୂର୍ବତନ ପ୍ରଧାନମନ୍ତ୍ରୀ ହାସିନାଙ୍କ ଉପରେ ଜୁଲାଇ ୨୦୨୪ରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ସମୟରେ ସାଧାରଣ ଲୋକଙ୍କ ଉପରେ ଗୁଳି



ଚଳାଇବା ପାଇଁ ଷଡ଼ଯନ୍ତ୍ର ରଚିବାର ଅଭିଯୋଗ ଅଛିଛ ପୂର୍ବତନ ଗୃହମନ୍ତ୍ରୀ ଆସାଦୁଜ୍ଜମାନ ଖାନ ଏବଂ ତତ୍କାଳୀନ ପୋଲିସ ମହାନିରୀକ୍ଷକ (ଆଇଜିପି) ଚୌଧୁରୀ ଅବଦୁଲ୍ଲା ଅଲ୍-ମାମୁନଙ୍କୁ ମଧ୍ୟ ଏହି ମାମଲାରେ ସହ-ଅଭିଯୁକ୍ତ କରାଯାଇଛି ।

ଅବଦୁଲ୍ଲା ଅଲ୍-ମାମୁନଙ୍କୁ ପୂର୍ବରୁ ଗିରଫ କରାଯାଇ ଟ୍ରିବ୍ୟୁନାଲ୍ ସମ୍ମୁଖରେ ହାଜର କରାଯାଇସାରିଛି । ତେବେ ହସିନା ଏବଂ ଆସାଦୁଜ୍ଜମାନ ଫେରାର୍ ଥିବା କୁହାଯାଉଛି । ସେମାନଙ୍କୁ ଜୁନ ୨୪ ସୁଦ୍ଧା ଟ୍ରିବୁନାଲରେ ହାଜର ହେବାକୁ କୁହାଯାଇଛି । ଯଦି ସେମାନେ ହାଜିର ନହେବେ ତେବେ ସେମାନଙ୍କ ଅନୁପସ୍ଥିତିରେ ଶୁଣାଣି କରାଯାଇଛି ଦଣ୍ଡବିଧାନ କରାଯିବ । ପ୍ରସିକ୍ୟୁସନ ପକ୍ଷରୁ ଟ୍ରିବ୍ୟୁନାଲକୁ ସୂଚନା ଦିଆଯାଇଛି ଯେ ଶେଖ ହସିନା ଦେଶ ଛାଡି ଭାରତରେ ଆଶ୍ରୟ ନେଇଛନ୍ତି । ବାଂଲାଦେଶ ପୁଲିସ ହାସିନାଙ୍କ ଢାକାସ୍ଥିତ ବାସଭବନ ସମେତ ଅନେକ ସମ୍ଭାବ୍ୟ ସ୍ଥାନରେ ତଲାସି କରିଥିଲା, କିନ୍ତୁ ତାଙ୍କୁ ପାଇନଥିଲା ।

# ଟ୍ରାନ୍ସଲେଟରଙ୍କୁ କୋରିଆର ରାଷ୍ଟ୍ରପତି ଭାବି ହାତ ମିଳାଇଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଟ୍ରାନ୍ସଲେଟରଙ୍କୁ କୋରିଆର ରାଷ୍ଟ୍ରପତି ଭାବି ହାତ ମିଳାଇଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର । କାନାଡାରେ ଅନୁଷ୍ଠିତ ଜି୭ ଶିଖର ସମ୍ମିଳନୀ ସମୟରେ ଏହି ଅଜବ ଘଟଣା ଦେଖିବାକୁ ମିଳିଥିଲା, ଯାହା ଏବେ ଚର୍ଚ୍ଚାରେ ରହିଛ । ଜି୭ ଶିଖର ସମ୍ମିଳନୀରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଦକ୍ଷିଣ କୋରିଆର ନବନିର୍ବାଚିତ ରାଷ୍ଟ୍ରପତି ଲି ଜେ-ମ୍ୟୁଙ୍ଗଙ୍କ ବଦଳରେ ତାଙ୍କ ଟ୍ରାନ୍ସଲେଟରଙ୍କ ସହ ହାତ ମିଳାଇଥିଲେ ।



ସୂଚନା ମୁତାବକ, ଏହି ଘଟଣା ସେତେବେଳେ ଘଟିଥିଲା ଯେତେବେଳେ ଉଭୟ ନେତା ଆନୁଷ୍ଠାନିକ ବୈଠକ ପାଇଁ ପହଞ୍ଚିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ଷ୍ଟାରମର ସାମ୍ନାରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ସହ ହାତ ମିଳାଇଥିଲେ । କିନ୍ତୁ ଶୀଘ୍ର ଅନୁଭବ କଲେ ଯେ ବ୍ୟକ୍ତିଜଣକ ରାଷ୍ଟ୍ରପତି ନୁହଁନ୍ତି ବରଂ ତାଙ୍କର ଅନୁବାଦକ । ଏହା ପରେ ତୁରନ୍ତ, ସେ ପଛରେ ଠିଆ ହୋଇଥିବା ରାଷ୍ଟ୍ରପତି ଲିଙ୍କୁ ଅଭିବାଦନ ଜଣାଇଥିଲେ । ଏହି ଦ୍ୱନ୍ଦ୍ୱ କେବଳ କିଛି ସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା, କିନ୍ତୁ ଜି୭ ଭଳି ଏକ ପ୍ଲାଟଫର୍ମରେ, ଏହି ମୁହୂର୍ତ୍ତ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା । ଏହି କ୍ଷଣିକ ଦ୍ୱନ୍ଦ୍ୱ ସତ୍ତ୍ୱେ, ଉଭୟ ନେତା ବ୍ରିଟେନ-ଦକ୍ଷିଣ କୋରିଆ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଷ୍ଟାରମର କହିଥିଲେ, ଦକ୍ଷିଣ କୋରିଆ ସହିତ ଆମର ଏକ ଦୃଢ଼ ସମ୍ପର୍କ ରହିଛି ଏବଂ ଆମେ ଏହାକୁ ଆହୁରି ଆଗକୁ ନେବାକୁ ଚାହୁଁଛୁ ।

ରାଷ୍ଟ୍ରପତି ଲି ମଧ୍ୟ ବ୍ରିଟେନ ସହିତ ବାଣିଜ୍ୟ ଚୁକ୍ତିକୁ ଆଧୁନିକୀକରଣ କରିବାର ଆବଶ୍ୟକତା ଉପରେ ସହମତ ହୋଇଥିଲେ । ଏହି ବୈଠକ ଜି୭ର ଜନସଂପର୍କ କାର୍ଯ୍ୟକ୍ରମର ଏକ ଅଂଶ ଥିଲା, ଯେଉଁଥିରେ ଦକ୍ଷିଣ କୋରିଆକୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଥିଲା ।

# ପକ୍ଷୀ ସହିତ ଧକ୍କା ପରେ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ବାତିଲ



ନୂଆଦିଲ୍ଲୀ: ଶୁକ୍ରବାର ଦିଲ୍ଲୀରୁ ପୁଣେ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ ୨୪୭୦ ମଝି ଆକାଶରେ ଏକ ପକ୍ଷୀ ସହିତ ଧକ୍କା ହୋଇଥିଲା । ଏହି ଧକ୍କା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ । ପାଇଲଟ ଯାତ୍ରୀଙ୍କୁ ଭୟଭୀତ ନହେବାପାଇଁ ସୂଚିତ କରି ବିମାନଟିକୁ ସୁରକ୍ଷିତ ଭାବରେ ଅବତରଣ କରିଥିଲେ । ଏହାପରେ ସୁରକ୍ଷା ଯାଞ୍ଚ ଯୋଗୁଁ ବିମାନକୁ ଗ୍ରାଉଣ୍ଡ କରାଯାଇଛି । ଏୟାର ଇଣ୍ଡିଆ ଏହି ଘଟଣା ଉପରେ ଏକ ବିବୃତ୍ତି ଜାରି କରି କହିଛ ଯେ ପୁଣେରୁ ଦିଲ୍ଲୀ ଯିବା ପାଇଁ ନିର୍ଦ୍ଧାରିତ ହୋଇଥିବା ବିମାନ ଏଆଇ ୨୪୭୦ ପକ୍ଷୀ ସହିତ ଧକ୍କା ହୋଇଥିବା ଯୋଗୁଁ ବାତିଲ କରାଯାଇଛି । ବିମାନଟି ସୁରକ୍ଷିତ ଭାବରେ ବିମାନବନ୍ଦରରେ ଅବତରଣ କରିବା ପରେ ସେଥିରେ ପକ୍ଷୀ ଧକ୍କାର ଚିହ୍ନ ଥିବା ଚିହ୍ନଟ କରାଯାଇଥିଲା । ବର୍ତ୍ତମାନ ବିମାନଟି ଯାଞ୍ଚ ଅଧୀନରେ ଅଛି ।

ଏୟାର ଇଣ୍ଡିଆ ବିମାନ ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଦୁଃଖ ପ୍ରକାଶ କରି ଏହା ଏକ ଅପ୍ରତ୍ୟାଶିତ ଘଟଣା ବୋଲି ଦର୍ଶାଇ କହିଛି, 'ଏୟାର ଇଣ୍ଡିଆ ସମସ୍ତ ପ୍ରଭାବିତ ଯାତ୍ରୀଙ୍କୁ ପୂର୍ଣ୍ଣ ଫେରସ୍ତ କିମ୍ବା ମାଗଣାରେ ଯାତ୍ରା ପୁନଃର୍ନିର୍ଦ୍ଧାରିତ କରିବାର ବିକଳ୍ପ ଦେଇଛି ।ଆମର ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତାଛ ଯାତ୍ରୀଙ୍କ ସୁବିଧା ପାଇଁ ଆମେ ପ୍ରତ୍ୟେକ ସମ୍ଭବ ପଦକ୍ଷେପ ନେଉଛୁ ।

# ଲିଡ୍ସ ଟେଷ୍ଟ

# ଗିଲ ଯୁଗର ଆରମ୍ଭ, ଭାରତ ୩୫୯/୩

ଲଣ୍ଡନ,୨୦।୬(ଏଜେନ୍ସି): ଆଣ୍ଡରସନ୍-ତେନ୍ଦୁଲକର ଟେଷ୍ଟ ଟ୍ରଫି ବିଗୁଲ ବାଜିଛି । ଶୁକ୍ରବାର ପ୍ରଥମ ମ୍ୟାଚ୍ ଲିଡ୍ସରେ ଆରମ୍ଭ ହୋଇଛି । ଆୟୋଜକ ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲେ । ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଯୁବ ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ କରିଛି । ପ୍ରଥମ ପାଳିରେ ଗିଲ ଶତକୀୟ ଇନିଂସ୍ ଖେଳି ନୂଆ ଯୁଗର ଆରମ୍ଭ କରିଛନ୍ତି । କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ଶୁଭମନ ଗିଲଙ୍କ ମିଳିତ ଟିମ୍ ଲିଡ୍ସର ପ୍ରଥମ ଦିନ ଘରୋଇ ଦଳ ଉପରେ ପ୍ରଭାବବିସ୍ତାର କରିବାକୁ ସମର୍ଥ ହୋଇଛନ୍ତି । ୩ଟି ଯାକ ଅଧିବେଶନରେ ଭାରତୀୟ ବ୍ୟାଟର ଚମକିଥିଲେ । ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮୫ ଓଭରରେ ୩ ଓ୍ୱିକେଟ୍ ହରାଇ ୩୫୯ ରନ୍ ସଂଗ୍ରହ କରିଛି । ଶୁଭମନ ୧୨୭ରନ୍ ଓ ରିଷଭ ପନ୍ତ ୬୫ରନ୍ କରି ଅପରାଜିତ ଥିଲେ ।

ଆଇପିଏଲରେ ଚମତ୍କାର ବ୍ୟାଟିଂ କରି ସମସ୍ତଙ୍କୁ ପ୍ରଭାବିତ କରିଥିବା ସାଇ ସୁଦର୍ଶନ ଟେଷ୍ଟ ଡେବ୍ୟୁ କରିଛନ୍ତି । ୨୩ ବର୍ଷୀୟ ସାଇ ସୁଦର୍ଶନ ଭାରତ ପାଇଁ ଟେଷ୍ଟ ମ୍ୟାଚ୍ ଖେଳିବାରେ ୩୧୭ତମ ଖେଳାଳି ଭାବେ ଚେତେଶ୍ୱର ପୂଜାରାଙ୍କ ଠାରୁ ଟେଷ୍ଟ କ୍ୟାପ୍ ଗ୍ରହଣ କରିଥିଲେ ।

ଲିଡ୍ସରେ ଟସ ଜିତି ବେନ୍ ଷ୍ଟୋକ୍ସ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଦଳରେ ଅଭିଜ୍ଞ ଖେଳାଳି ବିରାଟ କୋହଲି, ରୋହିତ ଶର୍ମା ଓ ଅଶ୍ୱିନ ନଥିବାରୁ ନବାଗତ ଦଳ ଚାପରେ ରହିଥିଲା । ତେଣୁ ଶୁଭମନ ଗିଲ ଆଣ୍ଡ କୋ ପାଇଁ ଏହି ମ୍ୟାଚ ଅଗ୍ନି ପରୀକ୍ଷା ଭଳି । ରୋହିତଙ୍କ ଅନୁପସ୍ଥିତିରେ କିଏ ଯଶସ୍ୱୀ ଜୟସ୍ୱାଲଙ୍କ ସହ ପାଳି ଆରମ୍ଭ କରିବ, ତାହାକୁ ନେଇ ଦ୍ୱନ୍ଦ ଥିଲା । ହେଲେ ଲୋକେଶ ରାହୁଲ ଓ ଜୟସ୍ୱାଲ ଯେଭଳି ଇନିଂସ୍ ଓପନ କଲେ, ସବୁ ଦ୍ୱନ୍ଦ ଦୂର ହୋଇଥିଲା । ପ୍ରଥମ ଓ୍ୱିକେଟ ପାଇଁ ଦୁହିଁଙ୍କ ମଧ୍ୟରେ ୯୧ରନର ପାର୍ଟନରସିପ ହୋଇଥିଲା । ଏହା ମଧ୍ୟ ବିଦେଶ ମାଟିରେ ଏକ ରେକର୍ଡ । ଲୋକେଶ ରାହୁଲ ୭୮ ବଲର ସମ୍ମୁଖୀନ ହୋଇ ୮ଟି ଚୌକା ସହାୟତାରେ ୪୨ରନ୍ କରିଥିବା ବେଳେ କାର୍ସେଙ୍କ ଶିକାର ହୋଇଥିଲେ । କାର୍ସେ ଭାରତୀୟ ଓପନିଂ ଭାଙ୍ଗିବାକୁ ସଫଳ ହୋଇଥିଲେ । ରାହୁଲ ପାଭିଲିୟନ ଫେରିବା ପରେ ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ ପଡିଆକୁ ଆସିଥିଲେ । ସେ ଡେବ୍ୟୁ ମ୍ୟାଚକୁ ସ୍ମରଣୀୟ କରିବେ ବୋଲି ଆଶା କରାଯାଉଥିଲା । ତାହା ମଧ୍ୟରେ ହୋଇଛି । ସେ ଡେବ୍ୟୁ ମ୍ୟାଚରେ ବଡ ସ୍କୋର କରିବା ପରିବର୍ତ୍ତେ ଡକରେ(ଶୂନ୍ୟ) ଆଉଟ୍ ହୋଇଥିଲେ । ମାତ୍ର ୨ରନ ମଧ୍ୟରେ ଦୁଇଟି ଓ୍ୱିକେଟ ପତନ ଯୋଗୁଁ ଭାରତ ବ୍ୟାକଫୁଟକୁ ଚାଲିଯିବା ଭଳି ସମ୍ଭାବନା ରହିଥିଲେ । ହେଲେ ଯଶସ୍ୱୀ ଜୟସ୍ୱାଲ ଓ ଶଭମନ ଗିଲ ବିପର୍ଯ୍ୟ ସ୍ଥିତିକୁ ଅତି ସୁରୁଖୁରୁରେ ସମ୍ଭାଳି ନେଇଥିଲେ ।

ମାତ୍ର ୨୦ ମ୍ୟାଚ ଖେଳୁଥିବା ଯଶସ୍ୱୀ କ୍ୟାରିୟରର ୫ମ ଶତକ ହାସଲ କରିଛନ୍ତି । କେବଳ ଇଂଲଣ୍ଡ ବିପକ୍ଷରେ ଏହା ତାଙ୍କର ତୃତୀୟ ଶତକ । ସେ ୧୫୯ ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ଗୋଟିଏ ଛକା ସହାୟତାରେ ୧୦୧ରନ କରି ସଞ୍ଜମତା ହରାଇବସିଥିଲେ । ତାଙ୍କୁ ବେନ୍ ଷ୍ଟୋକ୍ସ ବୋଲ୍ଡ କରି ସଫଳ ଇନିଂସର ସମାପ୍ତି ଘଟାଇଥିଲେ । ଯଶସ୍ୱୀଙ୍କ ଓ୍ୱିକେଟ୍ ପରେ ୫ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ ଓ୍ୱିକେଟରକ୍ଷକ ତଥା ଉପଅଧିନାୟକ ରିଷଭ ପନ୍ତ । ଗିଲ ଓ ପନ୍ତ ସଞ୍ଜମତାର ସହ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୮୨.୧ ଓଭରରେ ୩୫୦/୩ରନ୍‌ରେ ପହଞ୍ଚାଇଥିଲେ । ଗିଲ ୧୪୦ ବଲରୁ ୧୪ ଚୌକା ସହାୟତାରେ ଶତକ(୧୦୦) ପୂରଣ କରିଥିଲେ । ୮୦ତମ ଓଭରରେ ଇଂଲଣ୍ଡ ନୂଆ ବଲ ନେଇଥିଲା । ଏହା ପରେ ପରେ ପନ୍ତ ୯୧ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ । ଗିଲ ୧୭୫ବଲର ସମ୍ମୁଖୀନ ହୋଇ ୧୨୭ରନ ତଥା ଗିଲ ୧୦୨ ବଲରୁ ୬୫ରନ୍ କରି ଅପରାଜିତ ଅଛନ୍ତି । ଇଂଲଣ୍ଡର ବ୍ରେଡନ୍ କାର୍ସେଙ୍କୁ ଗୋଟିଏ ଓ ବେନ୍ ଷ୍ଟୋକ୍ସଙ୍କୁ ୨ଟି ଓ୍ୱିକେଟ ସଫଳତା ମିଳିଛି ।

୧୫ ଓଭରରେ ଭାରତର ଦଳୀୟ ସ୍କୋର ୫୦ରନ୍ ହୋଇଥିଲା । ୨୮.୫ ଓଭରରେ ୧୦୦ରନ, ୩୭.୩ ଓଭରରେ ୧୫୦ରନ୍, ୪୮.୧ ଓଭରରେ ୨୦୦ରନ୍, ୬୨.୪ ଓଭରରେ ୨୫୦ରନ୍, ୭୩.୪ ଓଭରରେ ୩୦୦ରନ୍ ଏବଂ ୮୧.୫ ଓଭରରେ ୩୫୦ରନ୍ ପୂରଣ କରିଥିଲା ଭାରତ । ଭାରତ ଏପର୍ଯ୍ୟନ୍ତ ଇଂଲଣ୍ଡରେ କେବଳ ତିନି ଥର ଟେଷ୍ଟ ଶୃଙ୍ଖଳା ଜିତିଛି । ୧୯୭୧ ମସିହାରେ ଅଜିତ ଓ୍ୱାଦେକରଙ୍କ ନେତୃତ୍ୱରେ, ୧୯୮୬ରେ କପିଳ ଦେବଙ୍କ ନେତୃତ୍ୱରେ ଏବଂ ୨୦୦୭ରେ ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଏହି ସଫଳତା ହାସଲ କରିଥିଲା । ଏବେ ଶୁଭମନ ଗିଲ୍ ଏହି ତାଲିକାରେ ନିଜ ନାମ ଯୋଡ଼ିବାକୁ ଚାହିଁବେ ।



## ୩୯ ବର୍ଷର ରେକର୍ଡ଼ ଭାଙ୍ଗିଲେ ଯଶସ୍ୱୀ-ରାହୁଲ



ଲଣ୍ଡନ, ୨୦।୬ (ଏଜେନ୍ସି) : ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳା ବିଗୁଲ ବାଜିଛି। ଶୃଙ୍ଖଳାର ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ଜମାଣିଆ ରହିଛି। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ପ୍ରଭାବୀ ପ୍ରଦର୍ଶନ କରି ଉଭୟ ୩୯ ବର୍ଷ ତଳର ରେକର୍ଡ଼ ଭାଙ୍ଗିଛନ୍ତି। ଉଭୟ ପ୍ରଥମ ୱିକେଟରେ ୯୧ ରନ ଯୋଡ଼ିଛନ୍ତି। ରାହୁଲଙ୍କୁ ୪୨ ରନରେ ବ୍ରେଡନ କାର୍ସେ ଆଉଟ କରିଥିଲେ। ଇଂଲଣ୍ଡରେ ଏହା ଭାରତର ଶ୍ରେଷ୍ଠ ଓପନିଂ ପାର୍ଟନରସିପ୍। ୧୯୮୬ ରେ ଲିଡ୍ସରେ ସୁନୀଲ ଗାଭାସ୍କର ଓ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତଙ୍କ ମଧ୍ୟରେ ୬୪ ରନର ପାର୍ଟନରସିପ୍ ହୋଇଥିଲା। ବିଦେଶ ମାଟିରେ ରାହୁଲ ଓ ଜୟସ୍ୱାଲ ୯୧ ରନ ସଂଗ୍ରହ କରି ରେକର୍ଡ଼ କରିଛନ୍ତି।

୨୦୧୫ରେ ମୁରଲୀ ବିଜୟ ଓ ଶିଖର ଧାୱନ ବାଂଲାଦେଶ ବିପକ୍ଷରେ ୨୮୩ ରନ ସଂଗ୍ରହ କରିଥିଲେ।


ଏହି ରେକର୍ଡ଼ ଏବେବି ବଜାୟ ରହିଛି। ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବାପରେ ଓପନିଂ ଯୋଡ଼ି ନେଇ ଦ୍ୱନ୍ଦ୍ୱ ରହିଥିଲା। ରାହୁଲ ଓ ଜୟସ୍ୱାଲ ଇଂଲଣ୍ଡର ସୁଇଂ ପିଚ୍‌ରେ ଭଲ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

## ଲିଡ୍ସରେ ଜୟସ୍ୱାଲଙ୍କ ଐତିହାସିକ ଶତକ

ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଲିଡ୍ସ ହେଡିଂଲି କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି । ମ୍ୟାଚରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ । ଭାରତୀୟ ଦଳ ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଥିଲା । ଯଶସ୍ୱ ଦଳର ଆଶା ପୂରଣ କରି ଇଂଲଣ୍ଡରେ ବିପକ୍ଷରେ ଶତକୀୟ ଇନିଂସ୍ ଖେଳିଛନ୍ତି ।

ଜୟସ୍ୱାଲ ୧୪୪ ବଲରେ ୧୬ ଚୌକା ଓ ଗୋଟିଏ ଛକା ସହାୟତାରେ ଶତକ ପୂରଣ କରିଥିଲେ । ଏହା ଯଶସ୍ୱୀଙ୍କ ଟେଷ୍ଟ କ୍ୟାରିୟରର ୫ମ ଶତକ । ଭାରତର ପ୍ରଥମ ଇନିଂସର ୪୯ତମ ଓଭରରେ ବ୍ରାଇଡନ୍ କାର୍ସେଙ୍କ ଚତୁର୍ଥ ଏବଂ ପଞ୍ଚମ ବଲରେ ଚୌକା ମାରିଥିଲେ ଯଶସ୍ୱୀ । ଶେଷ ବଲରେ ଏକ ରନ୍ ନେଇ ଶତକ ପୂରଣ କରିଥିଲେ । ଏହି ଇନିଂସ ବେଳେ ଜୟସ୍ୱାଲଙ୍କୁ କ୍ରାମ୍ପ ଆସିଥିଲା । ଦୌଡ଼ିବାରେ ତାଙ୍କୁ ଅସୁବିଧା ହେଉଥିଲା । ତଥାପି ସେ ହାର ମାନିନଥିଲେ । ଶତକ ପୂରଣ କରିବା ପରେ ୧୦୧ ରନର ବ୍ୟକ୍ତିଗତ ସ୍କୋରରେ ଷ୍ଟୋକ୍ସଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ଇଂଲଣ୍ଡ ବିପକ୍ଷରେ ଏହା ତାଙ୍କର ତୃତୀୟ ଶତକ ଓ ଇଂଲଣ୍ଡରେ ପ୍ରଥମ ଶତକ । କେବଳ ଏତିକି ନୁହେଁ, ଲିଡ୍ସରେ ଶତକ ହାସଲ କରିବାରେ ପ୍ରଥମ ଭାରତୀୟ ଓପନର ବି ହୋଇଛନ୍ତି । ଏହାସହ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଇନିଂସରେ ଶତକ ମାରିବାରେ ପଞ୍ଚମ ଭାରତୀୟ ଓପନର ହୋଇଛନ୍ତି । ଜୟସ୍ୱାଲଙ୍କ ପୂର୍ବରୁ ମୁରଲି ବିଜୟ, ବିଜୟ ମାଞ୍ଜରେକର, ସୌରଭ ଗାଙ୍ଗୁଲି ଓ ସନ୍ଦୀପ ପାଟିଲ ଏପରି କରିଥିଲେ । ଯଶସ୍ୱୀ ଜୟସ୍ୱାଲଙ୍କ ଟେଷ୍ଟ କ୍ୟାରିୟରର ଏହା କେବଳ ୨୦ତମ ମ୍ୟାଚ୍ ଏବଂ ସେ ଏପର୍ଯ୍ୟନ୍ତ ୫ଟି ଶତକ ହାସଲ କରିସାରିଛନ୍ତି । ଏଥିରୁ ସେ ଭାରତ ବାହାରେ ୩ଟି ଶତକ ହାସଲ କରିଛନ୍ତି ।

## ୩୦୦୬ ଦିନ ପରେ ଜାତୀୟ ଦଳକୁ ଫେରିଲେ ନାୟର



ଲଣ୍ଡନ, ୨୦।୬ (ଏଜେନ୍ସି) : ଦୀର୍ଘଦିନର ଅପେକ୍ଷା ପରେ କରୁଣ ନାୟର ଜାତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏପରିକି ସେ ଟିମ୍ ଇଣ୍ଡିଆକୁ ଫେରିବା ପାଇଁ ୩୦୦୬ ଦିନ ଅପେକ୍ଷା କରିଥିଲେ। ୨୦୧୭ରେ ସେ ଶେଷ ଥର ପାଇଁ ଭାରତ ପକ୍ଷରୁ ଟେଷ୍ଟ ଖେଳିଥିଲେ। ଏପର୍ଯ୍ୟନ୍ତ ସେ ୭୭ଟି ଟେଷ୍ଟ ମ୍ୟାଚ୍‌ରୁ ଦଳ ବାହାରେ ରହିବା ପରେ ଫେରିଛନ୍ତି। ୨୦୨୨ ରେ କ୍ରମାଗତ ବିଫଳ ହେବାପରେ ଏବେ ଦଳକୁ ଫେରିଛନ୍ତି। କରୁଣ ଏକ ଭାବପୂର୍ଣ୍ଣ ପୋଷ୍ଟ କରିଥିଲେ । ସେ ଲେଖିଥିଲେ ପ୍ରିୟ କ୍ରିକେଟ ମୋତେ ଆଉ ଏକ ସୁଯୋଗ ପ୍ରଦାନ କରାଯାଉ । ବାସ ଏବେ ତାଙ୍କୁ ଏହି ସୁଯୋଗ ମିଳିଛି । ୨୦୧୬ରେ କରୁଣ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ତ୍ରିଶତକ ମାରି ସେ ଚର୍ଚ୍ଚାରେ ରହିଥିଲେ । ଏହା ପରେ ଖରାପ ପ୍ରଦର୍ଶନ କରି ଦଳରୁ ବାଦ ପଡିଥିଲେ। ୨୦୨୨ରେ କର୍ଣ୍ଣାଟକ ଟିମରୁ ବାଦ ପଡିବା ପରେ ସେ ଉପରୋକ୍ତ ପୋଷ୍ଟ କରିଥିଲେ । ଘରୋଇ କ୍ରିକେଟରେ ସେ ବିଦର୍ଭ ପକ୍ଷରୁ ଖେଳିଥିଲେ । ୨୦୨୪ ବିଜୟ ହଜାରେ ଟ୍ରଫିରେ ସେ ୮ଟି ଇନିଂସରେ ୭୭୯ ରନ କରିଥିଲେ । ଏଥିରେ ୫ ଶତକ ସାମିଲ ରହିଛି । ରଣଜୀ ଟ୍ରଫିରେ ମଧ୍ୟ ୯ ମ୍ୟାଚରେ ୮୬୩ ରନ କରିଥିଲେ । ତାଙ୍କ ପ୍ରଦର୍ଶନ ବଳରେ ବିଦର୍ଭ ଟାଇଟଲ ଜିତିଥିଲା । ତାଙ୍କର ଏହି ପ୍ରଦର୍ଶନ ଚୟନ କମିଟିକୁ ପ୍ରଭାବିତ କରିଥିଲା ।

ଏବେ ତାଙ୍କ ନିକଟରେ ଦକ୍ଷତା ପ୍ରତିପାଦିତ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ରହିଛି । ଜୟଦେବ ଉନାଡକଟ ୧୧୮ ଟେଷ୍ଟ ପରେ ଦଳକୁ ପ୍ରତ୍ୟାବର୍ତନ କରି କରୁଣଙ୍କୁ ପଛରେ ପକାଇଛନ୍ତି । ସେହିପରି ଦୀନେଶ କାର୍ତ୍ତିକ ୮୭ ଓ ପାର୍ଥୀବ ପଟେଲ ୮୩ ଟେଷ୍ଟ ପରେ ଦଳକୁ ଫେରିଥିଲେ ।

## ଟ୍ରଫି ସହ ନଜର ଆସିଲେ ସଚିନ-ଆଣ୍ଡରସନ



ଲଣ୍ଡନ,୨୦।୬(ଏଜେନ୍ସି): ଇଂଲଣ୍ଡ-ଇଣ୍ଡିଆ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଏହାର ନାଁ ପଟୌଦୀ ଟ୍ରଫି ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ରିପୋର୍ଟରେ ଦାବି କରାଯାଉ ଥିଲା ଯେ, ଏହି ଶୃଙ୍ଖଳାର ନାଁ ଭାରତର ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ଇଂଲଣ୍ଡର ମହାନ ଦ୍ରୁତ ବୋଲର ଜେମସ୍ ଆଣ୍ଡରସନଙ୍କ ନାଁ ଅନୁସାରେ ରଖାଯିବ । ଏହା ମଧ୍ୟ ଦାବି କରାଯାଉଥିଲା ଯେ , ଉକ୍ତ ସିରିଜର ନାଁ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ହେବ, କିନ୍ତୁ ଇଂଲଣ୍ଡ ଆଣ୍ଡ ଓ୍ୱେଲ୍ସ କ୍ରିକେଟ୍ ବୋର୍ଡ ( ଇସିବି) ଏହାର ନାଁରେ କିଛି ପରିବର୍ତ୍ତନ କରିଛି । ଇସିବି ଓ ବିସିସିଆଇ ମିଶି ଏହାକୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି ।

ଇଣ୍ଡିଆ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯିବାକୁ ଥିବା ପ୍ରତି ଟେଷ୍ଟ ସିରିଜକୁ ଏବେଠାରୁ ଆମେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି କହିବା । ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ ନୂଆ ଟ୍ରଫିର ଉନ୍ମୋଚନ ମଧ୍ୟ କରି ଦେଇଛନ୍ତି । ଏହା ବ୍ୟତୀତ ଏହି କଥା ମଧ୍ୟ ଅଫିସିଆଲି ସ୍ପଷ୍ଟ ହୋଇ ଯାଇଛି ଯେ,ପଟୌଦୀ ପରିବାରର ସମ୍ମାନାର୍ଥେ ଏହି ଟ୍ରଫିକୁ ବିଜେତା ଅଧିନାୟଙ୍କ ପଟୌଦୀ ପଦକ ଦିଆଯିବ । କେବଳ ଇଂଲଣ୍ଡରେ ହିଁ ନୁହେଁ, ଭାରତରେ ମଧ୍ୟ ଏହି ନାଁରେ ଏହି ଟ୍ରଫି ଜଣାଯିବ ଏବଂ ବିଜେତା ଅଧିନାୟକଙ୍କୁ ପଟୌଦୀ ମେଡାଲ ମିଳିବ ।

ଉକ୍ତ ଟ୍ରଫିରେ ଆଣ୍ଡରସନ ଓ ତେନ୍ଦୁଲକରଙ୍କର ଆକ୍ସନର ଫଟୋ ରହିଛି, ଏହାସହ ତାଙ୍କର ସ୍ୱାକ୍ଷର ମଧ୍ୟ ଖୋଦିତ ହୋଇଛି । ଏହା ଖେଳର ସବୁଠୁ ଦୁଇ ମହାନ ଖେଳାଳିଙ୍କ ପାଇଁ ବିସିସିଆଇ ଓ ଇସିବି ପକ୍ଷରୁ ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ।

## ଲେହରେ ସୌଭାଗ୍ୟ

ଭୁବନେଶ୍ୱର,୨୦।୬(ସବ୍ୟୁ): ଲଦାଖର ରାଜଧାନୀ ଲେହରେ ପର୍ବତାରୋହଣ ଉଦ୍ଦେଶ୍ୟରେ ଓଡ଼ିଆ ପୁଅ ସୌଭାଗ୍ୟ କୁମାର ରଥ ପହଞ୍ଚିଛନ୍ତି । ଶନିବାରଠାରୁ ସେ ଲଦାଖର ମର୍ଖା ଭ୍ୟାଲିଠାରେ ଥିବା ଦୁଇଟି ପର୍ବତ ଶୃଙ୍ଗ କ୍ୟାଙ୍ଗୟାଟ୍ ସେ-୧, ଯାହାର ଉଚ୍ଚତା ୬୪୦୦ ମିଟର ଏବଂ କ୍ୟାଙ୍ଗୟାଟ୍ ସେ-୨ ଯାହାର ଉଚ୍ଚତା ୬୨୫୦ ମିଟର, ଏହି ଦୁଇ ପର୍ବତ ଶୃଙ୍ଗକୁ ଆରୋହଣ କରିବାକୁ ଅଭିଯାନ ଆରମ୍ଭ କରିବେ । ଏହି ଦୁଃସାହସିକ ଟିମ୍‌ରେ ବିଭିନ୍ନ ରାଜ୍ୟରୁ ୭ ଜଣ ଏବଂ ୪ ଜଣ ଗାଇଡ୍ ରହିଛନ୍ତି । ତାଙ୍କ ସଫଳତା କାମନା କରାଯାଇଛି ।

## ଯୁନିଟ ଟ୍ରଫି ଜିତିଲେ ରାଜନେତା ଏକାଦଶ

ଖଣ୍ଡପଡ଼ା,୨୦।୬(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମ ପରିସରରେ ଟେନଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ଫାଇନାଲୟୁନିଟ ଟ୍ରଫି (ବନ୍ଧୁତ୍ୱପୂର୍ଣ୍ଣ) ମ୍ୟାଚ ପ୍ରଶାସକ ଏକାଦଶ ଏବଂ ରାଜନେତା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ରାଜନେତା ଏକାଦଶ ପ୍ରଶାସକ ଏକାଦଶକୁ ପରାସ୍ତ କରି ଚଳିତ ବର୍ଷୟୁନିଟ ଟ୍ରଫି ବିଜୟ ହାସଲ କରିଛି । ପ୍ରଥମେ ଟସ୍ ଜିତି ରାଜନେତା ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଓ୍ୱିକେଟହରାଇ ୬୦ ରନ୍ ସଂଗ୍ରହ କରିଥିଲା । ଜବାବରେ ପ୍ରଶାସକ ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୯ଗୋଟି ଓ୍ୱିକେଟ ହରାଇ ୫୯ ରନ୍‌ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ଫଳରେ ଗୁରୁବାର ଦିନ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଜନେତା ଏକାଦଶ ଭଲ ଖେଳ ପ୍ରଦର୍ଶନ କରି ଚଳିତବର୍ଷରୟୁନିଟ ଟ୍ରଫି ବିଜୟ ଆଖ୍ୟା ଅର୍ଜନ କରିଛି । ଫାଇନାଲୟୁନିଟ ଟ୍ରଫି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ଗୋଷ୍ଠୀଚିକିତ୍ସାଧିକାରୀ ଡ଼. ଅଭିଶାର ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ । ଅଶୋକ ରାୟଗୁରୁ ଏବଂ ଅବକାଶ ସାହୁ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ । କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିବା ବେଳେ ସନ୍ତୋଷ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ଫାଇନାଲୟୁନିଟ ଟ୍ରଫି ମ୍ୟାଚରେ ରାଜନେତା ଏକାଦଶ ପକ୍ଷରୁ ଅଧିନାୟକ ତଥାଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଉତ୍ତମ ପରିଚାଳନା ଯୋଗୁ ଖେଳାଳି ମାନେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିବିଜୟ ମୁକୁଟ ପିନ୍ଧିଛନ୍ତି । ଖେଳ ଦେଖିବାକୁ ଷ୍ଟାଡିୟମରେ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା । ଆୟୋଜକ ଟେନଷ୍ଟାର କ୍ଲବର ସଭାପତି ଭବାନି ମହାନ୍ତି, ସମ୍ପାଦକ ପଦ୍ମଲୋଚନ ମହାନ୍ତି, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ଶୁଭମ ପଟ୍ଟନାୟକ, ଶକ୍ତି ପ୍ରସାଦ ମିଶ୍ର, ମୁକେଶ ବେହେରା, ଅଭିଜିତ ବେହେରା, ସୌମ୍ୟରଞ୍ଜନ ସାହୁ, ନୀଳକ= ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

## ଡ୍ର ଆଡେ ଗାଲେ ଟେଷ୍ଟ

ଗାଲେ,୨୦।୬(ଏଜେନ୍ସି): ଶ୍ରୀଲଙ୍କା ଗସ୍ତରେ ଭ୍ରମଣକାରୀ ବାଂଲାଦେଶ ଦଳ ଜମାଣିଆ ପ୍ରଦର୍ଶନ ଦେଖାଇଛି । ତେଣୁ ଗାଲେ ପ୍ରଥମ ଟେଷ୍ଟ ଏବେ ଡ୍ର ଆଡେ ମୁହାଁଇଛି । ପ୍ରଥମ ପାଳିରେ ବାଂଲାଦେଶ ୪୯୫ରନ୍ କରିଥିଲା । ଜବାବରେ ଶ୍ରୀଲଙ୍କା ପ୍ରଥମ ପାଳିରେ ୪୮୫ରନ କରି କଡା ଟକ୍କର ଦେଇଥିଲା । ଚତୁର୍ଥ ଦିନ ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୫୭ ଓଭରରେ ୩ ଓ୍ୱିକେଟ ହରାଇ ୧୭୭ରନ କରିଛି । ଏଥିସହ ଭ୍ରମଣକାରୀ ବାଂଲାଦେଶ ୧୮୭ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି । ମ୍ୟାଚର ଗୋଟିଏ ଦିନ ଖେଳ ବାକି ଥିବା ବେଳେ ଉଭୟ ଦଳ ଆଉଗୋଟିଏ ଲେଖାଏଁ ପାଳି ଖେଳିବା ବାକି ରହିଛି ।

ଚତୁର୍ଥ ଦିନ ଶ୍ରୀଲଙ୍କା ଅସମାପ୍ତ ପାଳି ୩୬୮/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା । କାମିନ୍ଦୁ ମେଣ୍ଡିସ୍ ୩୭ରନ୍ ଓ ଧନଞ୍ଜୟ ଡି ସିଲଭା ୧୭ରନରୁ ପାଳି ଆରମ୍ଭ କରିଥିଲେ ।

କାମିନ୍ଦୁ ମେଣ୍ଡିସ୍ ୮୭ରନ୍ କରିଥିବା ବେଳେ ଡି ସିଲଭା ୧୯ରନ କରି ପାଭିଲିୟନ ଫେରିଥିଲେ । ମିଲନ୍ ରନାୟକେ ୩୯ରନ୍, ପ୍ରଭାତ ଜୟସୂରିୟା ୧୧ ତଥା ଅତିରିକ୍ତ ୧୧ ରନ୍ ସହାୟତାରେ ଶ୍ରୀଲଙ୍କା ୧୩୧.୨ ଓଭରରେ ୪୮୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ବାଂଲାଦେଶର ନଇମ ହାସନ୍ ୫ଟି, ହାସନ୍ ମହମ୍ମଦ ୩ଟି ଓ ତାଇଜୁଲ ଇସ୍ଲାମ ଗୋଟିଏ ଓ୍ୱିକେଟ ଦଖଲ କରିଥିଲେ । ପୂର୍ବରୁ ଶ୍ରୀଲଙ୍କାର ପାଥୁମ ନିଶାଙ୍କ ୧୮୭ରନ୍, ଲାହିରୁ ଉଡାରା ୨୯, ଦିନେଶ ଚାଣ୍ଡିମଲ ୫୪ରନ୍, ଆଞ୍ଜେଲୋ ମାଥ୍ୟୁସ୍ ୩୯ରନ୍ କରିଥିଲେ ।

୧୦ରନର ଇନିଂସ୍ ଅଗ୍ରଣୀ ସହ ବାଂଲାଦେଶ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରିଥିଲା । ଓପନର ସଦମନ୍ ଇସ୍ଲାମ ୭୬ରନ୍, ଅନମୁଲ ହକ୍ ୪ରନ୍, ମୋମିନୁଲ ହକ୍ ୧୪ରନ୍ କରି ପାଭିଲିୟନ ଫେରିଛନ୍ତି । ନାଜମୁଲ ହୁସେନ୍ ସାଣ୍ଟୋ ୧୧୩ ବଲରୁ ୫୬ରନ୍ ଓ ମୁସଫିକର ରହିମ ୪୩ବଲରୁ ୨୨ରନ କରି ଦଳର ବ୍ୟାଟିଂ ମଙ୍ଗ ଧରିଛନ୍ତି । ଷ୍ଟମ୍ପ ଅପସାରଣ ବେଳେକୁ ୫୭ ଓଭରରେ ୧୭୭/୩ରନ ସଂଗ୍ରହ କରିଛି । ଶ୍ରୀଲଙ୍କାର ପ୍ରଭାତ ଜୟସୂରିୟା, ଥାରିନ୍ଦୁ ରନାୟକେ ଓ ମିଲନ୍ ରନାୟକେ ଗୋଟିଏ କରି ଓ୍ୱିକେଟ ସଫଳତା ହାସଲ କରିଛନ୍ତି ।

## ଡେବ୍ୟୁରେ ସୁଦର୍ଶନ ଡକ୍

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହୋଇଛି । ଏହି ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ ଟେଷ୍ଟ କ୍ୟାରିଅର ଆରମ୍ଭ କରିଛନ୍ତି ସାଇ ସୁଦର୍ଶନ । ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଏହି ପ୍ରଥମ ମ୍ୟାଚ୍ ସାଇ ସୁଦର୍ଶନଙ୍କ ପାଇଁ ଦୁଃଖଦ ସ୍ମରଣୀୟ ହୋଇ ରହିବ । ସେ ଡେବ୍ୟୁ ମ୍ୟାଚ୍‌ରେ ଡକ୍ ଅର୍ଥାତ ଶୂନ୍ୟ ରନ୍‌ରେ ଆଉଟ ହୋଇଛନ୍ତି । ୪ଟି ବଲ୍‌ର ସମ୍ମୁଖୀନ ହେବାପରେ ବେନ୍ ଷ୍ଟୋକ୍ସଙ୍କ ଏକ ସୁଇଂ ବଲ୍‌କୁ ଖେଳିବା ପାଇଁ ପ୍ରୟାସ କରି ୱିକେଟରକ୍ଷକ ସ୍ମିଥ୍‌ଙ୍କ ହାତରେ ଧରାପଡ଼ିଥିଲେ। ୨୩ ବର୍ଷୀୟ ବାମହାତୀ ସାଇ ସୁଦର୍ଶନ ଭାରତର ୩୧୭ତମ ଟେଷ୍ଟ ଖେଳାଳି ଭାବେ ଟସ୍ ପୂର୍ବରୁ ଚେତେଶ୍ୱର ପୂଜାରଙ୍କ ହାତରୁ ଟେଷ୍ଟ କ୍ୟାପ୍ ଗ୍ରହଣ କରିଥିଲେ। ସେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲେ। କିନ୍ତୁ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଆଉଟ ହୋଇ ପାଭିଲିୟନ ଫେରିଥିଲେ।



## ଜାତୀୟ ଜୁନିଅର ପିଟ୍ଟୁ ଚାମ୍ପିଅନସିପ୍

# ଓଡ଼ିଶା ତୃତୀୟ, ମଧ୍ୟପ୍ରଦେଶ ବିଜେତା




ଭୁବନେଶ୍ୱର , ୨୦।୬ (ସବ୍ୟୁ): ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ଜୁନିଅର ପିଟ୍ଟୁ ଚାମ୍ପିଅନସିପ୍‌ରେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଛି। ମଧ୍ୟପ୍ରଦେଶ ଚାମ୍ପିଅନ ହୋଇଥିଲାବେଳେ ହରିଆଣା ରନର୍ସଅପ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୯୬/୪୮ ବ୍ୟବଧାନରେ ଉତ୍ତରପ୍ରଦେଶକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପଞ୍ଜାବକୁ ୧୩୦/୩୮ ବ୍ୟବଧାନରେ ପଞ୍ଜାବକୁ, ୧୧୧/୭୨ ବ୍ୟବଧାନରେ ହିମାଚଳପ୍ରଦେଶକୁ ଏବଂ ୮୩/୭୨ ବ୍ୟବଧାନରେ ଉତ୍ତରାଖଣ୍ଡକୁ ହରାଇ ଓଡ଼ିଶା ବାଳକ ଦଳ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ଲାଭ କରିଛି। ମହାରଣା ପ୍ରତାପ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସ୍ୱାଧୀନ ସାମଲଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଅଂଶଗ୍ରହଣ କରିଥିଲା।

ବାଳକ ଦଳରେ ସ୍ୱାଧୀନଙ୍କ ବ୍ୟତୀତ ବାଦଲ ଧିଣ୍ଡା, ଶିବ ବିରୁଆ, ରାହୁଲ ନାଥ, ପ୍ରଶାନ୍ତ ସାହୁ, ଚନ୍ଦନ ଆଚାରୀ, ମହମ୍ମଦ ସାହିଲ, ତେଜସ ମହାରଣା ଉଚ୍ଚକୋଟିର ପ୍ରଦର୍ଶନ କରି ଓଡ଼ିଶା ଦଳ ପାଇଁ ଏହି ଐତିହାସିକ ସଫଳତା ଆଣି ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶା ଜାତୀୟ ଜୁନିଅର ପିଟ୍ଟୁ ଚାମ୍ପିଅନସିପ୍‌ରେ ପଦକ ସଫଳତା ଲାଭ କରିଛି।

ସୂଚନା
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରେଣୀଗତ ବିଜ୍ଞାପନ ଦେବାକୁ ଚାହୁଁଥିବା ବନ୍ଧୁମାନେ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି